ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୪
୧୧ ଡିସେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 184
11th December, 2025 Thursday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇଶା ବାସ୍ୟମିଦଁ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

**ଅମ୍ବିକା ପ୍ରସାଦ ଦାସଙ୍କ**
**'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ**

**ସବୁଠି ଫାନ୍ଦ: କହିବା କାହାକୁ ଶୁଣିବ କିଏ**

# ବିଷଧର ଜନ୍ତୁ ଓ ପଶୁଙ୍କୁ କାବୁ କରିବେ ଶିକ୍ଷକ !

**ରାୟପୁର,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଶିକ୍ଷକଙ୍କ ପାଇଁ ଏକ ନୂତନ ନିର୍ଦ୍ଦେଶ ଜାରି କରିଛନ୍ତି ଛତିଶଗଡ଼ ସରକାର। ଏହି ନିର୍ଦ୍ଦେଶ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଳାସପୁର କାର୍ଯ୍ୟାଳୟ ଦ୍ୱାରା ଜାରି ହୋଇଛି। ରାଜ୍ୟର ସରକାରୀ ସ୍କୁଲରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ବିଷଧର ଜନ୍ତୁ ଓ ପ୍ରାଣୀମାନଙ୍କ ମୁକାବିଲା କରିବାକୁ ବାଧ କରାଯାଇଛି। ଏହି ନୂତନ ନିର୍ଦ୍ଦେଶ ପୁଣି ଥରେ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି।

ବିଳାସପୁର ଜିଲ୍ଲା ଶିକ୍ଷା ଅଧିକାରୀ ଏହି ନିର୍ଦ୍ଦେଶ କୋର୍ଟଙ୍କ ସୁରକ୍ଷା ସମ୍ବନ୍ଧିତ ଆଦେଶକୁ ଦର୍ଶାଇ ଜାରି କରିଛନ୍ତି। ଚିଠିରେ ସ୍କୁଲଗୁଡ଼ିକରେ ସୁରକ୍ଷା ମାନଦଣ୍ଡକୁ ଆହୁରି ସୁଦୃଢ଼ କରାଯିବା ଆବଶ୍ୟକ ବୋଲି ଉଲ୍ଲେଖ ରହିଛି। ଏଥିସହିତ ଅନେକ ଅଞ୍ଚଳରେ ସ୍କୁଲଗୁଡ଼ିକ ଖୋଲା ପଡ଼ିଆ, ଜଙ୍ଗଲ କିମ୍ବା ଜନବସତିଠାରୁ ଦୂରରେ ଅବସ୍ଥିତ, ଯେଉଁଠାରେ ପଶୁ ଏବଂ ବିଷାକ୍ତ ପ୍ରାଣୀଙ୍କ ବିପଦ ଅଧିକ ରହିଥାଏ। ଏଭଳି ପରିସ୍ଥିତିରେ ଶିକ୍ଷକମାନଙ୍କୁ ଉକ୍ତ ଜନ୍ତୁଗୁଡ଼ିକର ସାମ୍ନା କରିବା ପାଇଁ ନିର୍ଦ୍ଦେଶ ହୋଇଛି।



ଛତିଶଗଡ଼ ସରକାରୀ ଶିକ୍ଷକମାନଙ୍କୁ ଏହି ନିର୍ଦ୍ଦେଶ ସିଭିଲ୍ ନଂ ୦୫/୨୦୨୫ ଅନୁଯାୟୀ ଜାରି କରାଯାଇଛି। ଏହି ନିର୍ଦ୍ଦେଶ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଏବଂ ସରକାରୀ/ବେସରକାରୀ/ସହାୟତାପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଠାଯାଇଛି।

ଜାରି ହୋଇଥିବା ନୂତନ ନିର୍ଦ୍ଦେଶ ପରେ ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଏହାକୁ ଅବାସ୍ତବ ବୋଲି କହି କହିଛନ୍ତି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଗୁଜରାଟରେ ନିର୍ଭୟା ଘଟଣା

**ରାଜକୋଟ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଅତ୍ୟନ୍ତ ଭୟଙ୍କର, ଲୋମହର୍ଷଣକାରୀ ଓ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ୬ ବର୍ଷର ଝିଅକୁ ଦିଆଯାଇଛି ଅମାନବୀୟ ନିର୍ଯାତନା। ଜଣେ ୩୫ ବର୍ଷୀୟ ବ୍ୟକ୍ତି ପ୍ରଥମେ ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲା। ହେଲେ ଏଥିରେ ସେ ବିଫଳ ହେବାରୁ ନାବାଳିକାଙ୍କ ଗୁପ୍ତାଙ୍ଗରେ ପୂରାଇ ଦେଇଛି ରଡ।

ଘଟଣାକୁ ନେଇ ଗୁଜରାଟର ରାଜକୋଟରେ ପ୍ରବଳ ଉତ୍ତେଜନା ଦେଖାଯାଇଛି। ନାବାଳିକା ଜଣଙ୍କ ହସ୍ପିଟାଲରେ ଜୀବନ ମରଣ ସହ ସଂଘର୍ଷ କରୁଥିବା ବେଳେ ପୁଲିସ୍ ଅଭିଯୁକ୍ତ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଜଣେ ଦିନ ମଜୁରିଆ।



ଏହି ଘଟଣା ଅଟକୋଟରେ ଘଟିଛି। ଏଠାରେ ଦାହୋଡର ଗୋଟିଏ ପରିବାର କୃଷି କ୍ଷେତରେ ଶ୍ରମିକ ଭାବେ କାମ କରୁଥିଲେ। ପରିବାରର ୬ ବର୍ଷର ଝିଅ ଡିସେମ୍ବର ୪ରେ କ୍ଷେତ ନିକଟରେ ଖେଳୁଥିବା ବେଳେ ତା'ର ବାପା ମା' ନିକଟରେ କାମ କରୁଥିଲେ। ବାପା ମା' କ୍ଷେତ କାମରେ ବ୍ୟସ୍ତ ଥିବାବେଳେ ଜଣେ ଅଜଣା ବ୍ୟକ୍ତି ନାବାଳିକାଙ୍କୁ ଅପହରଣ କରିନେବା ସହ ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲା। ନାବାଳିକା ଜଣଙ୍କ ଭୟଙ୍କରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅମାନିଆ ସରକାରୀବାବୁଙ୍କ ଉପରେ କୋର୍ଟ ଛାଟ
# ତହସିଲଦାରଙ୍କ ଗାଡ଼ି ଅଫିସ୍ ଜବତ

**ଢେଙ୍କାନାଳ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଜମି ଅଧିଗ୍ରହଣ ଟଙ୍କା ନ ଦେବାରୁ ଜବତ ହେଲା ତହସିଲଦାରଙ୍କ ଗାଡ଼ି ଓ ଅଫିସ ଆସବାବପତ୍ର। ଢେଙ୍କାନାଳ ସହରର ବାଜିଚୌକ ସ୍ଥିତ ସତ୍ୟବାଦୀ ବେହେରାଙ୍କ ଆବେଦନର ଶୁଣାଣି କରି ସିଭିଲ୍ କୋର୍ଟ ଜଜ୍



ଏହି ନିର୍ଦ୍ଦେଶ ଦେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ତେବେ ଗାଡି ସିଲ୍ ବେଳେ ତହସିଲଦାର ସ୍ୱାଧୀନ ବେହେରା ଅଫିସ୍‌ରେ ଥିଲେ। କିନ୍ତୁ ଆକ୍ସନକୁ ଦେଖି ଅଫିସ୍ ପଛ ପଟ ଦେଇ ଖସି ଯାଇଥିଲେ ତହସିଲଦାରଙ୍କ ସହ ଅନ୍ୟ କର୍ମଚାରୀ। କୋର୍ଟ କର୍ମଚାରୀ ଜଗି ରହିଥିଲେ ମଧ୍ୟ ଅଫିସ ଖାଲି ରହିଥିବା ଦେଖାଯାଇଥିଲା।

ସୂଚନା ଅନୁଯାୟୀ ଢେଙ୍କାନାଳ ବାଜିଚୌକ ନିକଟ ରେଲୱେ ଫ୍ଲାଇ ଓଭର୍ ବ୍ରିଜ ପାଇଁ ହୋଇଥିଲା ଜମି ଅଧିଗ୍ରହଣ। ଏଥିରେ ସ୍ୱର୍ଗତ ସତ୍ୟବାଦୀ ବେହେରାଙ୍କ ପ୍ରାୟ ୧୨ଡେସିମିଲ ଜାଗା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଫୋନ୍ ପାଇଁ ଟଙ୍କା ନଦେବାରୁ ବାପାକୁ ହତ୍ୟା

**ମୁକୁନ୍ଦପୁର,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା ଚାନ୍ଦିଲି ଥାନା ଅଧିନ ମୁକୁନ୍ଦପୁର ଫାଣ୍ଡି ଅନ୍ତର୍ଗତ କୈଳାଶପୁର ପଞ୍ଚାୟତର ଲାଲିବି ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ମୋବାଇଲ ଫୋନ୍ କିଣିବା ପାଇଁ ଟଙ୍କା ନ ଦେବାରୁ ଉତ୍କ୍ଷିପ୍ତ ହୋଇ ପୁଅ ନିଜ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରି ଅଧିକ ପଚରାଉଚରା କରିଛି।

ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଚମ୍ପା କାଡ୍ରାକାଙ୍କ ଏତଲା ମୁତାବକ, ମଙ୍ଗଳବାର ଲାଲିବି ଗ୍ରାମର ଭୀମା କାଡ୍ରାକା (୪୫)ଙ୍କୁ ତାଙ୍କ ପୁଅ ଉଦୟ କାଡ୍ରାକା (୨୦) ଏକ ମୋବାଇଲ ଫୋନ କିଣିବା ନିମନ୍ତେ ଟଙ୍କା ମାଗିଥିଲା। ଭୀମା ଏବେ ଟଙ୍କା ନାହିଁ, ମୋବାଇଲ ଫୋନ କିଣିବାକୁ କେଉଁଠୁ ଟଙ୍କା ଆଣି ତତେ ଦେବି ବୋଲି କହିଥିଲେ। ଏହା ପରେ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏତିକିରେ ଅଭିଯୁକ୍ତ ଉଦୟ ଶାନ୍ତ ହୋଇ ନଥିଲା। ଗତକାଲି ରାତିରେ ଖାଇସାରି ଲାଲିବି ଗ୍ରାମ ଠାରୁ କିଛି ଦୂରରେ ଥିବା ତାଙ୍କ କୁଡିଆ ଘରେ ଭୀମା ଶୋଇଥିବା ବେଳେ ପୁଅ ଉଦୟ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ମୃତ ଭୀମାଙ୍କ ମୁଣ୍ଡ, ଛାତି, ପଛ ବେକ, କାନ୍ଧ ଓ ପିଠିରେ ହାଣି ହତ୍ୟା କରିଥିଲା। ମୋଟ ୭ଟି ସ୍ଥାନରେ କ୍ଷତ ଚିହ୍ନ ରହିଛି। ଫଳରେ ଘଟଣାସ୍ଥଳରେ ହିଁ ଭୀମାର ପ୍ରାଣବାୟୁ ଉଡି ଯାଇଥିଲା।

ହତ୍ୟାକାଣ୍ଡ ଘଟାଇବା ପରେ ଏକ ଦଉଡିରେ ମୃତ ବ୍ୟକ୍ତିଙ୍କ ବେକରେ ଘୋଷାରି କୁଡିଆ ଠାରୁ ୫୦ ମିଟର ଦୂର ସୂର୍ଯ୍ୟମୁଖି ବାଡ଼ରେ ପୋତି ଦେବାକୁ ନେବା ବେଳେ କୌଣସି କାରଣରୁ ଶବକୁ ସେହି ବାଡ଼ରେ ଛାଡି ଦେଇ ବହୁ ଚତୁରତାର ସହିତ ରକ୍ତ ଭିଜା ନିଜ ପିନ୍ଧିଥିବା ପୋଷାକକୁ ବଦଳେଇ ଗାଈ ଜଗିବା ପାଇଁ ଚାଲି ଯାଇଥିଲା। ପରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଚମ୍ପା ଲାଲିବି ଗ୍ରାମରେ ଥିବା ଘରୁ ନିଜ କୁଡିଆକୁ ଯାଇ ଦେଖିଲା ବେଳକୁ ଚାରିଆଡ଼େ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ପାଇଥିଲେ କିନ୍ତୁ ତାଙ୍କ ସ୍ୱାମୀଙ୍କୁ ପାଇ ନଥିଲେ।

ଅଭିଯୁକ୍ତ ପୁଅ ମୃତଦେହ ଘୋଷାରି ନେଇଥିବା ରକ୍ତ ଚିହ୍ନକୁ ଦେଖି ଦେଖି ବାଡରେ ପହଞ୍ଚିଲା ବେଳକୁ ନିଜ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ସେଠାରେ ପଡ଼ିଥିବା ଦେଖିବାକୁ ପାଇଥିବା ଏତଲାରେ ଦର୍ଶାଇଛନ୍ତି। ସଙ୍ଗେସଙ୍ଗେ ଲାଲିବି ଗାଁ ଲୋକଙ୍କୁ ଜଣେଇଥିଲେ। ପରେ ମୁକୁନ୍ଦପୁର ଫାଣ୍ଡିରେ ଏକ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ଉମାଶଙ୍କର ତ୍ରିପାଠୀ ପୁଲିସ ଟିମ୍ ସହିତ ସେଠାରେ ପହଞ୍ଚି ଗାଁ ଲୋକଙ୍କୁ ପଚରାଉଚରା କରି ଅଭିଯୁକ୍ତ ଉଦୟକୁ ଧରି ଥାନାକୁ ଜଣାଇଥିଲେ। ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଅନ୍ୟପଟେ ଏହି ହତ୍ୟାକାଣ୍ଡ ପରେ ଲାଲିବି ଗ୍ରାମରେ ଶୋକରଛାୟା ଖେଳି ଯାଇଛି।

# ୭ ଜିଲ୍ଲାକୁ ଶୀତ ଲହରି ପାଇଁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା। ଶୀତର ଲହରୀ ଜାରି ରହିଥିବାବେଳେ ଆହୁରି ୩ଦିନ ଯାଏଁ ଶୀତ କଲବଲ କରିବ। ଡିସେମ୍ବର ୧୨ ଯାଏଁ ପ୍ରବଳ ଶୀତର ସମ୍ଭାବନା ଥିବାବେଳେ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଶୀତ ଲହରୀ ବା କୋଲ୍ଡ ୱେଭ୍ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ତାରିଖ ଯାଏଁ ଶୀତ ଲହରୀ ଜାରି ରହିବ। ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ଝାରସୁଗୁଡା, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟ ୭ଟି ଜିଲାକୁ କୋଲ୍ଡ ୱେଭ୍ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବାବେଳେ ଆସନ୍ତା ୭ ଦିନ ଦିନ ଯାଏଁ ପାଗ ଶୁଖିଲା ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା *(ଶେଷ ପୃଷ୍ଠା ଦେଖନ୍ତୁ)*

# 'ମୁଁ ମୋ ଭାଷଣର କ୍ରମ ସ୍ଥିର କରିବି, ଆପଣ ନୁହେଁ'

**ନୂଆଦିଲ୍ଲୀ,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକସଭାରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ବୁଧବାର ବିରୋଧୀଙ୍କ ଉପରେ ଶାଣିତ ସ୍ୱରରେ ନିଶାଣ କରିଛନ୍ତି। ଦେଶରେ ମତଦାତା ସୂଚୀର ଏସ୍‌ଆଇଆରକୁ ନେଇ ମିଛ ପ୍ରଚାର କରୁଥିବା ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍‌କୁ ନେଇ ଅମିତ୍ ଶାହ କହିଛନ୍ତି ଯେ ୨୦୦୪ ଯାଏ ଏହାକୁ କେହି ବିରୋଧ କରିନଥିଲେ, କିନ୍ତୁ ଏବେ ବିରୋଧ ହେଉଛି। ଏହାରି ଭିତରେ ରାହୁଲ ଗାନ୍ଧୀ ଓ ଅମିତ୍ ଶାହଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଅମିତ ଶାହ ନିର୍ବାଚନ ସଂସ୍କାର ଉପରେ କହିବା ବେଳେ ରାହୁଲ ଗାନ୍ଧୀ ଏସ୍‌ଆଇଆର୍ ଉପରେ ସାମ୍ବାଦିକ ସମ୍ମିଳନୀରେ ଗୃହମନ୍ତ୍ରୀଙ୍କୁ ବିତର୍କ ପାଇଁ ଚ୍ୟାଲେଞ୍ଜ କରିଥିଲେ। ଏହି ସମୟରେ, ଅମିତ ଶାହ କହିଥିଲେ, 'ଗତ ୩୦ ବର୍ଷ ହେଲା ମୁଁ ସଂସଦ କିମ୍ବା ବିଧାନସଭାକୁ ନିର୍ବାଚିତ ହେଉଛି, ଏହା କେବେ ଘଟିନାହିଁ।' ସେ ଆହୁରି ମଧ କହିଥିଲେ, 'ମୁଁ ମୋର ଭାଷଣର କ୍ରମ ସ୍ଥିର କରିବି, ଆପଣ ନୁହେଁ।'



**ରାହୁଲଙ୍କ ବିତର୍କ ଚ୍ୟାଲେଞ୍ଜ ଉପରେ ଶାହଙ୍କ ଜବାବ**

ଏହା ପରେ ରାହୁଲ ଗାନ୍ଧୀ ପୁଣି ଠିଆ ହୋଇ କହିଥିଲେ ଯେ ଗୃହମନ୍ତ୍ରୀ ଭୟଭୀତ ଉତ୍ତର ଦେଇଛନ୍ତି, ଏହା ସତ ଉତ୍ତର ନୁହେଁ। ଏହା ପରେ ତୁରନ୍ତ ଅମିତ ଶାହ କହିଥିଲେ ଯେ ମୁଁ ଆପଣଙ୍କ ମୁହଁରେ ଚିନ୍ତା ଦେଖିଛି, ମୁଁ ଆପଣଙ୍କ ଦ୍ୱାରା ଉତ୍ତେଜିତ ହେବି ନାହିଁ ଏବଂ ମୋ ନିଜସ୍ୱ ଶୈଳୀରେ କହିବି। ଅମିତ୍ ଶାହ କହିଥିଲେ, ମୋର ଭାଷଣ ମୋ ଇଚ୍ଛା ଅନୁସାରେ ଚାଲିବ। ଆପଣ ବିରୋଧୀ ଦଳର ନେତା, ଆପଣଙ୍କର କହିବାର ଅଧିକାର ଅଛି କିନ୍ତୁ ମୁଁ ବୁଝିପାରୁଛି ଯେ ସେ ଏହା କାହିଁକି କହୁଛନ୍ତି। ଅମିତ ଶାହ କହିଲେ ଯେ ଆପଣ ମଧ୍ୟ ଆମ କଥା ଶୁଣିବା ଉଚିତ, ଆମେ ଗତକାଲି ଆପଣ କହିବା ବେଳେ ଠିଆ ହୋଇ କହି ନଥିଲୁ ଯେ ଆପଣ ମିଛ କହୁଛନ୍ତି।

ଅମିତ୍ ଶାହ କହିଥିଲେ, 'ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୫ ନଭେମ୍ବର, ୨୦୨୫ରେ ସାମ୍ବାଦିକ ସମ୍ମିଳନୀରେ ଏକ ପରମାଣୁ ବୋମା ବିସ୍ଫୋରଣ କରିଥିଲେ। ସେହି ପରମାଣୁ ବୋମାରେ ସେ ଦାବି କରିଥିଲେ ଯେ ହରିୟାଣାର ଗୋଟିଏ ଘରେ ୫୦୧ ଭୋଟ ପଡ଼ିଥିଲା। ନିର୍ବାଚନ କମିଶନ ସ୍ପଷ୍ଟ କରିଥିଲେ ଯେ ୨୬୫ ନମ୍ବର ଘର ଏକ ଛୋଟ ଘର *(ଶେଷ ପୃଷ୍ଠା ଦେଖନ୍ତୁ)*

# ମହିଳାଙ୍କ ବିଷୟରେ ଅନିରୁଦ୍ଧାଚାର୍ଯ୍ୟଙ୍କ ଆପତ୍ତିଜନକ ମନ୍ତବ୍ୟ

**ନୂଆଦିଲ୍ଲୀ,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଧ୍ୟାତ୍ମିକ ଗୁରୁ ଅନିରୁଦ୍ଧାଚାର୍ଯ୍ୟ ମହିଳାମାନଙ୍କ ବିଷୟରେ ଦେଇଥିବା କିଛି ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିବାଦ ଘେରକୁ ଆସିଛନ୍ତି। ଏହି ମାମଲାରେ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ (ସିଜେଏମ) କୋର୍ଟ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରିଛନ୍ତି।

ଗତ ଅକ୍ଟୋବର ମାସରେ ଅନିରୁଦ୍ଧାଚାର୍ଯ୍ୟଙ୍କ ଏକ ଭିଡିଓ ଭାଇରାଲ୍ ହୋଇଥିଲା, ଯେଉଁଥିରେ ସେ ଯୁବତୀ ଏବଂ ବିବାହ ବିଷୟରେ ମନ୍ତବ୍ୟ ଦେଇଥିଲେ। ତାଙ୍କର ମନ୍ତବ୍ୟ ମହିଳାମାନଙ୍କୁ ଅପମାନିତ କରୁଥିବା ଅଭିଯୋଗ ହୋଇଥିଲା ଏବଂ ସୋସିଆଲ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୯ ହଜାର ଏକର ଜମିରେ ବିଡିଏର ଟାଉନ ପ୍ଲାନିଂ

**ଭୁବନେଶ୍ୱର,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଉପକଣ୍ଠ ଅଞ୍ଚଳରେ ରାସ୍ତା, ଡ୍ରେନେଜ, ଜଳଯୋଗାଣ ଭଳି ଭିତ୍ତିଭୂମିର ନିର୍ମାଣ କରିବ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ମୋଟ୍ ୯୦୦୦ ଏକର ଜମିରେ ବିଡ଼ିଏର ଟାଉନ ଛିଡା ହେବ। ଭୁବନେଶ୍ୱର ଗୋହିରିଆ ଛକ ନିକଟରେ ରହିଛି ଏହି ଯୋଜନା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ସଂପୃକ୍ତ ଅଞ୍ଚଳକୁ ଯାଇ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଟାଉନ ପ୍ଲାନ୍-୧ରେ ସହଜପୁର, ନରୋଗଦା, ଶିଜିପୁର, ପାଇକରାପୁର, ଟାଉନ ପ୍ଲାନ୍-୨ରେ ବିଜିପୁର, ତମାଣ୍ଡୋ, ଟାଉନ ପ୍ଲାନ୍-୩ରେ ପାଇକରାପୁର, ନୂଆଗାଁ, ଏବଂ ଟାଉନ ପ୍ଲାନ୍-୪ରେ ଶ୍ୟାମସୁନ୍ଦରପୁର ଅର୍ଥାତ ନନ୍ଦନକାନନ ପାଖରେ ରହିଛି।

ଏହି ଟିପି ଯୋଜନାରେ ୬୦/୪୦ ଅନୁପାତରେ ଏହି ପ୍ରକଳ୍ପକୁ ପୁରା କରିବ ବିଡ଼ିଏ। ସମୁଦାୟ ଜମିର ୬୦ ପ୍ରତିଶତ ଜମି ମୂଳ ମାଲିକଙ୍କୁ ଫେରାଇବ ବିଡ଼ିଏ। ଅବଶିଷ୍ଟ ୪୦ ପ୍ରତିଶତ ଜମିରେ ବିଡ଼ିଏ ରାସ୍ତା, ଡ୍ରେନ, ସ୍ୱେରେଜ୍ ଇତ୍ୟାଦି ତିଆରି କରିବ। ଏଭଳି ହେଲେ ଭୁବନେଶ୍ୱର ଉପକଣ୍ଠରେ ଜମି କିଣାବିକା ସହଜ ହେବ। ଫଳରେ ରାଜ୍ୟର ବିଭନ୍ନ ସ୍ଥାନରୁ ଆସି ଭୁବନେଶ୍ୱରରେ ଘର କରି ରହିବାକୁ ଚାହୁଁଥିବା ଲୋକଙ୍କ ସ୍ୱପ୍ନ ସତ ହେବ ବୋଲି ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି।

ଦିନ ବଦଳିବା ସାଙ୍ଗକୁ ରାଜଧାନୀରେ ବଢୁଛି ଲୋକଙ୍କ ଭିଡ଼। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ପରିସୀମାକୁ ଆହୁରି ପରିବ୍ୟାପ୍ତ କରୁଛନ୍ତି ରାଜ୍ୟ ସରକାର। ମନ୍ତ୍ରୀ ଡଃ ମହାପାତ୍ର ଆଜି ଏହି ସବୁ ଅଞ୍ଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ପଦାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ଦିଲ୍ଲୀରେ ଅଳିଆ ପୋଡ଼ିଲେ ୫୦୦୦ ଜରିମାନା

**ନୂଆଦିଲ୍ଲୀ,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା ଭୟଙ୍କର ସ୍ତରରେ ପହଞ୍ଚିଛି। ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିବା ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଅନେକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷ କରି ଖୋଲା ସ୍ଥାନରେ ନିଆଁ ଜାଳିବା, ଆବର୍ଜନା ପୋଡ଼ିବା ଏବଂ ବ୍ୟବସାୟିକ ଅନୁଷ୍ଠାନରେ କୋଇଲା ବ୍ୟବହାର ଉପରେ କଡ଼ା କଟକଣା ଲଗାଯାଇଛି।

ସରକାରଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବର୍ତ୍ତମାନ ଖୋଲା ସ୍ଥାନରେ ଅଳିଆ ଆବର୍ଜନା ପୋଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ଜିଲ୍ଲା ପ୍ରଶାସନ ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ (ଏମ୍‌ସିଡି) ପକ୍ଷରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ମୁଖ୍ୟମନ୍ତ୍ରୀ ନାଗରିକମାନଙ୍କୁ ନିବେଦନ କରିଛନ୍ତି ଯେ, ସମସ୍ତେ ମିଳିମିଶି ଏହି ନିୟମ ପାଳନ କରନ୍ତୁ ଏବଂ ପ୍ରଦୂଷଣ ହ୍ରାସ କରିବାରେ ପ୍ରଶାସନକୁ ସାହାଯ୍ୟ କରନ୍ତୁ।

କେବଳ ଆବର୍ଜନା ନୁହେଁ, ବାୟୁ ଗୁଣବତ୍ତା ସୁଧାରିବା ପାଇଁ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ଉପରେ ମଧ କଟକଣା ଜାରି କରାଯାଇଛି। ଦିଲ୍ଲୀର ସମସ୍ତ ହୋଟେଲ, ଢାବା ଏବଂ ଖୋଲା ଖାଦ୍ୟ ଷ୍ଟଲ୍‌ରେ ତନ୍ଦୁର ପାଇଁ କୋଇଲା କିମ୍ବା କାଠ ଜାଳିବାକୁ ବାରଣ କରାଯାଇଛି। ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି ଏହି ନିର୍ଦ୍ଦେଶ ଜାରି କରି ସ୍ପଷ୍ଟ କରିଛି ଯେ ଖାଦ୍ୟ ପ୍ରସ୍ତୁତି ପାଇଁ କୋଇଲା ଏବଂ କାଠର ବ୍ୟବହାର ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବଢ଼ାଇବାର ଏକ ମୁଖ୍ୟ କାରଣ *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜଧାନୀର ରାତିରେ ବଢୁଛି ନିଶାଡ଼ିଙ୍କ ଉତ୍ପାତ

**ଭୁବନେଶ୍ୱର,୧୦।୧୨: ତଥ୍ୟ**

ରାଜଧାନୀରେ ରାତିରେ ଥଣ୍ଡା ବଢିବା ସହିତ ନିଶାଡିଙ୍କ ଉତ୍ପାତ ମଧ ବଢିବାରେ ଲାଗିଛି। ରାତି ୧୧ଟା ପରେ ବିଭିନ୍ନ ସ୍ଥାନରେ ନିଶାଡିମାନେ ରାସ୍ତାରେ ଖୁଲମ ଖୁଲା ବୁଲିବା ସହିତ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରୁଥିବା ଦେଖିବାକୁ ମିଳୁଛି। ସହରସାରା ସିସିଟିଭି ଲାଗିଥିବାରୁ ଏଭଳି ଉତ୍ପାତିଆଙ୍କୁ ତୁରନ୍ତ ଧରି ସାବାଡ ଲାଗି ମତପ୍ରକାଶ ପାଉଛି।

ରାଜଧାନୀର ପ୍ରମୁଖ ଛକଗୁଡିକରେ ରାତି ୧୦ଟା ପରେ ସାଧାରଣତଃ ଟ୍ରାଫିକ କର୍ମଚାରୀ ରହୁନାହାନ୍ତି କିମ୍ବା ଟ୍ରାଫିକ ଲାଇଟ୍ ବି ଜଳୁନାହିଁ । ଏହାର ସୁଯୋଗ ନେଇ ନିଶାଡିମାନେ ରାସ୍ତାକୁ ବାହାରୁଛନ୍ତି। ସହରର ଅନ୍ୟ କେଉଁସ୍ଥାନ ତ ଦୂରରକଥା ପୁଲିସ୍ କମିଶନରଙ୍କ ଦପ୍ତର ନିକଟରେ ଥିବା ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଏବେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡିଚାଳନା କରୁଛନ୍ତି। ଏମାନଙ୍କ ସାମ୍ନାରେ ଯିଏ ପଡୁଛି ତାହାକୁ ଅତି ଅଶ୍ରାବ୍ୟ ଭାଷାରେ ଗାଳି କରୁଛନ୍ତି। ସହରରେ ସଂଧ୍ୟା ସମୟରେ ବିଭିନ୍ନ ସ୍ଥାନରେ ପିସିଆର ପଇଁତରା ମାରୁଥିବାରୁ ନିଶାଡିମାନେ ରାସ୍ତାରେ ଏଭଳି ଆଚରଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ହେଲେ ପିସିଆର ରାସ୍ତା ପଳାଇବା ଓ ରାସ୍ତା ଶୂନଶାନ ହେଲାପରେ ଏମାନଙ୍କ ଉତ୍ପାତ ଆରମ୍ଭ ହୋଇଯାଉଛି। ଏହି ନିଶାଡିମାନେ ମୁଖ୍ୟତଃ ଦୁଇ ଚକିଆ ଯାନ ଧରି ରାସ୍ତାକୁ ଓହ୍ଲାଉଛନ୍ତି ଓ ଅତ୍ୟନ୍ତ ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି।

ଆଇନ୍‌ଶୃଙ୍ଖଳା ରକ୍ଷା ଲାଗି କମିଶନରେଟ ପୁଲିସ୍ ନିକଟରେ ଚାରି ଚକିଆ ଓ ଦୁଇ ଚକିଆ ପିସିଆର ଥିବାବେଳେ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଛି। ସିଟିଟିଭି ଦେଖି କମିଶନରେଟ ପୁଲିସ୍ ଚାଳକମାନଙ୍କ ଠାରୁ ଫାଇନ୍ ବି ଆଦାୟ କରୁଛି । ହେଲେ ରାତି ସମୟରେ କାହିଁକି ଏହି ନିଶାଡିମାନଙ୍କୁ ପୁଲିସ୍ ଜବତ କରୁନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଆଗକୁ ବଡଦିନ ଓ ତା ପରେ ନୂଆବର୍ଷ ଆସୁଥିବାରୁ ଏବେଠାରୁ ପୁଲିସ୍ ସତର୍କ ନହେଲେ ନିଶାଡିମାନେ ଆଗକୁ ବଡ ଧରଣର ଅଘଟଣ ଘଟାଇବାର ସମ୍ଭାବନା ରହିଛି । ବିଶେଷକରି ବିଳମ୍ବିତ ରାତିରେ ଜରୁରୀ କାମ ବିଶେଷକରି ଡାକ୍ତରଖାନା, ବିମାନବନ୍ଦର, ରେଳଷ୍ଟେସନ ଯାଉଥିବା ଲୋକଙ୍କୁ ଏମାନେ ଏବେ ଗାଳିଗୁଲଜ କରୁଥିବାବେଳେ ଆଗକୁ ସାହସ ପାଇ ଲୁଟ୍‌ପାଟ କରିବାକୁ ବି ପଛାଇବେ ନାହିଁ ।

ସେହିଭଳି ବର୍ଷ ସରିବାକୁ ଯାଉଥିବାବେଳେ ରାଜଧାନୀର ବିଭିନ୍ନ ମଦ ଦୋକାନ ନିକଟରେ ସଂଧ୍ୟା ସମୟରେ ବ୍ୟାପକ ଭିଡ ପରିଲକ୍ଷିତ ହେଉଛି। ନିଶାଡିଙ୍କ ସମେତ ଅପରାଧୀମାନେ ଏଠାରେ ଭିଡ ଜମାଉଛନ୍ତି। ହାଟ, ବଜାର ନିକଟରେ ଥିବା ମଦଦୋକାନ ବାଟ ଦେଇ ସଂଧ୍ୟା ସମୟରେ ଯିବାକୁ ଲୋକେ ଭୟ କରୁଛନ୍ତି । ତେଣୁ ଲୋକଙ୍କ ଯାତାୟତ ସମୟରେ ମଦ ଦୋକାନ ଆଖପାଖରେ ପୁଲିସ୍ ପଇଁତରା ମାରିବା ସହିତ ଏହିଠାରେ ନଜର ରଖିଲେ ବହୁ ଅପରାଧି ଧରାପଡିବେ ବୋଲି କୁହାଯାଉଛି ।

ତେବେ ରାଜଧାନୀରେ ଏବେ ପୁଲିସ୍ ପିସିଆରଗୁଡିକ ଅଧିକାଂଶ ସମୟରେ ଗଳି କନ୍ଦି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଛିଡାହୋଇ ରହୁଥିବାବେଳେ ଏଗୁଡିକ କାହିଁକି ନିୟମିତ ପଇଁତରା ମାରୁନାହାନ୍ତି ଓ ଯେଉଁସବୁ ପିସିଆର ପଇଁତରା ମାରୁଛନ୍ତି ସେମାନଙ୍କ ନଜରରେ କିଭଳି ଏହି ନିଶାଡି ଉତପାତିଆମାନେ ପଡୁନାହାନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି । ତେଣୁ ବଡ ଦିନ ଓ ନୂଆବର୍ଷ ପୂର୍ବରୁ ସିସିଟିଭି ଜରିଆରେ ସହର ଉପରେ ୨୪ ଘଣ୍ଟା ନଜର ରଖିବା ସହି ପୁଲିସ୍ ପଇଁତରା ବ୍ୟବସ୍ଥାକୁ କଡାକଡି କରିବାପାଇଁ ସାଧାରଣରେ ମତପ୍ରକାଶ ପାଉଛି।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୧ ଡିସେମ୍ବର ୨୦୨୫ । ଗୁରୁବାର


# ଧାନ ଜମିରେ ଚାଷୀଙ୍କ ମୃତ୍ୟୁ



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢ଼େଙ୍କାନାଳ କାମାକ୍ଷାନଗର ଥାନା ପଲ୍ଲୀସାନ୍ତରାପୁର ଗ୍ରାମରେ ଜଣେ ମଞ୍ଚା ଜଗିବାକୁ ଯାଇଥିବା ଚାଷୀର ମୃତ୍ୟୁ ହୋଇଥିବା ବେଳେ ସୋମବାର ପୂର୍ବାହ୍ନରେ ପଡୋଶୀ ଚାଷୀ ଦେଖିଥିଲେ । ପଲ୍ଲୀସାନ୍ତରାପୁର ଗ୍ରାମର ଇନ୍ଦ୍ରମଣି ସେଠୀ (୬୭) ଜମିରେ ଜଙ୍ଗଲୀ ବାରହା ପଶି ଧାନ ଫସଲ ନଷ୍ଟ କରୁଥିବାରୁ ଧାନ ଫସଲ ସୁରକ୍ଷା ପାଇଁ ଜମି ପାଖରେ ଥିବା ଏକ ଗଛରେ ମଞ୍ଚା ବାନ୍ଧି ସେଥିରେ ରାତ୍ରି ଜଗି ରହୁଥିଲେ । ସବୁଦିନ ପାରି ରବିବାର ରାତିରେ ମଞ୍ଚାରେ ଯାଇ ସୋଇଥିଲେ । ସୋମବାର ପୂର୍ବାହ୍ନରେ ପଡୋଶୀ ଚାଷୀ ଇନ୍ଦ୍ରମଣିଙ୍କୁ ଉଠାଇବାରେ ଇନ୍ଦ୍ରମଣି ନ ଉଠିବାରୁ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପଞ୍ଚି ଇନ୍ଦ୍ରମଣିଙ୍କୁ ଘରକୁ ଆଣି ଶେଷକୃତ୍ୟର ବ୍ୟବସ୍ଥା କରିଥିବା ବେଳେ ଏହି ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଭତ୍ତା ଅପେକ୍ଷାରେ ୩୪୧୦ ହିତାଧିକାରୀ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଗଁଦିଆ ବ୍ଲକରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଭତା ଆବେଦନର ପର୍ବ ଚାଲିଛି । ପ୍ରତିଦିନ ଉକ୍ତ ଭତ୍ତା ଆବେଦନ ନିମନ୍ତେ କମ୍ପୁଟର କେନ୍ଦ୍ର ଗୁଡିକରେ ପୁରୁଷ ଠାରୁ ଆରମ୍ଭ କରି ମହିଳାମାନଙ୍କର ଭିଡ଼ ଲାଗିରହୁଛି । ତତସହିତ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଆବେଦନକାରୀ ହିତାଧିକାରୀମାନଙ୍କର ଭିଡ଼ ଦେଖିବାକୁ ମିଳୁଛି । ବର୍ତ୍ତମାନ ଉକ୍ତ ବ୍ଲକରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାମୋଟ ୩୪୧୦ଜନ ହିତାଧିକାରୀ ଆବେଦନ କରିଛନ୍ତି, ସେହିପରି ବାର୍ଦ୍ଧକ୍ୟ ୨୮୧୮ଜଣ ହିତାଧିକାରୀ ଆବେଦନ କରିଛନ୍ତି ,୨୨୭ଜଣ ବିଧବା ମହିଳା ହିତାଧିକାରୀ ଆବେଦନ କରିଛନ୍ତି, ୧୯୩ଜଣ ଭିନ୍ନକ୍ଷମ ହିତାଧିକାରୀ ଆବେଦନ କରିଛନ୍ତି, ଅବିବାହିତ ମହିଳା ୪୪ଜଣ ହିତାଧିକାରୀ ଆବେଦନ କରିଛନ୍ତି, ଛାଡ଼ପତ୍ର ପାଇଥିବା ୨୭ଜଣ ମହିଳା ହିତାଧିକାରୀ ଆବେଦନ କରିଛନ୍ତ । ଅପର ପକ୍ଷରେ ଡବଲ ଇଂଜିନ ସରକାରଙ୍କର ନିର୍ବାଚନ ଘୋଷଣା ଯୋଜନାରେ ୮୦ବର୍ଷରୁ ଉର୍ଦ୍ଧ୍ୱ, ଓ ୮୦ ପରସେଣ୍ଟ ଥିବା ଭିନ୍ନକ୍ଷମ ସମୁଦାୟ ୪ଶହ ୫୪ଜଣ ହିତାଧିକାରୀ ଆବେଦନ କରିଛନ୍ତି । ଚଳିତ ବର୍ଷ ନଭେମ୍ବର ମାସ ସୁଦ୍ଧା ଏତିକି ସଂଖ୍ୟାର ହିତାଧିକାରୀମାନେ ଅନଲାଇନରେ ଆବେଦନକାରୀ ଭତ୍ତା ପାଇବା ଅପେକ୍ଷାରେ ରହିଥିବାର ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଏ ।

# ଧାନ ରଖି ଚାଷୀଙ୍କ ରାଜପଥ ଅବରୋଧ: ପୋଲିସ ସହ ଧସ୍ତାଧସ୍ତି

**ଅତାବିରା: ଏକ୍ସପ୍ରେସ ନ୍ୟୁଜ୍**

ମଣ୍ଡି ଗୁଡିକରେ ମନ୍ଥର ଗତିରେ ଧାନ ଉଠୁଥିଲା । ମଣ୍ଡିରୁ ଶୀଘ୍ର ଧାନ ଉଠାଇବାକୁ ଚାଷୀମାନେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ଜିଲ୍ଲା ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନେଉ ନଥିଲା । ମଣ୍ଡିଗୁଡିକରେ ଧାନ ରଖିବା ପାଇଁ ସ୍ଥାନର ଅଭାବ ରହିଛି । ଧାନ ବିକ୍ରି ହେଉ ନଥିବା ଯୋଗୁଁ ଚାଷୀଙ୍କ ଭିତରେ ବଢୁଥିବା ଅସନ୍ତୋଷ ମଙ୍ଗଳବାର ଚରମ ସୀମାରେ ପହଞ୍ଚିଛି । ଫଳରେ ମଧ୍ୟାହ୍ନରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ମଣ୍ଡି ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଶତାଧିକ ଚାଷୀ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ । ଏକ ପୋଲିସ ବସ୍‌କୁ ଛାଡ଼ିବା ନେଇ ପୋଲିସ ଓ ଚାଷୀଙ୍କ ମଧ୍ୟରେ ପାଟିତୁଣ୍ଡ, ଧସ୍ତାଧସ୍ତି ହୋଇଥିଲା ।

ସୋମବାର ଗୋଡ଼ଭଗା ମଣ୍ଡିରେ ଚାଷୀମାନଙ୍କ ଏକ ବୈଠକ ହୋଇଥିଲା । ରାଜପଥ ଅବରୋଧ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା । ବୁଧବାର ରାଜପଥ ଅବରୋଧ ପୂର୍ବରୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ମଣ୍ଡି ସମ୍ମୁଖରେ ବୈଠକ ହୋଇଥିଲା । ସମସ୍ତ ଚାଷୀଙ୍କ ଟୋକାନ ଦିଆଯିବା, ଟୋକନ ଥିଲେ ମଧ୍ୟ ମଣ୍ଡିରୁ ଧାନ ନ ଉଠିବା, ଉଠିଥିବା ଧାନର ପ୍ରାପ୍ୟ ଚାଷୀ ପାଉନଥିବା, ଧାନ ଉଠାଇବା ପାଇଁ ମିଲର୍ସ ମଣ୍ଡିକୁ ଆସୁ ନଥିବା ଆଦି ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବରଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିବ ପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ଡିଆରସିଏସ ଯୁଗଳ କିଶୋର ଦାଶ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝୀ, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ପ୍ରମୁଖ ସେଠାରେ ପହଞ୍ଚି ଚାଷୀମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଚାଷୀମାନେ ଜିଦରେ ଅଟଳ ରହି ଦିନ ୧୨ଟାରୁ ରାଜପଥ ଅବରୋଧ କରିଥିଲେ । ଦିନ ପ୍ରାୟ ୨ଟାରେ ମିଲର୍ସ ସଂଘ ଅତାବିରାର ସଭାପତି ନୀତେଶ ବଂଶଲଙ୍କ ସହ ଉପରୋକ୍ତ ସମସ୍ତ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ କହିଥିଲେ, ସମସ୍ତ ଚାଷୀଙ୍କ ଟୋକନ ଡିସେମ୍ବର ୨୦ ସୁଦ୍ଧା ଦିଆଯିବ ଏବଂ ଜାନୁଆରୀ ୧୫ ସୁଦ୍ଧା ସମସ୍ତ ଧାନ କିଣାଯିବ ଏବଂ ଯେଉଁମାନଙ୍କ ଜମିର ପରିମାଣ କମ ଆସିଛି ସେମାନେ ଲିଖିତ ଆକାରରେ ଜଣାଇଲେ ଉପରକୁ ପଠାଇ ଦେବେ ବୋଲି କହିଥିଲେ । ଶ୍ରୀ ବଂଶଲ ସମସ୍ତ ମଣ୍ଡିରେ କ୍ୱିଣ୍ଟାଲ ପ୍ରତି ୧କେ.ଜି ଧାନ କଟନିରେ ଉଠାଇବେ ବୋଲି କହିଥିଲେ ।

ଚାଷୀମାନେ ଏହାର ଲିଖିତ ପ୍ରତିଶ୍ରୁତି ଚାହିଁବାରୁ ଉପଜିଲ୍ଲାପାଳ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଦିନ ପ୍ରାୟ ୩ଟାରେ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ୩ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ମାଟର ଲମ୍ୱାଧାଡ଼ିରେ ଅଟକି ରହିଥିଲା । ଭି.ସଦବାବୁ, ବି.ପାପାରାଓ, ପି.ଜୟକୁମାର, ଦୟାସାଗର ମଣ୍ଡଳୀ, ଅମୀୟ ଦାଶ, ଅଚ୍ୟୁତା ମହାପାତ୍ର, ସୁରେଶ କର୍ଣ୍ଣ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଲିଖିତ ପ୍ରତିଶ୍ରୁତି ପୂରଣ ନହେଲେ ଆଗାମୀ ଦିନରେ ପୁଣି ଚାଷୀମାନେ ରାସ୍ତାରୋକ କରିବେ ବୋଲି ସଂଗଠନ ଚେତାବନୀ ଦେଇଛି ।

# ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆନ୍ଦୋଳନ




**ଲକ୍ଷ୍ମୀପୁର: ଏକ୍ସପ୍ରେସ ନ୍ୟୁଜ୍**

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଷ୍ଟେସନରେ କୋଭିଡ଼-୧୯ ପରଠୁ କୌଣସି ଏକ୍ସପ୍ରେସ ଟ୍ରେନ ରହୁ ନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଲୋକେ ଆନ୍ଦୋଳନକୁ ଓହ୍ଲାଇ ଆସିଛନ୍ତି । ଟୁନା ବିଶୋଇଙ୍କ ନେତୃତ୍ୱରେ ବୁଧବାର ଅଞ୍ଚଳବାସୀ ରେଳ ରୋକ କରିବାକୁ ଏକତ୍ରିତ ହୋଇ କାକିରିଗୁମା ଷ୍ଟେସନ ଆଗରେ ପହଞ୍ଚିଥିଲେ, କିନ୍ତୁ ରାଜ୍ୟ ପୋଲିସ ଓ ରେଳବାଇ ପୋଲିସ ସେମାନଙ୍କୁ ଅଟକାଇ ବୁଝା ସୁଝା କରିଥିଲେ । ଲୋକେ କିନ୍ତୁ ନିଜ ଜିଦରେ ଅଟଳ ଥିଲେ । ପରେ ବିଶାଖା ପାଟଣା ଡିଭିଜନର ଆସିଷ୍ଟାଣ୍ଡ କମରସିଆଲ ମ୍ୟାନେଜର ଜିବି କିରୋଙ୍କୁ ଆନ୍ଦୋଳନ କାରି ଏକ ଦାବି ପତ୍ର ପ୍ରଦାନ କରିଥିବା ବେଳେ ଜାନୁଆରୀରୁ ଫେବୃଆରୀ ମାସ ଭିତରେ ଆମର ବୋର୍ଡବସୀ ଆଲୋଚ଼ନା ପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀଯୁକ୍ତ କିରୋ କହିଥିଲେ । ଏନେଇ ଫେବୃଆରୀ ମାସ ଯାଏଁ ଅପେକ୍ଷା କରିବୁ ନଚେତ ରେଳ ରୋକ କରିବାକୁ ବାଧ୍ୟ ହେବୁ ବୋଲି ଆନ୍ଦୋଳନକାରୀମାନେ ଧମକ ଦେଇଛନ୍ତି । ସୁରକ୍ଷା ଦୃଷ୍ଟି କୋଣରୁ ଜଗଦଲପୁର ଆସିଷ୍ଟାଣ୍ଡ ସିକୁରିଟି କମିଶନର ନରେଶ ପଣ୍ଡିତ ଯାଦବଙ୍କ ସହିତ କୋରାପୁଟ ଆରପିଏଫ ଇନିସ୍ପେକ୍ଟର କିରଣ କୁମାର, ଲକ୍ଷ୍ମୀପୁର ରେଳ ବିଭାଗ ଇନିସ୍ପେକ୍ଟର କେ.ତିରିପତି ରାଓ, ଲକ୍ଷ୍ମୀପୁର ଏସଡ଼ିପିଓ ଦାୟିତ୍ୱରେ ଥିବା ସଞ୍ଜୟ ମଣ୍ଡଳ, ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, ବନ୍ଧୁଗାଁ ଆଇଆଇସି ପ୍ରଶନ ମିଶ୍ର ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝା ସୁଝା କରିଥିଲେ ।

# ପୋଲିସକୁ ଦେଖି ବିଦ୍ୟୁତ ଖୁଣ୍ଟରେ ପିଟିଲା କାର

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳବାର ବିଳମ୍ବିତ ରାତିରେ ଟାଉନଥାନା ପୋଲିସ ପାଟ୍ରୋଲିଂ ସମୟରେ ରେଲୱେ ଷ୍ଟେସନ ସାଲେପାଲି ଛକ ନିକଟରେ କାରରେ ଆସି କିଛି ଯୁବକ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସକୁ ଦେଖି କାର ସ୍ପିଡରେ ପଳେଇବାକୁ ଚେଷ୍ଟା କରିଥିଲା । ଏହି ସମୟରେ ପାଟ୍ରୋଲିଂ ପୋଲିସ ଗାଡି କାରକୁ ଗୋଡାଇ ଥିଲା । ରେଲୱେ ଷ୍ଟେସନ ସଲେପାଲିକୁ ଯାଇଥିବା ରାସ୍ତା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଏଲେକ୍ଟ୍ରି ଖୁଣ୍ଟରେ ଗାଡିଟି ପିଟି ହୋଇଥଲା । ଟାଉନ ପୋଲିସ କାରରେ ବସିଥିବା ଦୁଇ ଜଣଙ୍କୁ ଥାନାକୁ ନେଇ ଅଟକ ରଖି ପଚାରଉଚୁରା କରୁଥିବା ଟାଉନ ଥାନା ଅଧିକାରୀ ଅବନୀ ସାହୁ କହିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ହିଞ୍ଜିଳି: ଏକ୍ସପ୍ରେସ ନ୍ୟୁଜ୍**

ଅନ୍ତର୍ଗତ ମକରଝୋଳ ନିକଟସ୍ଥ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସାମ୍ନାରେ ଏକ ଅଜଣା ଗାଡ଼ି ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ବୃଦ୍ଧଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛି । ଗୁରୁତର ଆହତ ଅବସ୍ଥାରେ ବୃଦ୍ଧ ଜଣକ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ହିଞ୍ଜିଳି ଡାକ୍ତରଖାନାକୁ ପଠାଇ ଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ଘଟଣାସ୍ଥଳରେ ସଂଯୋଗ ହୋଇଥିବା ସିସିଟିଭି ଫୁଟେଜ କ୍ୟାମେରା ମାଧ୍ୟମରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଅନୁସନ୍ଧାନ ଚଳାଇଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ । ବୁଧବାର ଶବ ବ୍ୟବଚ୍ଛେଦ ପରେ ବୃଦ୍ଧ ଜଣଙ୍କର ପରିବାର ବର୍ଗଙ୍କ ଅନୁସନ୍ଧାନ କରିବା ସହ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଯଥା ଶୀଘ୍ର ଧରାଯିବ ବୋଲି ପୋଲିସ ଠାରୁ ପ୍ରକାଶ ।

# ୫ବର୍ଷୀୟା ଶିଶୁକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ: ଏକ୍ସପ୍ରେସ ନ୍ୟୁଜ୍**

ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ । ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣା ଅଞ୍ଚଳର ଛାତ୍ରୀ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଯାଇନଥିବା ବେଳେ ପୁଣି ଏକ ଲଜ୍ଜାଜନକ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଜଣେ ୫ବର୍ଷୀୟା ଶିଶୁକୁ ଦୁଷ୍କର୍ମ ଉଦ୍ୟମ ନେଇ ଅଭିଯୋଗ ହୋଇଛି । ଏହି ମାମଲାରେ ପୁଲିସ ମାମଲା ରୁଜୁ କରି ୪୫ ବର୍ଷୀୟ ଅଭିଯୁକ୍ତକୁ ଗିରଫ କରିଛି ।

ସୋମବାର ସନ୍ଧ୍ୟାରେ ଝିଅଟି ସ୍କୁଲରୁ ଘରକୁ ଫେରିବା ସମୟରେ ସେହି ଗାଁର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ରାସ୍ତାରୁ ନିକଟସ୍ଥ ଏକ ବୁଦା ଭିତରକୁ ନେଇ ଦୁଷ୍କର୍ମ କରିବାକୁ ପ୍ରୟାସ କରିଥିଲା । ତେବେ କୁନି ଝିଅଟିର କାନ୍ଦବୋବାଳି ଶୁଣି ସ୍ଥାନୀୟ ବାସିନ୍ଦା ସେଠାରେ ପହଞ୍ଚି ଯିବାରୁ ଅଭିଯୁକ୍ତ ଜଣକ ସେଠାରୁ ଦୌଡ଼ି ପଳାଇଥିଲା । ଏହାପରେ ଝିଅଟିକୁ ଧରି ତାଙ୍କ ମା ଓ ସମ୍ପର୍କୀୟମାନେ ସ୍ଥାନୀୟ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ଏହି ଘଟଣାରେ ପୁଲିସ ତଦନ୍ତ ଚଳାଇଛି ।

# ପଟ୍ଟା ଆବେଦନ ଅବଧି ବୃଦ୍ଧି


**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଗ୍ରାମ କଣ୍ଟକ ହିତାଧିକାରୀଙ୍କ ନିମନ୍ତେ ଖୁସି ଖବର, ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ କଣ୍ଟକ ପଟ୍ଟା ନିମନ୍ତେ ଆବେଦନକାରୀଙ୍କ ଅବଧି ତାରିଖ ସମୟ ସୀମାକୁ ବୃଦ୍ଧି କରାଯାଇଛି । ଏହା ଆସନ୍ତା ୨୦୨୭ ମାର୍ଚ୍ଚ ୩୧କୁ ଅବଧିର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ସୂଚନା ଦେଇଛନ୍ତି । ଗ୍ରାମ କଣ୍ଟକ ପଟ୍ଟା ପାଇଁ ହିତାଧିକାରୀଙ୍କ ନିମନ୍ତେ ଆବେଦନ ତାରିଖ ୨୦୨୫ ମାର୍ଚ୍ଚ ୩୧କୁ ସମୟ ସୀମା ରହିଥିବା ବେଳେ ଜିଲ୍ଲାର ହିତାଧିକାରୀ ସୁବିଧା ନିମନ୍ତେ ସମୟ ସୀମାକୁ ବୃଦ୍ଧି କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ ହିତାଧିକାରୀଙ୍କ ହିତକୁ ଦୃଷ୍ଟି ରଖି ଆବେଦନ ତାରିଖକୁ ପରିବର୍ତ୍ତନ କରି ଏହାକୁ ୨୦୨୭ ମାର୍ଚ୍ଚ ୩୧ ତାରିଖ ନିମନ୍ତେ ଅବଧିକୁ ବୃଦ୍ଧି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୪୩୬୭୧ ତା ୧୯.୧୧.୨୦୨୫ରେ ଆସିଛି । ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୩୦ ହଜାରରୁ ଅଧିକ ଗ୍ରାମ କଣ୍ଟକ ମାମଲା ଗୁଡିକ ଫଇସଲା ନିମନ୍ତେ ପେଣ୍ଡିଙ୍ଗ ରହିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୫ ଗୁରୁତର

**ବଳଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଚୋରା ବାଲି ପାଇଁ ମହାଭାରତ । ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ବେଆଇନ ବାଲିଘାଟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ । ସଂଘର୍ଷରେ ୫ଜଣ ଗୁରୁତର ହୋଇଛନ୍ତି । ଭାର୍ଗବୀ ନଦୀର ଉଗ୍ରେଶ୍ୱର ଦେଉଳୀ ବାଲି ଘାଟକୁ କେନ୍ଦ୍ରକରି ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି । ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ୫ଜଣ ଗୁରୁତର ହୋଇଥିଲା ବେଳେ ସେମାନଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।



ସୂଚନା ଅନୁସାରେ, ଗତକିଛି ଦିନ ଧରି ଭାର୍ଗବୀ ନଦୀରୁ ବାଲି ଚୋରା ଚାଲାଣ ନେଇ ଅଭିଯୋଗ ହୋଇଆସୁଥିଲା । ତେବେ ଦେଉଳୀ ଗ୍ରାମର ଗୋଟିଏ ଗୋଷ୍ଠୀ ତାଙ୍କୁ ସହଯୋଗ କରୁଥିବା ବେଳେ ଅନ୍ୟଗୋଷ୍ଠୀ ଏହାକୁ ବାଲିଘାଟକୁ ବିରୋଧ କରୁଥିଲା । ତେବେ ଗଣ୍ଡଗୋଳ ସୃଷ୍ଟି ହେବା ଆଶଙ୍କାରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ୨ଦିନ ବାଲି ଉଠାଣ ବନ୍ଦ ରହିବା ପରେ ପୁନର୍ବାର ନଦୀରୁ ଉକ୍ତ ବାଲି ଉଠେଇବା ଆରମ୍ଭ କରିଦେଇଥିଲେ । ଯାହାକୁ ନେଇ ଗ୍ରାମରେ ଅନ୍ୟ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଉଭୟ ଗୋଷ୍ଠୀଙ୍କ ତରଫରୁ ବଳଙ୍ଗା ଥାନାରେ ପୃଥକ ପୃଥକ ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ତଦନ୍ତ ଜାରି ରଖିଛି ।

# ଅଜାଘରେ ନାବାଳକଙ୍କ ତର୍ଣ୍ଣିଚିପି ହତ୍ୟା ଅଭିଯୋଗ


**ଆସିକା: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗାଁରେ ଘଟିଛି ଅଭାବନୀୟ ଘଟଣା । ଘର ବାରି ପଟୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି । ମୃତ ନାବାଳକ ଶେରଗଡ଼ ଖମାର ଗାଁର ବୋଲି ଜଣାପଡିଛି । ସେ ଚାରିଦିନ ପୂର୍ବେ ଅଜାଘର ସାମନ୍ତରାପୁର ଗ୍ରାମକୁ ବୁଲିବାକୁ ଆସିଥିଲେ । ବୁଧବାର ସକାଳେ ନାବାଳକଙ୍କ ଆଈ ଖାଇବାକୁ ଦେଇ ଚାଷ ଜମିକୁ ଯାଇଥିବା ବେଳେ ନାତି ନିଖୋଜ ଥିବା ନେଇ ଖବର ପାଇଥିଲେ । ଗ୍ରାମବାସୀ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଘର ବାରିପଟୁ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି କବିସୂର୍ଯ୍ୟନଗର ପୋଲିସକୁ ଖବର ଦେଇଥିଲେ । ପୋଲିସ ନାବାଳକକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ନାବାଳକଙ୍କ ତର୍ଣ୍ଣିଚିପି ହତ୍ୟା ପରେ ବାରିପଟେ ଫିଙ୍ଗିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରୁ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ତେବେ କେଉଁ କାରଣରୁ ନାବାଳିକାର ମୃତ୍ୟୁ ହୋଇଛି ନା ତାକୁ କେହି ତର୍ଟିଚିପି ହତ୍ୟା କରି ଫିଙ୍ଗି ଦେଇଛି ତାହା ଜଣାପଡିନାହିଁ ।

## ବାଣିଜ୍ୟ

# ସରକାରୀ କର୍ମଚାରୀଙ୍କୁ ଝଟ୍‌କା ଆଶଙ୍କା, ନୂଆବର୍ଷରେ କମ୍ ବଢ଼ିବ ଦରମା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ନୂଆ ବର୍ଷରେ ସରକାରୀ କର୍ମଚାରୀଙ୍କୁ ଶକ୍ତ ଝଟ୍‌କା । ୧ କୋଟି ୨୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ସାମାନ୍ୟ ଦରମା ବୃଦ୍ଧି ସହ କାମ କରିବାକୁ ପଡ଼ିପାରେ । କାରଣ ଚଳିତ ବର୍ଷ ମହଙ୍ଗା ଭତ୍ତା (ଡିଏ)ଏବଂ ମହଙ୍ଗା ରିଲିଫ (ଡିଆର)ରେ ମାତ୍ର ୨ ପ୍ରତିଶତ ବୃଦ୍ଧି ଆଶା କରାଯାଉଛି । ଏହା ଡିଏ ୫୮% ରୁ ପ୍ରାୟ ୬୦%କୁ ବୃଦ୍ଧି କରିବ । ଯଦି ଏହା ହୁଏ, ତେବେ ଏହା ଗତ ସାତ ବର୍ଷ ମଧ୍ୟରେ ସର୍ବନିମ୍ନ ହେବ ।

ଅଲ ଇଣ୍ଡିଆ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ ତଥ୍ୟ ଅନୁଯାୟୀ, ଏଥର ଏତେ କମ ଡିଏ ବୃଦ୍ଧି ଯୋଗୁଁ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀ ଆଶ୍ଚର୍ଯ୍ୟ ହୋଇପାରନ୍ତି । ଜୁଲାଇ ୨୦୧୮ ପରଠାରୁ, ଡିଏ କେବେବି ୩%ରୁ କମ ବୃଦ୍ଧି କରାଯାଇନାହିଁ ।

ସେହିପରି ଏହା ସପ୍ତମ ବେତନ କମିଶନ ଅଧୀନରେ ଶେଷ ଡିଏ ବୃଦ୍ଧି ହେବ । ସପ୍ତମ ବେତନ କମିଶନର ୧୦ ବର୍ଷର କାର୍ଯ୍ୟକାଳ ଡିସେମ୍ବର ୩୧, ୨୦୨୫ରେ ଶେଷ ହେଉଛି । ନୂତନ ବେତନ କମିଶନ ଜାନୁଆରୀ ୨୦୨୬ରୁ କାର୍ଯ୍ୟକାରୀ ହେବ । ଯଦିଓ ୮ମ ବେତନ କମିଶନ ଗଠନ କରାଯାଇଛି, ଏହାର ସନ୍ଦର୍ଭର ସର୍ତ୍ତାବଳୀ ସ୍ପଷ୍ଟ କାର୍ଯ୍ୟକାରୀ ତାରିଖ ନିର୍ଦ୍ଦିଷ୍ଟ କରେ ନାହିଁ । କମିଶନଙ୍କ ପାଖରେ ଏହାର ରିପୋର୍ଟ ଦାଖଲ କରିବା ପାଇଁ ୧୮ ମାସ ସମୟ ଅଛି । ଏହା ପରେ, ନୂତନ ବେତନ ସ୍କେଲ ଅଧ୍ୟୟନ, ଅନୁମୋଦନ ଏବଂ କାର୍ଯ୍ୟକାରୀ କରିବା ପାଇଁ ସାଧାରଣତଃ ଆଉ ଦୁଇ ବର୍ଷ ସମୟ ଲାଗେ । ତେଣୁ, ବାସ୍ତବରେ, କର୍ମଚାରୀମାନେ କେବଳ ୨୦୨୭ ଶେଷ କିମ୍ବା ୨୦୨୮ ପ୍ରାରମ୍ଭରେ ୮ମ ବେତନ କମିଶନର ଦରମା ବୃଦ୍ଧିରୁ ଲାଭ ପାଇପାରିବେ । ସରକାର ଏହି ବର୍ଷ ଜାନୁଆରୀରେ ୮ମ ବେତନ କମିଶନ ଗଠନ ଘୋଷଣା କରିଥିଲେ ।

ଶ୍ରମ ବ୍ୟୁରୋ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଏଆଇସିପିଆଇ-ଆଇଡବ୍ଲୁ ସଂଖ୍ୟା ପ୍ରକାଶ କରିଛି, ଏବଂ ସୂଚକାଙ୍କ ସ୍ଥିର ଭାବରେ ବୃଦ୍ଧି ପାଉଛି । ଜୁଲାଇ ୨୦୨୫ – ୧୪୬.୫ (୧.୫ ପଏଣ୍ଟ ବୃଦ୍ଧି), ଅଗଷ୍ଟ ୨୦୨୫ – ୧୪୭.୧ (୦.୬ ପଏଣ୍ଟ ବୃଦ୍ଧି), ସେପ୍ଟେମ୍ବର ୨୦୨୫ – ୧୪୭.୩ (୦.୨ ପଏଣ୍ଟ ବୃଦ୍ଧି), ଅକ୍ଟୋବର ୨୦୨୫ – ୧୪୭.୭ (୦.୪ ପଏଣ୍ଟ ବୃଦ୍ଧି) । ଏହାର ଅର୍ଥ ହେଉଛି ସୂଚକାଙ୍କ ଲଗାତାର ଚାରି ମାସ ପାଇଁ ବୃଦ୍ଧି ପାଇଛି, ଯାହା ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଚାପକୁ ପ୍ରତିଫଳିତ କରେ । ଜୁଲାଇ ୨୦୨୫ ଠାରୁ ଡିଏ ୫୮% ରହିଛି । ଅକ୍ଟୋବର ମାସ ପର୍ଯ୍ୟନ୍ତ ତଥ୍ୟ ଏବଂ ନଭେମ୍ବର ଏବଂ ଡିସେମ୍ବର ପାଇଁ ପ୍ରତ୍ୟାଶିତ ଧାରା ଆଧାରରେ, ଜାନୁଆରୀ ୨୦୨୬ରୁ ପ୍ରକଳ୍ପିତ ଡିଏ ପ୍ରାୟ ୬୦% ହେବ ବୋଲି ଆକଳନ କରାଯାଇଛି । ଏବେ କାହିଁକି ଡିଏ କେବଳ ୨% ବୃଦ୍ଧି ପାଇବ ତାହା ବୁଝିବା ପାଇଁ, ନଭେମ୍ବର ଏବଂ ଡିସେମ୍ବର ୨୦୨୫ ପାଇଁ ସିପିଆଇ-ଆଇଡବ୍ଲୁ ପ୍ୟାଟର୍ଣ୍ଣ ଉପରେ ଆଧାରିତ ଦୁଇଟି ସରଳ ପରିସ୍ଥିତି ବିଚାର କରନ୍ତୁ ।

# ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଅଣ୍ଟାଭିଡିଲା ପ୍ରଶାସନ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**


ଗଞ୍ଜାମ ଜିଲ୍ଲା କଳା ଓ ସଂସ୍କୃତିର ପରିଚୟ । ଦଣ୍ଡ ନାଚ ଓ ପ୍ରହ୍ଲାଦ ନାଟକ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ନେଇ ଗଞ୍ଜାମ ପ୍ରଶାସନ ଅଣ୍ଟା ଭିଡିଛି । ଦେଶ ବିଦେଶରେ ଲୋକକଳା ଓ ଲୋକନୃତ୍ୟରେ ଗଞ୍ଜାମ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି । ଏପରିକି ଏହି ଲୋକନାଟକ ଦେଶ ବିଦେଶରେ ପରିବେଷଣ କରାଯାଇ ଗଞ୍ଜାମ ଜିଲ୍ଲା ପ୍ରଶଂସାର ପାତ୍ର ମଧ୍ୟ ହୋଇପାରିଛି । ଗଞ୍ଜାମ ଜିଲ୍ଲାର ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକକୁ ଜାତୀୟସ୍ତରରେ ୟୁନେସ୍କୋ ମାନ୍ୟତା ପାଇଲେ ବିଶ୍ୱ ବିଦିତ ହୋଇପାରିବ । ଏହି ଅବସରରେ ଏହି ଦୁଇଟିକୁ କିପରି ୟୁନେସ୍କୋ ମାନ୍ୟତା ମିଳିବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ



ଅଧ୍ୟକ୍ଷତା କରିଥିଲେ । ଜିଲ୍ଲାରେ ପ୍ରାୟ ୬୨ରୁ ଅଧିକା ଲୋକନାଟକ ରହିଥିବା ବେଳେ ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଦୁଇ ଲୋକକଳାକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ପୂର୍ବରୁ ମଧ୍ୟ ବୈଠକ ହୋଇସାରିଥିବା ବେଳେ କମିଟି ମଧ୍ୟ ଗଠନ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ତା ୩୦ ତାରିଖ ମଧ୍ୟରେ ଦୁଇଟି ଲୋକକଳା ବିଷୟରେ ବିଭିନ୍ନ ତଥ୍ୟକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ପ୍ରଦାନ କରିବାକୁ କୁହାଯାଇଛି । ଏହି ଡକ୍ୟୁମେଣ୍ଟରୀ ଏକ ଏକ୍ସପୋର୍ଟ କମିଟିକୁ ପ୍ରଦାନ କରିବେ ବୋଲି ଜିଲ୍ଲାପାଳ କହିଥିଲେ । ପରେ ଏହା ଫାଇନାଲ କରାଯାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ନିକଟକୁ ପଠାଯିବ । ବୈଠକରେ ବହୁ ସଂସ୍କୃତି ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେଇ ଏହି ନୃତ୍ୟକୁ କିଏ ରଚନା କରିଥିଲେ, ଏହି ନୃତ୍ୟ ବିଷୟରେ ତାଳପତ୍ର ପୋଥିରେ ଥିବା ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା କହିଥିଲେ । ଦଣ୍ଡନାଚ ପାଇଁ ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି ଗବେଷଣା କରୁଥିବା ବେଳେ ପହ୍ଲାଦ ନାଟକକୁ ଡ.ଲମ୍ବୋଧର ପୃଷ୍ଟି ଗବେଷଣା କରୁଥିବା କୁହାଯାଇଛି । ପୂର୍ବରୁ ମୟୁରଭଞ୍ଜର ଛଉ ନୃତ୍ୟକୁ ୟୁନେସ୍କୋ ମାନ୍ୟତା ମିଳିସାରିଥିବା ବେଳେ ପୁରୀର ରଥଯାତ୍ରା ଓ କଟକର ବାଲି ଯାତ୍ରାକୁ ୟୁନେସ୍କୋ ମାନ୍ୟତା କେନ୍ଦ୍ରକୁ ଦଲିଲ ଦସ୍ତାବିଜ ପଠାସାରିଥିବା ବୈଠକରେ ଆଲୋଚନା ହୋଇଥିଲା । କିପରି ଜିଲ୍ଲାର ଏହି ଦୁଇ ନାଚକୁ ୟୁନେସ୍କୋ ମାନ୍ୟତା ମିଳିବ ସେନେଇ ଏକ ଭଲ ଡକୁମେଣ୍ଟାରୀ ପ୍ରସ୍ତୁତ କରିବାକୁ କୁହାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଅଦିତ୍ୟ ଆଚାର୍ଯ୍ୟ, ଅବସରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଐତିହାସିକ ଗବେଷକ ଡ.ଅନନ୍ତରାମ କର, ଡ.ଲମ୍ବୋଧର ପାଣିଗ୍ରାହୀ, ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି, ଡ.ଏ.ଆପା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଲୱା ଦେଖାଇଲେ ଅକ୍ଷୟ

## ସିନେମାଫିନେମା ଟିଭିଫିବି



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡର ନୂଆ ସ୍ପାଏ ଥ୍ରୀଲର୍ 'ଧୁରନ୍ଧର' । ସିନେମା ହଲରେ ଆସିବା ମାତ୍ରେ ଧମାଲ କରିଛି । ଏତିକି ହିଁ ନୁହଁ ଫିଲ୍ମଟି ପ୍ରଥମ ଦିନରେ ରେକର୍ଡ ଭାଙ୍ଗିଛି । ରଣବୀରଙ୍କ ଭୂମିକା ସମସ୍ତଙ୍କୁ ପସନ୍ଦ ଆସିଥିବା ବେଳେ ଅକ୍ଷୟ ଖାନ୍ନା ସବୁଠାରୁ ଅଧିକ ପ୍ରଭାବ ପକାଇଛନ୍ତି । କାହିଁକି କି ତାଙ୍କ ଲୁକ୍ ଓ ଏଣ୍ଟ୍ରି ଷ୍ଟାଇଲ୍ ଏବେ ପୂରା ଇଣ୍ଟରନେଟକୁ ଦୋହଲାଇ ଦେଇଛନ୍ତି । ତାଙ୍କୁ ହଲିଉଡ୍ ଭିଲେନଙ୍କ ସହ ତୁଳନା କରାଯାଇଛି ।

ଫିଲ୍ମର ଗୀତ 'ଏଫଏ୯ଏଲଏ' ଏବଂ ଏଥିରେ ଅକ୍ଷୟଙ୍କ ଏଣ୍ଟ୍ରି ସିନ୍ ବର୍ଷର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ହୋଇଛି । ନେଟିଜେନ ଏହି ଗୀତକୁ 'ଜମାଲ୍ କୁଡୁ' ସହିତ ତୁଳନା କରୁଛନ୍ତି । 'ଧୁରନ୍ଧର'ରେ ଅକ୍ଷୟ ଖାନ୍ନା ପାକିସ୍ତାନୀ ଅଣ୍ଡରୱାର୍ଲ୍ଡ ଡନ୍ ରେହମାନ ଭୂମିକାରେ ଅଭିନୟ କରିଛନ୍ତି । ତାଙ୍କର ଏଣ୍ଟ୍ରି ଏକ ସ୍ୱତନ୍ତ୍ର ବାହାରିନ୍ ଗୀତ 'ଏଫଏ୯ଏଲଏ' ସହିତ ହୋଇଛି । ଯେଉଁଥିରେ ତାଙ୍କର ଏକ ଡ୍ୟାନ୍ସ ଷ୍ଟେପ୍ ରହିଛି । ଏହି ସିନ୍ ଏତେ ଦମଦାର୍ ହୋଇଛି ଯେ ଫ୍ୟାନ୍ସଙ୍କୁ ଏହା ଦିୱାନା କରିଛି । 'ଏଫଏ୯ଏଲଏ' ଏକ ବାହାରିନ୍ ଗୀତ, ଯାହାକୁ ଫ୍ଲିପରଚି ଗ୍ରୁପ୍ ଗାଇଛି । ଏଥିରେ ଅକ୍ଷୟ ଖାନ୍ନାଙ୍କ ଛୋଟ ଡ୍ୟାନ୍ସ ରହିଛି । ଏକ ସାକ୍ଷାତକାରରେ ତାଙ୍କ ସହ-କଳାକାର ତଥା ଅନସ୍କ୍ରିନ୍ ଭାଇ ଦାନିଶ ପାଣ୍ଡୋର୍ କହିଛନ୍ତି, ଯେ କିପରି ସେହି ଡ୍ୟାନ୍ସ ଷ୍ଟେପକୁ ଉନ୍ନତ କରିଥିଲେ ଏବଂ ଏହା ସ୍କ୍ରିପ୍ଟର ଅଂଶ ନଥିଲା ।

ଦାନିଶ କହିଛନ୍ତି, 'ଆମେ ଏହାକୁ ଲେହ ଲଦାଖରେ ସୁଟିଂ କରିଥିଲୁ, ଏବଂ ବିଜୟ ଗାଙ୍ଗୁଲି କୋରିଓଗ୍ରାଫ୍ କରୁଥିଲେ । ଆମେ ସମସ୍ତେ ଟ୍ରାକ୍ ଶୁଣିଲୁ ଏବଂ ଏହା ଦେଖି ଆଶ୍ଚର୍ଯ୍ୟ ହେଲୁ ଯେ ଏହା ବଡ ଅଦ୍ଭୁତ । ଆଦିତ୍ୟ ସାର୍ ଅକ୍ଷୟଙ୍କୁ ସଟ୍ ବୁଝାଉଥିଲେ । ପୁରା କୋରିଓଗ୍ରାଫ୍ ଚାଲିଥିଲା ଏବଂ ଏହି ସମୟରେ, ଅକ୍ଷୟ ସାର୍ ଆଦିତ୍ୟଙ୍କୁ ପଚାରିଲେ, 'ମୁଁ ଡ୍ୟାନ୍ସ କରିପାରିବି କି ?' ଆଦିତ୍ୟ ସାର୍ କହିଲେ, 'ତୁମର ଯାହା ଇଚ୍ଛା ହେଉଛି କର ।' ଦାନିଶ ଆହୁରି କହିଛନ୍ତି, 'ତା'ପରେ ଏକ ଟେକ୍ ହେଲା ଏବଂ ଆମେ ସମସ୍ତେ ଭିତରକୁ ଗଲୁ ଏବଂ ସେ ସମସ୍ତଙ୍କୁ ନାଚୁଥିବାର ଦେଖିଲେ, ଏବଂ ନିଜେ ନାଚିବା ଆରମ୍ଭ କରେ । ତାଙ୍କ ପାଇଁ କୌଣସି କୋରିଓଗ୍ରାଫ୍ ନଥିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ, ସଟ୍ ପରେ, ସମସ୍ତେ ତାଳି ମାରିବାକୁ ଲାଗିଲେ, ଫ୍ରେମ୍ ବହୁତ ଭଲ ଦେଖାଯାଉଥିଲା ସବୁଠାରୁ ବଡ କଥା ଥିଲା ସେ ନିଜେ ସବୁକିଛି କରିଥିଲେ ।'

୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୧ ଡିସେମ୍ବର ୨୦୨୫ । ଗୁରୁବାର

# ଅବ୍ୟବସ୍ଥା ଘେରରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର





**୧୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅବ୍ୟବସ୍ଥା ମଧ୍ୟରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗତି କରୁଛି । ବଲାଙ୍ଗିର ଜିଲ୍ଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଞ୍ଚଳର ସମସ୍ତ ଲୋକ ନିର୍ଭର କରନ୍ତି ହେଲେ ଡାକ୍ତରଖାନାର କର୍ମଚାରୀମାନଙ୍କ ଅବହେଳା ଯୋଗୁଁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାର ଦେଖିବାକୁ ମିଳିଛି । ଦିନ ୧୨ଟା ସମୟ ନ ପୂରୁଣୁ ଗେଟ ବନ୍ଦ କରି ଦେଉଥିବାରୁ ପ୍ରତିଦିନ ରୋଗୀମାନେ ହସ୍ପିଟାଲ ଗେଟ ସମ୍ମୁଖରେ ବସିଥିବାର ଦେଖିବାକୁ ମିଳୁଛି ଓ ଗେଟ ବନ୍ଦ ଥିବାରୁ ରୋଗୀ ଆସି ଫେରିଯାଉଥିବାର ଅଭିଯୋଗ ମଧ୍ୟ ହୋଇଛି । ଗର୍ଭବତୀମାନେ ଉପଯୁକ୍ତ ଚିକିତ୍ସା ପାଇପାରୁନଥିବାର ମଧ୍ୟ ଅଭିଯୋଗ ହେଉଛି । ଏପରି ଏକ ଅଭିଯୋଗ କରିଛନ୍ତି ଗୋଇମୁଣ୍ଡ ଗ୍ରାମପଞ୍ଚାୟତର ବୁଢ଼ୀପଦର ଗ୍ରାମର ପୁରୁଷୋତ୍ତମ ଦାସ (୭୦) ତାଙ୍କୁ ଦୀର୍ଘ ୧୫/୨୦ଦିନ ହେବ ବହୁତ କାଶ ହେଉଥିବାରୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଯୁକ୍ତ ଚିକିତ୍ସା ପାଇଁ ସୋମବାର ଦିନ ଆସିଥିଲେ । ଡାକ୍ତର ତାଙ୍କୁ କିଛି ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ପରୀକ୍ଷାଗାରର କାର୍ଯ୍ୟରତ ନର୍ସ ମଙ୍ଗଳବାର ଦିନ ୧୨ଟା ସମୟରେ ଆସି ରିପୋର୍ଟ ନେଇଯିବେ ବୋଲି କହିଥିଲେ ହେଲେ ମଙ୍ଗଳବାର ଦିନ ୧୨ଟା ସମୟରେ ପହଞ୍ଚିଲା ବେଳକୁ ହସ୍ପିଟାଲ ବନ୍ଦ ହୋଇ ଡାକ୍ତର ଓ ନର୍ସ କେହି ନ ଥିବାରୁ ନିରାଶରେ ଦୀର୍ଘ ୧୫ କିମି ଘରକୁ ଫେରୁଥିବାର ଦେଖିବାକୁ ମିଳିଥିଲା । ବନ୍ଦ ନେଇ ପଚାରିବାରୁ ପ୍ରତ୍ୟେକ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ବନ୍ଦ ରୁହେ ବୋଲି ହସ୍ପିଟାଲ କର୍ମଚାରୀ ମାନେ ପ୍ରତିକ୍ରିୟା ରଖିଥିଲେ । ଜାରୁରିକାଳୀନ ଅବସ୍ଥାରେ ରୋଗୀମାନଙ୍କୁ ଔଷଧ ମଧ୍ୟ ମିଳୁନଥିବାର କହିଛନ୍ତି । ୩ଟାରେ ହସ୍ପିଟାଲ ଖୋଲାଯାଏ ହେଲେ କେହି ନର୍ସ କି କର୍ମଚାରୀ ଆସୁନଥିବାର ଓ ଅଭିଯୋଗ କଲେ ନାଲି ଆଖି ଦେଖାନ୍ତି ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ଏ ବିଷୟରେ ଡ଼ାକ୍ତର ମେହେରକୁ ପଚାରିବାରୁ ୧୨ରୁ ୩ଟା ପର୍ଯ୍ୟନ୍ତ ହସ୍ପିଟାଲ ବନ୍ଦ ରହେ ବୋଲି ଏବଂ ଔଷଧ ସେବା କେନ୍ଦ୍ର ମଧ୍ୟ ବନ୍ଦ ରହେ ବୋଲି ପ୍ରତିକ୍ରିୟା ଦେଇଥିଲେ । ଜରୁରିକାଳୀନ ସମୟରେ ହସ୍ପିଟାଲ ଖୋଲି ସମସ୍ତ ରୋଗୀଙ୍କୁ ଉପଯୁକ୍ତ ସେବା କିପରି ମିଳିବ ସେଥିପ୍ରତି ପ୍ରଶାସନ ଧ୍ୟାନଦେବା ପାଇଁ କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀମାନେ ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର–ସପ୍ତମୀ |
|---|---|
| ୧୧.୧୨.୨୦୨୫ | ନକ୍ଷତ୍ର– ପୂର୍ବାଫାଃ, ସିଂହଚନ୍ଦ୍ର |



| | | |
|---|---|---|
| ମେଷ | : | କର୍ମକ୍ଷେତ୍ରରେ ବାଧାବିଘ୍ନ ଦେଖାଦେବ । |
| ବୃଷ | : | ପାରିବାରିକ ସମସ୍ୟା ନେଇ ମନସ୍ତାପ କରିବେ । |
| ମିଥୁନ | : | ଅଚାନକ ଧନଲାଭ ହେବ । |
| କର୍କଟ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ସିଂହ | : | ବ୍ୟବସାୟରେ ଆର୍ଥିକ ଲାଭ ହେବ । |
| କନ୍ୟା | : | ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ । |
| ତୁଳା | : | ବ୍ୟବସାୟରେ ଲାଭ ହେବା ସହ ଆୟ ବୃଦ୍ଧି ପାଇବ । |
| ବିଛା | : | କାର୍ଯ୍ୟେ ସଫଳତା ମିଳିବ । |
| ଧନୁ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମକର | : | ଦିନଟି ଅଶାନ୍ତିରେ କଟିବ । |
| କୁମ୍ଭ | : | ସୁଖକାରକ ଦିନ ହେବ । |
| ମୀନ | : | ବନ୍ଧୁମିଳନ ଓ ସହଯୋଗ ପାଇବେ । |

# ଜଗନ୍ନାଥଙ୍କ ଜମିରୁ ଉଚ୍ଛେଦ : ବିବାଦରେ ଅସ୍ତରଙ୍ଗ ତହସିଲଦାର

**ଅସ୍ତରଙ୍ଗ, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**


ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଅଠତିରା ମୌଜାରେ ମହାପ୍ରଭୁ ଜଗନ୍ନାଥ ଜଳାଶୟ ଜମିରେ ବୃନ୍ଦାବନ ପ୍ରଧାନ ବେଆଇନ ଭାବେ ପକ୍କା ଗୃହ ନିର୍ମାଣକୁ ଦୀର୍ଘ ୧ ବର୍ଷ ଧରି ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ଶେଷରେ ଓଡ଼ିଶା ହାଇକୋର୍ଟରେ ଏହି ବେଆଇନ ବିବାଦୀୟ ଘଟଣାକୁ ନେଇ ମାନ୍ୟବର କୋର୍ଟରେ ବିଚାରଧୀନ ଚାଲିଛି । ଗତ ୧/୧୨/୨୦୨୫ରେ ବୃନ୍ଦାବନ ପ୍ରଧାନ ଅସ୍ତରଙ୍ଗ ତହସିଲଦାରଙ୍କୁ ପକ୍ଷ କରି ସିଭିଲ ଜଜ କୋର୍ଟରେ ଦୁଇ ସପ୍ତାହ ପାଇଁ ଏକ ମିସ କେସ୍ କରିଥିବା ଜଣାପଡ଼ିଛି । ଚଳିତ ମାସ ୧୨/୧୨/୨୦୨୫ ପର୍ଯ୍ୟନ୍ତ ମାନ୍ୟବର କୋର୍ଟଙ୍କୁ ସମୟ ମାଗିଛନ୍ତି । ସମୟ ମାଗିବାର କାରଣ ହେଉଛି ମାନ୍ୟବର ହାଇକୋର୍ଟରେ ଚାଲିଥିବା ମାମଲା ସମ୍ପର୍କରେ ସେ କୌଣସି ସଠିକ ଦସ୍ତାବିଜି ଦାଖଲ କରି ପାରୁନାହାଁନ୍ତି । ଅସ୍ତରଙ୍ଗ ତହସିଲଦାରଙ୍କୁ କୋର୍ଟ ମାଗିଥିଲେ ମଧ୍ୟ ସେ ବି କୌଣସି ତଥ୍ୟ ନ ଦେଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗକାରୀ ବାବୁରାମ ମଲ୍ଲିକ ଗୁରୁତ୍ୱର ଅଭିଯୋଗ କରିଛନ୍ତି । ଶ୍ରୀ ମଲ୍ଲିକ ଆହୁରି କହିଛନ୍ତି ଯେ ସିଭିଲ ଜଜ କୋର୍ଟରେ ବୃନ୍ଦାବନ ପ୍ରଧାନ ସମୟ ମାଗିଥିବା ବେଳେ ଅସ୍ତରଙ୍ଗ ତହସିଲଦାର ୨/୧୨/୨୦୨୫ରେ କେସ୍ ନଂ୧୪/୨୯୧୫ ଓ ୯୧/୨୦୨୪ରେ ଗତ ୧/୧୨/୨୦୨୫ ଠାରୁ ୧୨/୧୨/୨୦୨୫ ପର୍ଯ୍ୟନ୍ତ ଷ୍ଟାଟସ କୋ ଜାରି ରହିଲା ବୋଲି ଏକ ଚିଠି ଯାହାର ନଂ ୪୩୪୭/୦୨/୧୨/୨୦୨୫ରେ ସବ କଲେକ୍ଟରଙ୍କୁ ଜଣାଇଛନ୍ତି । ଏହା ପୂର୍ବରୁ ସବ କଲେକ୍ଟରଙ୍କୁ ଅନ୍ୟ ଏକ ଚିଠିରେ ଉଚ୍ଛେଦ କରିବା ପାଇଁ ପୋଲିସ ଫୋର୍ସ ଓ ଏକ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଆବଶ୍ୟକ ବୋଲି ମାଗିଥିଲେ । ପୁଣି ଗତ ୨ ତାରିଖରେ ଷ୍ଟାଟସ ଲାଗିବା କାରଣରୁ ପୋଲିସ ମାଜିଷ୍ଟ୍ରେଟ ଆବଶ୍ୟକ ନାହିଁ ବୋଲି ସବ କଲେକ୍ଟରଙ୍କୁ ଚିଠି କରିଥିବା ବାବୁରାମ ଅଭିଯୋଗ କରିଛନ୍ତି । ତହସିଲଦାର ମାନ୍ୟବର କୋର୍ଟଙ୍କୁ ତଥ୍ୟ ଲୁଚାଇବା ଓ ଗୃହ ନିର୍ମାଣକାରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ସମ୍ପର୍କରେ ଗତ ୮/୧୨/୨୦୨୫ରେ ଜିଲ୍ଲାପାଳ ଯୁଗ୍ମ ଜନ ଶୁଣାଣି ଶିବିରରେ ବାବୁରାମ ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମାନ୍ୟବର ହାଇକୋର୍ଟଙ୍କ ସମସ୍ତ ଦାସ୍ତବିଜିକୁ ନିରୀକ୍ଷଣ କରିବା ପରେ ତହସିଲଦାରଙ୍କ ଉପରେ କ୍ରୋଧାନିତ୍ୱ ହୋଇ ବିରକ୍ତି ପ୍ରକାଶ କରିଥିଲେ । ତାଙ୍କୁ ପଚାରିଥିଲେ ଯେ ତୁମେ ଜଣେ ମାଜିଷ୍ଟ୍ରେଟ ହୋଇ ଏମିତି ଭୁଲ କେମିତି କରିପାରିଲ ପୁଣି ମାନ୍ୟବର କୋର୍ଟଙ୍କୁ କ'ଣ ପାଇଁ ଅବମାନନା କରିଛ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସମ୍ପୂର୍ଣ୍ଣ ଭାବେ ଚାପର ବଶବର୍ତ୍ତୀ ହୋଇ ମହାପ୍ରଭୁଙ୍କୁ ଭୁଲି ଏକ ପାଖିଆ ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ତହସିଲଦାର ପତିଙ୍କୁ ପଚାରିବାରେ ସେ କହିଥିଲେ ଆସନ୍ତା ୧୨/୧୨/୨୦୨୫ରେ ସବୁ ସ୍ପଷ୍ଟ ପ୍ରମାଣିତ ହୋଇଯିବ । ତହସିଲଦାର ମିଛ ମନ୍ତବ୍ୟ ଦେଇ ଏବେ ବିବାଦୀୟ ହୋଇ ପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ତହସିଲଦାରଙ୍କ କୋର୍ଟ ଅବମାନନା ମାମଲାର ଶୁଣାଣି ଆସନ୍ତା ଫେବୃଆରୀ ୫ ତାରିଖରେ ହେବ ବୋଲି ଜଣାପଡିଛି । ଦେଖାଯାଉ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଲୁଚକାଳି ଖେଳ ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ଜମିରୁ ବିବାଦୀୟ ଗୃହ କେବେ ଉଚ୍ଛେଦ ହେଉଛି ।

## ସଡକ ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିର ମୃତ୍ୟୁ

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ଉପରେ ଅଜଣା ଗାଡି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାଯାଇଛି । କନେଷ୍ଟବଳ ରାଜେନ୍ଦ୍ର କୁମାର ସିଂ ଓ ମନ୍ତ୍ରୀ ମାଝୀ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ବ୍ୟକ୍ତି ଉପରେ ଗାଡି ଚଢ଼ିଯାଇଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବ ହୋଇନଥିଲା। ମୃତକ ୨ ଦିନ ହେବ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲା। ମୃତ ପୁରୁଷର ବୟସ ୪୦ ରୁ ୪୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ରାଜପଥ ଆମ୍ବୁଲାନ୍ସ ଯୋଗେ ମୃତକଙ୍କୁ ପୁଲିସ ଭଦ୍ରକ ପଠାଇଥିଲା। କନେଷ୍ଟବଳ ସିଂଙ୍କ ଅଭିଯୋଗ କ୍ରମେ ଥାନାରେ ୫୫୮/୨୫ନଂ ମାମଲା ରୁଜୁ ହୋଇଛି ।

# ଶୌଚାଳୟରେ ତାଲା, ଲୋକେ ଅସନ୍ତୁଷ୍ଟ




**କଳିଙ୍ଗନଗର, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱଚ୍ଛ ଭାରତ ମିଶନ୍ ଅଧୀନରେ ଭାରତ ସରକାର ପକ୍ଷରୁ ଶୌଚାଳୟ ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ବଜେଟ୍ ଭିନ୍ନ ଭିନ୍ନ ସ୍ଥାନକୁ ଦିଆଯାଇଛି । ପ୍ରତି ଘରେ ଲାଟିନ ଘର, ସରକାରୀ ଅଫିସ ଓ ବଜାରରେ ପବ୍ଲିକ୍ ଟଏଲେଟ୍ ସବୁଠି ଶୌଚାଳୟ ବ୍ୟବସ୍ଥା କରାଯାଇଛି । କିନ୍ତୁ ଦାନଗଦି ବ୍ଲକ କ୍ୟାମ୍ପସ ମଧ୍ୟରେ ନିର୍ମିତ ହୋଇଥିବା ବହୁମୁଖୀ ଶୌଚାଳୟ ବର୍ଷ ବର୍ଷ ଧରି ଚାବି ପଡିକି ବନ୍ଦ ରହିଛି । ସ୍ୱଚ୍ଛ ଭାରତ ମିଶନ୍ ଅଧୀନରେ ଶୌଚାଳୟ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ସମୟରେ, ଦାନଗଦି ବ୍ଲକ କ୍ୟାମ୍ପସ ଭିତରେ ନିର୍ମିତ ବହୁମୁଖୀ ଶୌଚାଳୟ ପ୍ରାୟ ୨୨ ମାସ ଧରି ବନ୍ଦ ପଡିଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାରି ଅସନ୍ତୋଷ ସୃଷ୍ଟି କରିଛି । ଟାଟା ଷ୍ଟିଲ୍ ଦ୍ୱାରା ୧୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟକୁ ମାର୍ଚ୍ଚ ୨୦୨୪ ରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ସେତେବେଳୁ ଆଜିପର୍ଯ୍ୟନ୍ତ ଏହା ଉଦଘାଟିତ ହୋଇନାହିଁ । ଫଳରେ, ପ୍ରତିଦିନ ବ୍ଲକ ଅଫିସ, ମେଡିକାଲ୍, ବଜାର ଏବଂ ବିଭିନ୍ନ ସରକାରୀ କାମକାଜ ପାଇଁ ଆସୁଥିବା ଶହଶହ ସାଧାରଣ ଲୋକ ଶୌଚାଳୟ ଅଭାବରେ ବହୁତ ହଇରାଣ ହରକତ ହେବାକୁ ପଡୁଛି ।


ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଶୌଚାଳୟ ବନାଗଲା, କିନ୍ତୁ ଜନସାଧାରଣ ପାଇଁ ଖୋଲା ହୋଇନାହିଁ । ଏହା କାହା ପାଇଁ ନିର୍ମାଣ କରାଯାଇଛି? ଅଭିଯୋଗ ଉଠିଛି ଯେ, କିଛି ଅସାଧୁ ଅଧିକାରୀଙ୍କ ଅବହେଳା ଫଳରେ ସରକାରୀ ହେଉ କୀ ବେସରକାରୀ ଯୋଜନାର ଲାଭ ପ୍ରାପ୍ୟ ଲୋକଙ୍କୁ ମିଳୁନାହିଁ । ସ୍ୱଚ୍ଛ ଭାରତ ମିଶନ୍ ଯେଉଁଠାରେ ଖୋଲା ଆକାଶ ତଳେ ଶୌଚ କରିବା ବନ୍ଦ କରିବାକୁ ଲକ୍ଷ୍ୟ ନେଇଥାଏ, ସେଠାରେ ଏପରି ଅବହେଳା ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ସ୍ଥାନୀୟ ଲୋକଙ୍କ ଦାବି: ବ୍ଲକ କ୍ୟାମ୍ପସ ଭିତରେ ଥିବା ବନ୍ଦ ଶୌଚାଳୟକୁ ତୁରନ୍ତ ସାଧାରଣଙ୍କ ପାଇଁ ଖୋଲାଯାଉ । ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସରକାରୀ ଯୋଜନାର ଲକ୍ଷ୍ୟ ପୁରଣ ନିମନ୍ତେ, ଏହି ବନ୍ଦ ଶୌଚାଳୟକୁ ଶୀଘ୍ର ଚାଲୁ କରିବାକୁ ବୁଦ୍ଧିଜୀବୀ ମହଲରେ ହେଉଛି ଦାବି ।

## ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଝାରସୁଗୁଡ଼ା, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଗଡିହି ଫରେଷ୍ଟ ରେଞ୍ଜ ପିତାମାଲ ଜଙ୍ଗଲରେ ଦନ୍ତା ହାତୀର ଆକ୍ରମଣରେ ବୃଦ୍ଧ ମୃତ । ସୂଚନା ଅନୁସାରେ ଗତକାଲି ଅପରାହ୍ନରେ ପିତାମାଲ୍ ଗ୍ରାମର ହିରାଲାଲ ବୁଡ଼ା (୬୦) ଘରୁ ଏକ ଟାଙ୍ଗିଆ ଧରି ବାହାରି ଯାଇଥିଲେ । ସନ୍ଧ୍ୟା ବେଳକୁ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥଲେ, କିନ୍ତୁ ହିରାଲାଲକୁ ପାଇ ନ ଥିଲେ । ଆଜି ସକାଳୁ ହିରାଲାଲ୍ ଜଙ୍ଗଲ ଭିତରକୁ ଯାଇଥିବା ସନ୍ଦେହ କରି ପିତାମାଲ୍ ଜଙ୍ଗଲକୁ ପରିବାର ଲୋକେ ଖୋଜିବା ପାଇଁ ଯାଇଥିଲେ । ଜଙ୍ଗଲ ଭିତରେ ଦନ୍ତା ହାତୀ ହିରାଲାଲକୁ ମାଡ଼ି ଦଳି ମାରିଦେଇଥିବା ଦେଖିବାକୁ ପାଇଥିଲେ । ଖବର ପାଇ ବାଗଡିହି ବନବିଭାଗର ରେଞ୍ଜର ବନ୍ଦନା ପଶାୟତ, ଫରେଷ୍ଟର ମୁରାରି ପ୍ରସାଦ ସାହୁଙ୍କ ସମେତ ବନ ବିଭାଗର ଏଲିଫେଣ୍ଟ ସ୍କ୍ୱାଡ, ଲଇକେରା ଥାନାଧିକାରି ଦିଲୀପ ବେହେରା ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ପଠାଇବା ସହିତ ତଦନ୍ତ କରୁଥିବା କହିଛନ୍ତି ଫରେଷ୍ଟର ଶ୍ରୀ ସାହୁ ।

# ଅଫିସ୍ କାନ୍ଥରେ ଉଠିଲାଣି ଗଛ...



**ମାହାଙ୍ଗା, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଧାରଣତଃ ଯେକୌଣସି କାର୍ଯ୍ୟାଳୟ ହେଉନା କାହିଁକି ଏହାକୁ ସ୍ୱଚ୍ଛ ରଖିବା ଅଧିକାରୀ ଏବଂ କର୍ମଚାରୀଙ୍କ ଦାୟିତ୍ୱ ରହିଥାଏ । ହେଲେ ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଓ ଅଣଦେଖା ହେତୁ କାର୍ଯ୍ୟାଳୟ ଗୁଡିକ ଅସୁରକ୍ଷିତ ହେବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ।

ପ୍ରକାଶ ଥାଉ କି ଏହି ବ୍ଲକ ଏବେ ନାନା ସମସ୍ୟା ଦେଇ ଗତି କରୁଅଛି । ବିଶେଷ କରିବିଦ୍ୟୁତ ବିଭ୍ରାଟ ଠାରୁ ଆରମ୍ଭ କରି କର୍ମଚାରୀ ମରୁଡି,ପାନୀୟ ଜଳ ସମସ୍ୟା ଏବଂ ଗୃହ ସମସ୍ୟା ଆଦି ଲାଗି ରହିଛି । ବ୍ଲକ ପ୍ରଶାସନ ପକ୍ଷରୁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଇ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଥିବାବେଳେ କିପରି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ଦୃଷ୍ଟିଗୋଚରକୁ ଆସୁନାହିଁ ତାହା ବିଭାଗୀୟ ଅଧିକାରୀଙ୍କ ପାରିବା ପଣିଆ ଉପରେ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି କାର୍ଯ୍ୟାଳୟର ପରିସର ସଫେଇ ହୋଇଥିବାବେଳେ ଅର୍ଥ ହରିଲୁଟ ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ବିଶେଷ କରି ଏହି କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ପଛପଟ କାନ୍ଥରେ ଏକ ବିରାଟ ଗଛ ଉଠି କାନ୍ଥ ଓ ଗୃହ ପାଇଁ ବିପଦ ସୃଷ୍ଟି କରିଛି । ସେହିପରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ କାନ୍ଥରେ ବରଗଛ,ଓସ୍ତ ଗଛ ଉଠିଥିବା ଦେଖିବାକୁ ମିଳିଛି । ଏଥିସହିତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ଗୃହ , ଛାତ ଓ ତାଜାରେ ଅନାବନା ଗଛ ଉଠି ଅଛି । ଯାହାକି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର ହେଉନାହିଁ । ଏହା ଧୀରେ ଧୀରେ ଗୃହ ପାଇଁ ବିପଦଶଙ୍କୁଳ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି ।

## ବିଦ୍ୟୁତଫାଶରେ ଯୁବକ ମୃତ

**କଣିହାଁ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଲଲହଡା କଣିହାଁ ବ୍ଲକ ଚିପିରିମା ଗାଁରେ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ ତାର ଫାଶରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଜନ୍ତୁ ଶିକାର ପାଇଁ ବିଦ୍ୟୁତ ଫାଶ ବିଛା ଯାଇଥିଲା । ଯୁବକ ଜଣକ କୌଣସି କାମରେ ବାହାରକୁ ଯାଇଥିବାବେଳେ ଅସାବଧାନତା ବଶତଃ ବିଦ୍ୟୁତ ଫାଶରେ ପଡି ଯାଇଥିଲେ । ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।


## ପାଣି ଟାଙ୍କି ଉପରେ ଷଣ୍ଢ



**ଅନୁଗୋଳ, ୧୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ଭେରୁବଣିଆ ଗାଁର ଗ୍ରାମୀଣ ପାନୀୟ ଜଳ ଟାଙ୍କି ଉପରକୁ ଏକ ଷଣ୍ଢ ଚଢ଼ିଯାଇଥିବା ଦେଖିବାକୁ ମିଳିଥିଲା । ଗ୍ରାମବାସୀ ବାସୀମାନେ ଚେଷ୍ଟା କରି ବିଫଳ ହୋଇ ବନ୍ତଲା ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ବନ୍ତଲା ଅଗ୍ନିଶମ ବାହିନୀ ପହଞ୍ଚି ସୁରକ୍ଷିତ ଭାବେ ଷଣ୍ଢକୁ ଉଦ୍ଧାର କରିଥିଲେ ।

# ସାତକୋଶିଆକୁ ବିଦେଶୀ ପକ୍ଷୀଙ୍କ ଆଗମନ



**ବୌଦ୍ଧ, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶୀତ ଆସିଲେ ମହାନଦୀ ଅବବାହିକାରେ ସାତକୋଶିଆ ଗଣ୍ଡ ଓ ଅଭୟାରଣ୍ୟରେ ଗୁଞ୍ଜରିତ ହୁଏ ବିଦେଶାଗତ ପକ୍ଷୀଙ୍କ କଳରବ । ଏଥର ଶୀତର ଲହରୀ ବିଳମ୍ବିତ ହେବାରୁ ପକ୍ଷୀଙ୍କ ଆଗମନ ମଧ୍ୟ ବିଳମ୍ବିତ ହୋଇଛି । ଗତ ସପ୍ତାହକ ମଧ୍ୟରେ ରାତିର ପାରଦ ସାମାନ୍ୟ ଖସିଛି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଆଭ୍ୟନ୍ତରୀଣ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଆରମ୍ଭ ହୋଇଛି ଶୀତର ଲହରୀ । ଥଣ୍ଡା ପଡ଼ିବା ପରେ ସାତକୋଶିଆ ଗଣ୍ଡର ନଦୀଶଯ୍ୟା ଓ ଜଳରାଶି ଭିତରେ ଏବେ ପକ୍ଷୀଦଳ ଭିଡ଼ ଜମାଇଲେଣି । ପଦ୍ମତୋଳା ଘଞ୍ଚ ଜଙ୍ଗଲରେ ଥିବା ଗଛଗୁଡ଼ିକରେ ଦଳଦଳ ହୋଇ ପକ୍ଷୀମାନେ ବସା ତିଆରି କରୁଥିବା ଦେଖିବାକୁ ମିଳିଛି ।

ପକ୍ଷୀ ବିଶେଷଜ୍ଞଙ୍କ ମତରେ, ଶୀତ ଋତୁରେ ବିଦେଶରେ ପ୍ରବଳ ତୁଷାରପାତ ହେଉଥିବାରୁ ପକ୍ଷୀମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସଙ୍କଟ ହୋଇଥାଏ । ଭାରତରେ ନଭେମ୍ବରଠୁ ଫେବୃଆରୀ ପର୍ଯ୍ୟନ୍ତ ପରିବେଶ ବେଶ ଥଣ୍ଡା ଓ ଅନୁକୂଳ ହୋଇଥାଏ । ଫଳରେ ନଭେମ୍ବର ମାସରୁ ବିଦେଶୀ ପକ୍ଷୀମାନେ ଭାରତମୁହାଁ ହୋଇଥାନ୍ତି । ସେଥିମଧ୍ୟରୁ ଅନେକ ପକ୍ଷୀଦଳ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି । ସାତକୋଶିଆରେ ପର୍ଯ୍ୟାପ୍ତ ଜଳରାଶି ଥିବାରୁ ସେଠାରେ ପ୍ରଚୁର ଖାଦ୍ୟ ମିଳିଥାଏ ଏବଂ ଅଭୟାରଣ୍ୟର ଘଞ୍ଚଜଙ୍ଗଲ ନିରାପଦ ସ୍ଥାନ ହୋଇଥିବାରୁ ପ୍ରତିବର୍ଷ ଏହି ଅଞ୍ଚଳକୁ ଲକ୍ଷଲକ୍ଷ ପକ୍ଷୀ ଆସି ବସା ବାନ୍ଧିଥାଆନ୍ତି । ପୁଣି ଶୀତଋତୁ ଅପସରି ଗଲାପରେ ଫେବୃଆରୀ ମାସ ଶେଷଆଡ଼କୁ ପୁଣି ସେମାନେ ପ୍ରତ୍ୟାବର୍ତ୍ତନ କରନ୍ତି । ବର୍ତ୍ତମାନ ସାତକୋଶିଆ ଅଞ୍ଚଳରେ ପକ୍ଷୀମାନଙ୍କ ଚଲାବୁଲା ଓ ସମାଗମ ଆରମ୍ଭ ହେଲାଣି । ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ରୁଢ଼ି ସେଲଡକ, ପନିଟେଲ୍, ଶାଭାର ଓ ଗଡୱାଲ୍ ଆଦି ବିଭିନ୍ନ ପକ୍ଷୀ ମାନେ ଆସିଥିବା ନୟାଗଡ଼ ବନ୍ୟ ପ୍ରାଣୀ ଡିଏଫ୍‌ଓ ଅମରେଶ ନାଥ ପ୍ରଧାନ କହିଛନ୍ତି । ତେବେ ପକ୍ଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଡିଏଫ୍‌ଓ କହିଛନ୍ତି ।

# ନୀଳଗିରିରେ ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ

**ନୀଳଗିରି, ୧୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ଧାନ ଅମଳ ସମୟରେ ସୁଦୂର ଝାଡ଼ଖଣ୍ଡ ରାଜ୍ୟର ଦଲମା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ଆସି ବ୍ୟାପକ କ୍ଷୟକ୍ଷତି କରିଥାନ୍ତି । ଯାହାକୁ ନେଇ ଚାଷୀ ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବର୍ଷ ବର୍ଷ ଧରି ଏପରି ଝାଡ଼ଖଣ୍ଡୀ ହାତୀପଲ ପ୍ରବେଶ କରୁଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏହାକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରୁନାହି । ଯାହାକୁ ନେଇ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରି ସ୍ଥଳେ ଗତକାଲି ମଧ୍ୟ ରାତ୍ରୀରେ ନୀଳଗିରିରେ ପଶିଛନ୍ତି ଝାଡ଼ଖଣ୍ଡ ହାତୀପଲ । ସୀମାନ୍ତ ମୟୁରଭଞ୍ଜ ଜିଲ୍ଲାରେ ଗତକାଲି ହାତୀପଲ ଘୁରି ବୁଲୁଥିବା ବେଳେ ଏ ନଡ଼ପୁର ଜଙ୍ଗଲ ପାର ହୋଇ ନଖରା,ସୋନନଦୀ ପାର ହୋଇ ଆସିଛନ୍ତି । ନୀଳଗିରି ଅଞ୍ଚଳକୁ ପ୍ରତ୍ୟେକ ବର୍ଷ ଝାଡ଼ଖଣ୍ଡ ହାତୀପଲ ଆସି ବ୍ୟାପକ ଫସଲ ନଷ୍ଟ କରିଥାନ୍ତି । ଚଳିତ ବର୍ଷ ଏକ ଦନ୍ତାହାତୀ ଆସି ଉପଦ୍ର କରିଥିଲା । ୨୭ ଟିକିଆ ଝାଡ଼ଖଣ୍ଡ ହାତୀପଲ ନୀଳଗିରି ଅଞ୍ଚଳକୁ ଧସେଇ ପଶିଛନ୍ତି । ବନବିଭାଗ ଏନେଇ ସଜାଗ ଥିବାବେଳେ ଧାନ କ୍ଷେତରେ ଏବେ ଧାନ ଅମଳ ଚାଲିଥିବାରୁ ଚାଷୀମାନେ ଏନେଇ ଆତଙ୍କିତ ହୋଇପଡିଥିବା ଜଣାପଡିଛି ।

## ଅଜଣା ଯୁବକର ମୃତଦେହ ଉଦ୍ଧାର

**ଭଦ୍ରକ, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ମଞ୍ଜୁରୀରୋଡ ଅଞ୍ଚଳର ବନ୍ଧାଲୋ–ମଢିଆଳି ପଞ୍ଚାୟତ ଅନ୍ତର୍ଗତ ଖପୁରିଆପଦା ବୈତରଣୀ ନଦୀର ରେଳବାଇ ସେତୁ ତଳେ ଜଣେ ଅଜଣା ଯୁବକର ମୃତଦେହ ପଡିରହିଥିବା ଜଣାଯାଇଛି । ମଙ୍ଗଳବାର ଅପରାହ୍ନରେ ମାଛ ଧରିବାକ ଯାଇଥିବା ଗ୍ରାମ ଲୋକେ ପାଣିରେ ଶବ ପଡିଥିବା ଦେଖି କୂଳକୁ ଉଠାଇ ଆଣିଥିଲେ। ଯୁବକ ଜଣକ ଜିନ୍ସ ପ୍ୟାଣ୍ଟ ଓ କଳା ରଙ୍ଗର ସାର୍ଟ ପିନ୍ଧିଛି । ତାଙ୍କ ହାତରେ ଅନିରୁଦ୍ଧ ଲେଖାଯାଇଛି । ମାତ୍ର ପରିଚୟ ଜଣାପଡିନାହିଁ । ସେହି ସ୍ଥାନ ଭଦ୍ରକ ରେଳବାଇ ପୁଲିସ ପରିସରରେ ଆସୁଥିବାରୁ ଜିଆରପିକୁ ଅପେକ୍ଷା କରାଯାଇଛି। କେଉଁ କାରଣରୁ ଓ କିପରି ଶବ ଆସିଲା ସେଥିନେଇ ନାନା କଥା ଆଲୋଚନା ହେଉଛି ।

# ତିନିବର୍ଷ ତଳେ ପଟ୍ଟା ଦେଇଥିଲେ ସରକାର, ଜମି ଚିହ୍ନଟ କରୁନାହାନ୍ତି ତହସିଲଦାର




**ଓଡ଼ାପଡ଼ା, ୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଭୂମିହୀନ ବାସହୀନ ଗରିବ ନିରୀହ ଲୋକଙ୍କୁ ଚାରି ଡେସିମିଲ ଜାଗା ପ୍ରଦାନ କରିବେ । ମୌଳିକ ସୁବିଧା ସୁଯୋଗ ଥିବା ତହସିଲ ଅନ୍ତର୍ଗତ ଯେ କୌଣସି ଅଞ୍ଚଳରେ ଏହି ଜାଗା ପ୍ରଦାନ କରାଯିବା ପାଇଁ ସ୍ଥିର କଲେ ସରକାର । ବାସ୍ତବରେ କିନ୍ତୁ ଏହି ସବୁ ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି । ତିନି ବର୍ଷ ତଳେ ସରକାର ପଟା ତ ପ୍ରଦାନ କରିଦେଲେ କିନ୍ତୁ ଦେଇଥିବା ଜାଗା ଚିହ୍ନଟ କରି ହସ୍ତାନ୍ତର କରିବାକୁ ଭୁଲିଗଲେ ଓଡ଼ାପଡ଼ା ତହସିଲଦାର ।

ତହସିଲ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଥିଲେ ମଧ୍ୟ ତହସିଲଦାର ତାଙ୍କୁ ଜାଗା ମଡ଼ାଣ ବଦଳରେ କରୁଛନ୍ତି ଅସଦାଚରଣ । ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଗରିବ ନିରୀହ ଏବଂ ମହିଳାଙ୍କୁ ଅଗ୍ରାଧିକାର ଦେଇ କିପରି ମୌଳିକ ସୁବିଧା ଯୋଗାଇ ଦିଆଯିବ, ସେଥିନିମନ୍ତେ ରାଜ୍ୟର ପ୍ରତେକ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟରେ ବାବୁ ମାନେ ତତ୍ପରତାର ସହ କାର୍ଯ୍ୟକରି ସେମାନଙ୍କୁ ଭଲ ଆଚରଣ ଉଚ୍ଚାରଣ ଦେଖାଇ ଯଥାଶୀଘ୍ର ସେବା ଯୋଗାଇ ଦେବାକୁ ବାରମ୍ବାର ସମ୍ମିଳନୀ କରି ମାନନୀୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ କାର୍ଯ୍ୟାଳୟରେ ଏହାର ବାରମ୍ବାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଖବର ଅନୁସାରେ ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ଆର୍ଡ଼ସାନ୍ତରା କାଟେଣି ଗ୍ରାମର ଅନୁସୂଚିତ ଜାତିର ଅଠରରୁ ଅଧିକ ଭୂମିହୀନ ପରିବାର ଆଜକୁ ଦଶ ବର୍ଷ ହେବ ନୂତନ ଜମିପଟ୍ଟା ଯୋଗାଇ ଦେବାକୁ ନିବେଦନ କରିଆସୁଥିବା ବେଳେ ଗତ ତିନିବର୍ଷ ହେଲା ସେମାନଙ୍କୁ ଗୁଣ୍ଡିକିଆ ପଟ୍ଟା ସରକାର ପ୍ରଦାନ କରିଛନ୍ତି ସତ କିନ୍ତୁ ଛୁଆଙ୍କୁ ଚକୋଲେଟ ଦେଇ ଭଣ୍ଡେଇଲା ଭଳି ଜାଣିଶୁଣି ଓଡାପଡା ତହସିଲ ପ୍ରଶାସନ ଆଜି ଯାଏଁ ସେସବୁ ଜାଗା ଚିହ୍ନଟ କରି ହସ୍ତାନ୍ତର କରିପାରିଲେ ନାହିଁ । ଆଜି ଆସ କାଲି କି ଆସ କହିକହି ବର୍ଷ ପରେ ବର୍ଷ ତିନି ବର୍ଷ ବିତିଗଲାଣି । ତହସିଲ କୁ ନୂଆଁ ନୂଆଁ ତହସିଲଦାର ମଧ୍ୟ ଆସି ବଦଳି ହୋଇ ଚାଲି ଗଲେଣି କିନ୍ତୁ ବଦଳି ପାରିଲାନି, ଅନୁସୂଚୀତ ଜାତି କୂଳରେ ଜନ୍ମ ଗ୍ରହଣ କରିଥିବା ଭୂମିହୀନ, ବାସହୀନ ଗରିବ ନିରୀହ ଖଟିଖିଆ ଦିନ ମଜୁରିଆ, ଆର୍ଡ଼ସାନ୍ତରା କାଟେଣୀ ବସ୍ତି ବାସିନ୍ଦାଙ୍କ ଭାଗ୍ୟ । ଗ୍ରାମର ଚତୁଃପାର୍ଶ୍ୱରେ ମାଳ ମାଳ ଖଣି କ୍ରସରର ଧୂଳି ଧୂଆଁ ଓ ବିଷାକ୍ତ ଜଳ ପାଇଁ ପରିବେଶ ବିଷମୟ ପାଲଟୁଥିବା ବେଳେ ବିଗତ ବର୍ଷରେ ଅକାଳରେ ଅନେକ ଜୀବନ ଚାଲିଯାଇଛି । ଚାରି ଆଡେ ଧୂଳିଧୁଁଆମୟ ପରିବେଶ । ଏବେ ମଧ୍ୟ ଅଧାରୁ ଅଧିକ ଲୋକ ଯକ୍ଷ୍ମା ଓ କିଡ୍‌ନୀଜନିତ ରୋଗରେ ପୀଡିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପ୍ରାୟ ତିରିଶ ବର୍ଷ ଧରି ଚାଳ ଛପର କରି ରହିଆସୁଥିବା ବେଳେ, ଜମି କିସମ ଗୋଚର ହୋଇଥିବାରୁ ପିଲାମାନଙ୍କର ପାଠ ପଢା ପାଇଁ ଜାତିଗତ ପ୍ରମାଣପତ୍ର କିମ୍ବା ବାସସ୍ଥାନ ପ୍ରମାଣପତ୍ରଟିଏ ମଧ୍ୟ ବାହାର କରି ପାରୁନାହାନ୍ତି । ନିଜ ଜୀବନ ସହିତ ପରିବାରର ଜୀବନ ବଞ୍ଚାଇବା ପାଇଁ ବାଧହୋଇ ଆଜି ପଟ୍ଟା ପାଇଥିବା ସମସ୍ତ ମହିଳା ଓଡ଼ାପଡ଼ା ତହସିଲ ସମ୍ମୁଖରେ ଧାରଣା ଦେଇଛନ୍ତି । ଏଠି ପ୍ରଶ୍ନ ଉଠୁଛି ତିନିବର୍ଷ ହେଲାଣି ପଟ୍ଟା ପାଇଥିଲେ ମଧ୍ୟ କାହିଁକି ଏଯାଏଁ ଜାଗା ମିଳୁନି ? ଗରିବଙ୍କ ପାଇଁ ସତରେ କଣ ଓଡାପଡା ତହସିଲଦାରଙ୍କର ସମୟ ନାହିଁ? କାହିଁକି ଭୂମିହୀନଙ୍କୁ ଛଳନା କରୁଛି ଓଡାପଡା ତହସିଲ ପ୍ରଶାସନ? ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଉର୍ଦ୍ଧ୍ୱରେ କି ଓଡାପଡା ତହସିଲଦାର ।

■ ଏଥିରୁ ଆମେ ଆଶା କରିପାରିବା– ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପରେ ଲୋକେ ଅଧିକ ଉତ୍ତମ ସେବା ପାଇବେ । ବିଧାୟକମାନଙ୍କ ଆର୍ଥିକ ସଂକଟ ଆଉ ରହିବନି, ତେଣୁ ଚିନ୍ତାଶୂନ୍ୟ ଭାବରେ ସେମାନେ ଲୋକଙ୍କର ସେବା କରିପାରିବେ । ଲୋକେ ଖୁସିରେ ରହିପାରିବେ । କିନ୍ତୁ ଆଉ ଏକ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ ଯେ ବିଧାୟକ ଏବଂ ଲୋକପ୍ରତିନିଧିମାନେ ଚିନ୍ତା କରିବାକୁ ଚେଷ୍ଟା କରିବେ କି ହଜାରେ ଏବଂ ଦେଢ଼ ହଜାର ଟଙ୍କା ଭତ୍ତା ଏବଂ ପେନସନରେ ଲୋକେ ଗୋଟେ ମାସ ଚଳନ୍ତି କେମିତି?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୧ ଡିସେମ୍ବର, ୨୦୨୫ | ଗୁରୁବାର


## ଓଡ଼ିଶା ଏକ୍ସପ୍ରେସ୍

### ସବୁଠାରୁ ଲାଭଜନକ ବୃତ୍ତି...

ଗୋଟେ ସମୟରେ ଚଳଚ୍ଚିତ୍ର ତାରକାମାନଙ୍କ ଆୟ ସବୁଠୁ ଅଧିକ ଥିଲା। ସେମାନେ ଅଧିକ ଆୟକର ଦେଉଥିଲେ। ଲୋକପ୍ରିୟତା, ଆୟ, ଅୟସ–ଆରାମ ସବୁକ୍ଷେତ୍ରରେ ଏମାନେ ଅନ୍ୟ ବୃତ୍ତିଧାରୀଙ୍କଠାରୁ ଆଗୁଆ ଥିଲେ । ଜୀବନକୁ ଉପଭୋଗ କରୁଥିଲେ ଏଇମାନେ । ଏମାନଙ୍କ ସହିତ ପରେ ପରେ ତାଳଦେଲେ କ୍ରିକେଟ ତାରକାମାନେ । ଏମାନେ ମଧ୍ୟ ଲୋକପ୍ରିୟତା ଏବଂ ଆୟରେ ଚଳଚ୍ଚିତ୍ର ତାରକାଙ୍କୁ ମଧ୍ୟ ବଦଳିଗଲେ। ଲୋକେ ଏମାନଙ୍କୁ ଅନୁକରଣ କଲେ– ପ୍ରଶଂସକ ପାଲଟିଗଲେ। ଯେଉଁ ବାପା ମା' ଦିନେ ପିଲାଙ୍କୁ ତାଗିଦ କରୁଥିଲେ ସେମାନେ ମଧ୍ୟ ଚାହିଁଲେ ସେମାନଙ୍କ ପିଲାଏ କ୍ରିକେଟ ତାରକା ହୁଅନ୍ତୁ ।

ଚଳଚ୍ଚିତ୍ର ତାରକା ଏବଂ କ୍ରିକେଟ ତାରକାଙ୍କ କାଟ୍‌ତି କିନ୍ତୁ କମିଯାଏ ବୟସ ବଢ଼ିଗଲେ, ଚମକ ଚାଲିଗଲେ । ଦିନେ ମୁଖ୍ୟ ନାୟିକା ହେଉଥିବା ଅଭିନେତ୍ରୀଙ୍କୁ ମା' ଭୂମିକାରେ ଅଭିନୟ କରିବାକୁ ପଡ଼େ। ହିରୋକୁ ମିଳେ ବାପା ଚରିତ୍ର । କ୍ରିକେଟ୍‌ରେ ମଧ୍ୟ ବୟସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବୟସ ଗଡ଼ିଗଲେ ପଡ଼ିଆରୁ ବାହାରିବାକୁ ପଡ଼େ, ଅବସର ନେବାକୁ ହୁଏ, ଆୟ କମିଯାଏ । ଏକମାତ୍ର କ୍ଷେତ୍ର ହେଉଛି ରାଜନୀତିର କ୍ଷେତ୍ର ଯେଉଁଠି ବୟସ ବାଧକ ସାଜେନି ବରଂ ପୁରୁଖା ନେତାଙ୍କ କାଟ୍‌ତି ବଢ଼ିଯାଏ ।

ଏବେ ରାଜନୀତି ସବୁଠୁ ଲାଭଜନକ ବୃତ୍ତି ପାଲଟିଛି । ଏଥିରେ ଲୋକପ୍ରିୟତା ଏବଂ ଆୟ ସାଙ୍ଗକୁ କ୍ଷମତା ମଧ୍ୟ ଆସିଯାଏ ହାତକୁ । ଏ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ବାଧକ ସାଜେନି । ମୃତ୍ୟୁ ପୂର୍ବ ପର୍ଯ୍ୟନ୍ତ ରାଜନୀତିରେ ରହିହୁଏ । ଫୁଲମାଳ ଏବଂ କରତାଳିର ଅଭାବ ରହେନା । ଥରେ ନିର୍ବାଚନ ଜିତିଗଲେ ଆଉ ଚିନ୍ତା ନଥାଏ । ଶାସନରେ ରହିଲେ ତ ସବୁ ଅୟସ–ଆରାମ ପାଦତଳକୁ ଆସିଯାଏ ।

ଗୋଟେ ସମୟରେ ବାପା ମା' ଚାହୁଁନଥିଲେ ସେମାନଙ୍କ ପିଲାଏ ରାଜନୀତି କରନ୍ତୁ । ଏବେ ନିଶ୍ଚେ ଚାହିଁବେ । ରାଜନୀତି ଏବେ ସବୁଠୁ ଲାଭଜନକ ଏବଂ ସୁରକ୍ଷିତ ବୃତ୍ତି ପାଲଟିଛି ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ବିଧାୟକଙ୍କର ବହୁଦିନର ଦାବି ପୂରଣ ହୋଇଛି । ସେମାନଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ପାଇଛି । ଏକାଥରକେ ଅଢ଼େଇଗୁଣରୁ ଅଧିକ ବଢ଼ିଛି । ପୂର୍ବତନ ବିଧାୟକଙ୍କ ପେନସନରେ ବି ବୃଦ୍ଧି କରାଯାଇଛି । ସେ ସଂକ୍ରାନ୍ତୀୟ ତିନୋଟି ପୃଥକ ବିଲ୍ ବିଧାନସଭାରେ ପାରିତ ହୋଇଛି । ୨୦୨୪ ଜୁନ୍ ମାସରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ । ଏଣିକି ପ୍ରତି ୫ ବର୍ଷରେ ବିଧାୟକଙ୍କ ଦରମା ସ୍ୱାଭାବିକ ଭାବେ ବୃଦ୍ଧି ହେବ, ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡ଼ିବ ନାହିଁ । ଏଇ ଗୋଟିଏ ପ୍ରସଙ୍ଗରେ ବୋଧେ ସବୁ ରାଜନୈତିକ ଦଳ ନିଶ୍ଚିତ ଭାବରେ ଏକାଠି ହୋଇଥିବେ । ବିରୋଧୀ ଦଳ ମଧ୍ୟ ବିରୋଧ କରିନଥିବେ ଏ ବିଲ୍‌କୁ ।

୨୦୧୭ ମସିହା ସଂଶୋଧନ ପରେ ବିଧାୟକମାନେ ମୂଳ ଦରମା ବାବଦକୁ ମାସିକ ୩୫ହଜାର ଟଙ୍କା ପାଉଥିଲେ । ଅନ୍ୟାନ୍ୟ ଭତ୍ତାକୁ ମିଶାଇଲେ ତାହା ପାଖାପାଖି ୧ ଲକ୍ଷ ଟଙ୍କା ହେଉଥିଲା । ଏବେ ସଂଶୋଧନ କରାଯାଇ ମୂଳ ଦରମାକୁ ମାସିକ ୯୦ ହଜାର ଟଙ୍କା କରାଯାଇଛି । ଅନ୍ୟାନ୍ୟ ଭତ୍ତା ମିଶାଇଲେ ମାସିକ ମୋଟ ୩ଲକ୍ଷ ୪୫ ହଜାର ଟଙ୍କା ପାଇବେ ବିଧାୟକମାନେ । ଏହାବାଦ ସେମାନେ ବିଧାନସଭା ଅଧିବେଶନ ଓ ଷ୍ଟାଣ୍ଡିଂ କମିଟି ବୈଠକରେ ଯୋଗଦେବା ପାଇଁ ସିଟିଂ ଆଲାଉନ୍ସ ମଧ୍ୟ ପାଇବେ । ଭତ୍ତା ମଧ୍ୟରେ ରହିଛି ନିର୍ବାଚନ ମଣ୍ଡଳୀ ଭତ୍ତା ୭୫ ହଜାର ଟଙ୍କା, ଯାତାୟାତ ଭତ୍ତା ୫୦ ହଜାର ଟଙ୍କା, ପତ୍ରପତ୍ରିକା ୧୦ ହଜାର ଟଙ୍କା, ବିଦ୍ୟୁତ୍ ବିଲ୍ ୨୦ ହଜାର ଟଙ୍କା, ବ୍ୟକ୍ତିଗତ ଗସ୍ତ ଭତ୍ତା ୫୦ହଜାର ଟଙ୍କା, ଚିକିତ୍ସା ଭତ୍ତା ୩୫ହଜାର ଟଙ୍କା ଓ ଟେଲିଫୋନ୍ ଭତ୍ତା ୧୫ହଜାର ଟଙ୍କା ରହିଛି ।

ଏଥିରୁ ଆମେ ଆଶା କରିପାରିବା– ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପରେ ଲୋକେ ଅଧିକ ଉତ୍ତମ ସେବା ପାଇବେ । ବିଧାୟକମାନଙ୍କ ଆର୍ଥିକ ସଂକଟ ଆଉ ରହିବନି, ତେଣୁ ଚିନ୍ତାଶୂନ୍ୟ ଭାବରେ ସେମାନେ ଲୋକଙ୍କର ସେବା କରିପାରିବେ । ଲୋକେ ଖୁସିରେ ରହିପାରିବେ । କିନ୍ତୁ ଆଉ ଏକ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ ଯେ ବିଧାୟକ ଏବଂ ଲୋକପ୍ରତିନିଧିମାନେ ଚିନ୍ତା କରିବାକୁ ଚେଷ୍ଟା କରିବେ କି ହଜାରେ ଏବଂ ଦେଢ଼ ହଜାର ଟଙ୍କା ଭତ୍ତା ଏବଂ ପେନସନରେ ଲୋକେ ଗୋଟେ ମାସ ଚଳନ୍ତି କେମିତି??

# ସବୁଠି ଫାନ୍ଦ : କହିବା କାହାକୁ ଶୁଣିବ କିଏ ?

## ସତ କହିବାକୁ କିଆଁ ଡରିବି

◆ **ଅମ୍ବିକା ପ୍ରସାଦ ଦାସ** ◆

**ଭୁବନେଶ୍ୱର ରାଜଧାନୀ ହେଲା ପରେ କର୍ମଚାରୀ ଓ ବିଭିନ୍ନ ବର୍ଗଙ୍କ ରହିବା ପାଇଁ ଘର ନିର୍ମାଣ କରିଥିଲେ ସରକାର। ଇତିମଧ୍ୟରେ ଢେର ବର୍ଷ ବିତିଗଲାଣି । ନବୀକରଣ ଓ ରକ୍ଷଣାବେକ୍ଷଣ ବାବଦରେ ସରକାର ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି, ତାହା ଟିକସଦାତାଙ୍କ ଅର୍ଥ। ଯଦି ଆବଣ୍ଟିତ ଅର୍ଥର ଶତ ପ୍ରତିଶତ ଉପଯୁକ୍ତ ବିନିଯୋଗ ହେଉଥାନ୍ତା ତେବେ ଅଧା ଅର୍ଥରେ ସରକାରୀ ଘର ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ହେବା ସହ ଚକାଚକ୍ ହୋଇସାରନ୍ତାଣି। କିନ୍ତୁ ଆବଣ୍ଟିତ ଅର୍ଥର ଅଧାରୁ ଅଧିକ ପରିମାଣର ଅର୍ଥ ବାଟମାରଣା ଏପରିକି ସମ୍ପୂର୍ଣ୍ଣ ହଡ଼ପ ହୋଇଯାଉଥିବାରୁ ବାରମ୍ବାର ରକ୍ଷଣାବେକ୍ଷଣ ନାଁରେ ଅର୍ଥ ବରାଦ ଚାଲିଛି ।**

ଦୀର୍ଘଦିନର ବ୍ୟବଧାନ ପରେ କିଛିଦିନ ତଳେ ଯାଇଥିଲି ଲୋକସେବା ଭବନ (ସଚିବାଳୟ) । ତୃତୀୟ ମହଲାରେ ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଦେଖାହେଲା। ମୋତେ ଦେଖୁଦେଖୁ ସେ କହିଲେ– କାଲି ଆପଣଙ୍କ ବିଷୟରେ ଆମ ଦପ୍ତରରେ ଚର୍ଚ୍ଚା ହେଉଥିଲା । ସରକାରୀ ଘରୁ ଲୋକଙ୍କୁ ଉଚ୍ଛେଦ କଲେ ବି ସେମାନେ ଛାଡୁନାହାନ୍ତି, କୋର୍ଟ କଚେରି ଯାଇ ରହିତାଦେଶ ଆଣୁଛନ୍ତି, ଏପରି ସ୍ଥିତିରେ ଆପଣ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ପାଇଥିବା ବିଶାଳକାୟ ସରକାରୀ ଘରକୁ ଛାଡ଼ିଦେଲେ କାହିଁକି?

ମୁଁ କହିଲି– ତିନିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ବୃତ୍ତିଗତ ଜୀବନରେ ନିଷ୍ଠାର ସହ କାମ କଲା ପରେ ପରମାତ୍ମାଙ୍କ କୃପାରୁ ନିଜେ ଏକ ଘର କରିବା ସମ୍ଭବ ହୋଇଛି । ଯଦିଓ ଏହା ସରକାରୀ ଘର ତୁଳନାରେ ଅତ୍ୟନ୍ତ ଛୋଟ, ତେବେ ଆମ ଛୋଟ ପରିବାର ଲାଗି ଯଥେଷ୍ଟ। ନିଜର ଘର ଥାଇ ସରକାରୀ ଘରକୁ କବ୍‌ଜା କରି ରଖିବାକୁ ବିବେକ ଅନୁମତି ଦେଲା ନାହିଁ ।

ଅନ୍ୟ ଜଣେ ଅଧିକାରୀ ପଚାରିଲେ– ଆପଣଙ୍କ ବିରାଦରୀଙ୍କ ଭିତରେ ଏମିତି କେତେଜଣ ଅଛନ୍ତି ଯେଉଁମାନଙ୍କର ନିଜସ୍ୱ ବିଳାସପୂର୍ଣ୍ଣ ଘର ଥାଇ ବି ଗୋଟିଏ କ'ଣ ଦୁଇ ତିନୋଟି ସରକାରୀ ଘର ଭିନ୍ନ ଭିନ୍ନ ନାଁରେ ଅକ୍ତିଆର କରି ରଖିଛନ୍ତି । ସେମାନଙ୍କୁ କ'ଣ ସେମାନଙ୍କ ବିବେକ ବାଧା ଦେଉନି?

ମୁଁ କହିଲି– ଇଏ ହେଲା ବ୍ୟକ୍ତିଗତ ବିଚାରର କଥା, ତା' ଭିତରକୁ ମୋର ଯିବାର ନାହିଁ। କିଏ କ'ଣ କଲା ସେଥିରେ ମୋର କିଛି ଯାଏଆସେ ନାହିଁ। ମୁଁ ବିବେକାନୁମୋଦିତ କାମ କରିଛି । ଯେବେଠୁ ମୋତେ ସରକାରୀ ଘର ଆବଣ୍ଟିତ ହେଲା ତା'ପରଠାରୁ କେବେବି କୌଣସି ବାବଦରେ ଗୋଟିଏ ବି ଟଙ୍କା ବକେୟା ରଖିନଥିଲି। ସରକାରୀ ଘରଭଡ଼ା ବାବଦରେ ଲକ୍ଷ ଲକ୍ଷ ଟଙ୍କା ବକେୟା ଗଡୁଥିବାର ଆମ କାନରେ ପଡ଼େ, ଏଥିରେ କିନ୍ତୁ ଆମେ ଥିଲୁ ବ୍ୟତିକ୍ରମ । ନିୟମିତ ଭାବେ ସରକାରୀ ଭଡ଼ା ବାବଦରେ ଅଗ୍ରୀମ ଆକାରରେ ଟଙ୍କା ଦାଖଲ କରିଆସୁଥିଲୁ । ଏପରିକି ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମଧ୍ୟ ଅଗ୍ରୀମ ଭଡ଼ା ଦାଖଲ କରିଥିଲି ଏବର୍ଷ ଏପ୍ରିଲ ମାସରେ। ଅକ୍ଟୋବରରେ ଯେତେବେଳେ ସରକାରୀ ଘର ଛାଡ଼ିବାର ପ୍ରକ୍ରିୟା ଆରମ୍ଭ କଲୁ ବିଜୁଳି ବିଭାଗ ହେଉ, ଜିଇଡି ବିଭାଗ ହେଉ କି ଜନସ୍ୱାସ୍ଥ୍ୟ ବିଭାଗ ହେଉ ସମସ୍ତଙ୍କଠାରୁ କୌଣସି ଦେୟ ବାକି ନଥିବାର କାଗଜପତ୍ର ସଂଗ୍ରହ କରି ନଭେମ୍ବର ପହିଲାରେ ବିଧିବଦ୍ଧ ଭାବେ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଘରର ଜିମା ଦେଇଥିଲି। ଜିଇଡ଼ି ବାଲା ଆସି ପଙ୍ଖାତକ ଖୋଲି ନେଇଥିଲେ, ଘର ସମ୍ପୂର୍ଣ୍ଣ ଭଲ ଅବସ୍ଥାରେ ହସ୍ତାନ୍ତରିତ ହୋଇଥିଲା ନଭେମ୍ବର ପହିଲାରେ ।

କିନ୍ତୁ ଏହି ସରକାରୀ ଘର ଛାଡ଼ିବାର କିଛିଦିନ ପରେ ଖବର ମିଳିଲା– ସେଇ ଘରୁ ପାଇପ୍ ଲାଇନ୍‌ଠୁ ଆରମ୍ଭ କରି ଝରକା ଗ୍ରୀଲ କାଟି ଚୋରି କରି ନିଆଯାଇଛି । ପୂର୍ତ୍ତ ବିଭାଗ ହେପାଜତରେ ସରକାରୀ ଘର ଥିଲାବେଳେ ଏପରି ଚୋରି ସମ୍ଭବ ହେଉଛି କେମିତି? ଖାଲି ମୁଁ ଛାଡ଼ିଥିବା ସରକାରୀ ଘର ନୁହେଁ, ଯେଉଁମାନେ ବି ବଦଳି ବା ବିଭିନ୍ନ କାରଣରୁ ଘର ଖାଲି କରୁଛନ୍ତି ଓ ତା'ର ଜିମା ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦେଉଛନ୍ତି, କିଛିଦିନ ପରେ କବାଟ, ଝରକା, ଗ୍ରୀଲ, ପାଇପ୍ ଲାଇନ୍ ତାକୁ ସବୁ କିଏ କାଟି ନେଇଯାଉଛି!! ଏହା ଯେ ଏକ ସଂଗଠିତ ର୍‍ୟାକେଟ୍‌ର କାମ ତାହା ନିଃସନ୍ଦେହ । ପୂର୍ତ୍ତ ବିଭାଗ କର୍ମଚାରୀଙ୍କର ଜ୍ଞାତସାରରେ ଏପରି ହେଉଛି କି ନାହିଁ ତାହା ତଦନ୍ତ ସାପେକ୍ଷ । ଜଣେ ସରକାରୀ ଘର ଛାଡ଼ିଲେ ଆଉ ଜଣେ ସେଇ ଘର ନେବା ଭିତରେ ଯେଉଁ ବ୍ୟବଧାନ ରହେ ତା'ରି ଭିତରେ ଚୋରିଚପଟ ହୁଏ, ପୁଣି ସରକାରୀ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହୁଏ ତା'ର ନବୀକରଣ ବାବଦରେ। ହେଲେ ବୁଝି ହୁଏନି– ଜଣେ ତ ସେଇ ଘରେ ରହୁଥିଲା, ଚଳପ୍ରଚଳ କରୁଥିଲା, ବିଲ୍‌ଡିଂ ଭଲ ଅବସ୍ଥାରେ ଥିଲା, ଯଦି ଆଉ ଜଣେ ସେ ଘରକୁ ଆସିବ ତେବେ ରଙ୍ଗ କରିବାରେ ସିନା କିଛି ଅର୍ଥ ଖର୍ଚ୍ଚ ହେବ କିନ୍ତୁ କବାଟ, ଝରକା, ଗ୍ରୀଲ ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷପତ୍ର ନୂଆ ଲାଗିବ କାହିଁକି? ଏ ସମ୍ପର୍କରେ ଯଦି ପୂର୍ତ୍ତମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦିଅନ୍ତେ ଘର ନବୀକରଣ ନାଁରେ ସରକାରୀ ରାଜକୋଷରୁ ଟିକସଦାତାଙ୍କର ଯେଉଁଭଳି କୋଟି କୋଟି ଟଙ୍କା ବରବାଦ ହେଉଛି ତାହା ଅନେକାଂଶରେ ନିୟନ୍ତ୍ରିତ ହୋଇପାରନ୍ତା ।

ଏହି କ୍ରମରେ ସରକାରୀ ଘରେ ରହିବା ବେଳର ଏକ ଅନୁଭୂତି ଜଣେ ଅଧିକାରୀଙ୍କୁ କହିଥିଲି ସେଦିନ। ଆମ ସରକାରୀ ଘର ସମେତ ଅନେକଙ୍କ ସରକାରୀ ଘରେ କନ୍‌ସିଲ୍ଡ ୱେୟାରିଂ (କାନ୍ଥ ତଳେ ତାର ଯାଇଥିବା) ବାବଦରେ ବିପୁଳ ଅର୍ଥ ବ୍ୟୟ କରାଯାଇଥିବା ନେଇ ତଥ୍ୟ ହସ୍ତଗତ ହେଲା ପରେ ବିସ୍ମିତ ହୋଇଥିଲି ମୁଁ । ୨୦୦୧ ମସିହାରେ ସରକାରୀ ଘର ମୋ' ନାଁରେ ଆବଣ୍ଟିତ ହେବା ପରଠାରୁ କେବେବି କନ୍‌ସିଲ୍ଡ ୱେୟାରିଂ ହୋଇନଥିବା ବେଳେ ଅର୍ଥାତ୍ କାନ୍ଥ ଉପରେ ପାଇପ୍ ଭିତରେ ତାର ଯାଇଥିବା ବେଳେ ମିଥ୍ୟା ବିଲ୍ କରି କନସିଲ୍ଡ ୱେୟାରିଂ ନାଁରେ ଟଙ୍କା ଖାଇଲା କିଏ?

ଏଇ ତଥ୍ୟକୁ ନେଇ ଲିଖିତ ଅଭିଯୋଗ କରିଥିଲି ପୂର୍ତ୍ତ ବିଭାଗର ଉଚ୍ଚସ୍ତରରେ । ତଦନ୍ତ ହେଲା । ଅଧିକାରୀମାନେ ଆମ ଘରକୁ ଆସିଲେ, ସ୍ଥିତି ଦେଖିଲେ। କାନ୍ଥ ଉପରେ ପାଇପ୍ ଭିତରେ ତାର ଯାଇଛି। କନ୍‌ସିଲ୍ଡ ୱେୟାରିଂ ହେଲା କେତେବେଳେ? ଭାବିଲି– ତଦନ୍ତ ହେଲାଣି ମାନେ କିଛି ଅଧିକାରୀ ନିଶ୍ଚେ ଚୋଟ୍ ଖାଇବେ । କିନ୍ତୁ ଅଧିକାରୀ କେହି ଚୋଟ୍ ଖାଇବାର ଜଣାପଡ଼ିଲାନି ତଦନ୍ତ ପରେ। ଏତିକି ହେଲା ଜିଇଡ଼ି ବିଭାଗ ସତ୍ତା ହରାଇ ମିଶିଗଲା ପୂର୍ତ୍ତ ଡିଭିଜନ ସହିତ ।

ଜଣେ କଥାପ୍ରସଙ୍ଗରେ କହିଲେ–ଆଜ୍ଞା କିଏ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ? ମିଥ୍ୟା ବିଲ୍‌ରେ କ'ଣ ଜଣେ ଜଡ଼ିତ? ତଳୁ ଉପର ଯାଏଁ ଲମ୍ବିଛି ଚେର। କିଏ କାଟିବ, କାହାକୁ କାଟିବ? ଭାତ ହାଣ୍ଡିରୁ ଗୋଟିଏ ଭଳି ଇଏ ଗୋଟିଏ ସରକାରୀ ଘରର କଥା।

ସରକାରୀ ବଡ଼ ଅଧିକାରୀଙ୍କ ବଗିଚା ଜଗାରଖା ପାଇଁ ମାଳି ଥାଆନ୍ତି, କିନ୍ତୁ ଆମକୁ ପ୍ରଶସ୍ତ ଖାଲିଜାଗା ସହିତ ଘରଟି ଆବଣ୍ଟିତ ହୋଇଥିଲେ ହେଁ ମାଳି ବ୍ୟବସ୍ଥା ଉପଲବ୍ଧ ନଥିବାରୁ ନିଜ ଉଦ୍ୟମରେ କ୍ୱାର୍ଟର୍ସ ପରିସରସ୍ଥ ଖାଲିଜାଗାରେ ନଡ଼ିଆ, ଆମ୍ବ, ପିଜୁଳି, ବେଲଠୁ ନେଇ ବିଭିନ୍ନ ଫଳଗଛ ଆମେ ଲଗାଇଥିଲୁ। ଯାହା ପରବର୍ତ୍ତୀ ଆବଣ୍ଟନଗ୍ରାହୀଙ୍କ ଲାଗି ଭଲ ଅବସ୍ଥାରେ ଛାଡ଼ି ଆସିଛୁ ଆମେ।

ଭୁବନେଶ୍ୱର ରାଜଧାନୀ ହେଲା ପରେ କର୍ମଚାରୀ ଓ ବିଭିନ୍ନ ବର୍ଗଙ୍କ ରହିବା ପାଇଁ ଘର ନିର୍ମାଣ କରିଥିଲେ ସରକାର। ଇତିମଧ୍ୟରେ ଢେର ବର୍ଷ ବିତିଗଲାଣି । ନବୀକରଣ ଓ ରକ୍ଷଣାବେକ୍ଷଣ ବାବଦରେ ସରକାର ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି, ତାହା ଟିକସଦାତାଙ୍କ ଅର୍ଥ। ଯଦି ଆବଣ୍ଟିତ ଅର୍ଥର ଶତ ପ୍ରତିଶତ ଉପଯୁକ୍ତ ବିନିଯୋଗ ହେଉଥାନ୍ତା ତେବେ ଅଧା ଅର୍ଥରେ ସରକାରୀ ଘର ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ହେବା ସହ ଚକାଚକ୍ ହୋଇସାରନ୍ତାଣି। କିନ୍ତୁ ଆବଣ୍ଟିତ ଅର୍ଥର ଅଧାରୁ ଅଧିକ ପରିମାଣର ଅର୍ଥ ବାଟମାରଣା ଏପରିକି ସମ୍ପୂର୍ଣ୍ଣ ହଡ଼ପ ହୋଇଯାଉଥିବାରୁ ବାରମ୍ବାର ରକ୍ଷଣାବେକ୍ଷଣ ନାଁରେ ଅର୍ଥ ବରାଦ ଚାଲିଛି ।

ଲୋକସେବା ଭବନର ଅଧିକାରୀ ମୋ' କଥାକୁ କାଟିପାରିନଥିଲେ ସେଦିନ। କହିଲେ– ଏକଥା ଯେ ଅନେକଙ୍କୁ ଅଜଣା ତାହା ନୁହେଁ, କିନ୍ତୁ ବ୍ୟବସ୍ଥା ସେମିତି ଚାଲିଛି...

ଏକଥା ସତ୍ୟ ଯେ, ବିବେକାନୁମୋଦିତ ନିଷ୍ପତ୍ତି ଯଦି ସମସ୍ତେ ନେବେ ତେବେ ଯାହାଙ୍କ ପାଇଁ ରିହାତି ମୂଲ୍ୟରେ ସରକାରୀ ଘରେ ରହିବାର ବ୍ୟବସ୍ଥା ଉପଲବ୍ଧ କେବଳ ସେମାନେ ତା'ର ସୁଯୋଗ ପାଇବେ। ଯେଉଁମାନଙ୍କର ନିଜସ୍ୱ ଘର ଅଛି ସେମାନେ କାହିଁକି ସରକାରୀ ବ୍ୟବସ୍ଥାରୁ ସୁବିଧା ନେବେ? ଆଉ ଯେଉଁମାନେ ନୀତି ଆଦର୍ଶର କଥା କହୁଛନ୍ତି, ଲେଖୁଛନ୍ତି ଓ ଅନ୍ୟ ପ୍ରତି ବୃଦ୍ଧାଙ୍ଗୁଠି ପ୍ରଦର୍ଶନ କରି ମହାନ ବୃତ୍ତିରେ ଥିବାର ଯାହିର କରୁଛନ୍ତି ସେମାନେ ଯଦି ଅନୈତିକ କାରବାର କରିବେ ଓ ସରକାରୀ ବ୍ୟବସ୍ଥାରୁ ଅନୁଚିତ ଫାଇଦା ଉଠାଇ ଚାଲିବେ ତେବେ କହିବା କାହାକୁ, ଶୁଣିବ କିଏ?

# ନୂତନ ଶ୍ରମ ଆଇନ ସ୍ୱାଗତଯୋଗ୍ୟ

■ **ସୌଭାଗ୍ୟ ରଞ୍ଜନ ମହାନ୍ତି** ■

ଦେଶରେ ୨୯ଟି ଆଇନ ବଦଳରେ ଚାରୋଟି ଶ୍ରମ କୋର୍ଡର ଶ୍ରମ କୋର୍ଡର କାର୍ଯ୍ୟକାରତା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଜାରି କେବଳ ଏକ ବୃହତ ଶ୍ରମ ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ବୋଲି କୁହାଯାଇପାରିବ। ଶ୍ରମିକଙ୍କ ପାରିଶ୍ରମିକ, ଶ୍ରମ ସମ୍ପର୍କ, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ଉପରେ ଆଧାରିତ ଏହି ଚାରୋଟି ଶ୍ରମ କୋର୍ଡକୁ ଦେଶର ବ୍ୟବସାୟୀ ଓ ପୁଞ୍ଜିନିବେଶକାରୀ ସମୁଦାୟ ଭୂୟସୀ ପ୍ରଶଂସା କରିବା ସହ ଏହା ଏକ ଦୀର୍ଘ ଦିନର ଆବଶ୍ୟକତା ବୋଲି ଦର୍ଶାଇଛନ୍ତି, ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ଏବଂ ୨୦୨୦ ମଧ୍ୟରେ ପାର୍ଲିଆମେଣ୍ଟରେ ମଞ୍ଜୁରୀ ପ୍ରାପ୍ତ ଏହି ସମସ୍ତ କୋର୍ଡର କାର୍ଯ୍ୟକାରିତା ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲା । ଶ୍ରମିକ ମାଲିକ ତଥା କର୍ମଚାରୀ–ନିଯୁକ୍ତିଦାତାଙ୍କ ସମ୍ପର୍କ ସଂକ୍ରାନ୍ତୀୟ ୨୯ଟି ଆଇନ ବଦଳରେ ପ୍ରଣୀତ ଏହି କୋର୍ଡଗୁଡିକ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏଇଥିପାଇଁ ଯେ, ଗୋଟିଏ କମ୍ପାନୀ ପାଇଁ ପ୍ରତିବର୍ଷ ଅଙ୍ଗୀକାର ପତ୍ର ଆବଶ୍ୟକତାକୁ ଏହା ହ୍ରାସ କରିଛି । ଏହି ନୂତନ ଶ୍ରମ କୋର୍ଡ ଆଇନକୁ ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ କାର୍ଯ୍ୟକାରୀ କରିବା ପୂର୍ବକ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ଅନ୍ୟ ରାଜ୍ୟଗୁଡିକ ଯଥାଶୀଘ୍ର ଅନୁରୂପ ପଦକ୍ଷେପ ନେବା କେନ୍ଦ୍ର ସରକାର ଆଶାବାଦୀ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ଚାରୋଟି କୋର୍ଡରେ କର୍ମଚାରୀ ନିଯୁକ୍ତିଦାତା ସମ୍ପର୍କ, ସାମାଜିକ ନିରାପତ୍ତା, ପାଣିଶ୍ରମିକ ଏବଂ ବୃତ୍ତୀତ ନିରାପତ୍ତାରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି । ଏହି ଚାରୋଟି କୋର୍ଡ (ଆଇନ) ଗୁଡିକର ଏଭଳି ଏକତ୍ରୀକରଣ ଓ ସରଳୀକରଣ କରାଯାଇଛି, ଯାହା ଆଜିର ପ୍ରତିଯୋଗିତାମୂଳକ ଜଗତରେ ଏକାନ୍ତ ଆବଶ୍ୟକ ଥିଲା । ସେହିପରି ଶ୍ରମକମାନଙ୍କ ପାଇଁ ଏହି କୋର୍ଡମାନ ଏକ ନ୍ୟାୟାସମ୍ମତ ନିଯୁକ୍ତି ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଏକ ଦୃଢ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ପାରିଶ୍ରମିକ ସମ୍ପର୍କିତ କୋର୍ଡ ସାର୍ବଜନୀନ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରିଥିବା ବେଳେ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛି। ଆହୁରି ମଧ୍ୟ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସମ୍ପର୍କିତ କୋର୍ଡ କାର୍ଯ୍ୟସ୍ଥଳୀର ନିରାପତ୍ତା ନିଶ୍ଚିତ କରିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶାସକ କଲ୍ୟାଣ ସୁବିଧା ସୁଯୋଗ ଉପଲବ୍ଧି ଲାଗି ଦୃଢ ବ୍ୟବସ୍ଥା ରହିଛି । ଭବିଷ୍ୟତ ପାଣ୍ଠି, ଗ୍ରାଚୁଇଟି, ମାତୃତ୍ୱ ଛୁଟି, ବୀମା ଭଳି ସାମାଜିକ ନିରାପତ୍ତା ପ୍ରଦାନ ଲାଗୁ ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି। ପୂର୍ବରୁ ଏହି ସମସ୍ତ ସୁବିଧାରୁ ବଞ୍ଚିତ ହୋଇଥିବା କୋଟି କୋଟି ଶ୍ରମିକ ଏହି ନୂତନ ଆଇନ ଦ୍ୱାରା ଉପଯୁକ୍ତ ହେବେ। ସେହିପରି ଅନ୍ତରାଜ୍ୟ, ପ୍ରବାସୀ ଶ୍ରମିକ ଯେଉଁମାନେ ରେକର୍ଡ ପତ୍ରରେ ଏକ ପ୍ରକାର ଅଦୃଶ୍ୟ ଥିଲେ, ସେମାନେ ତାଙ୍କର ହକ ପାଇପାରିବେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଗତିଶୀଳ ପଦକ୍ଷେପ ହେଉଛି ଆଜିର ନବ–ଆବିର୍ଭୂତ ବିଶାଳ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ବାହିନୀକୁ ବିଧିବଦ୍ଧ ସ୍ୱୀକୃତି ପ୍ରଦାନ । ଆଜିର ଇ–କମର୍ସ ଯୁଗରେ ଗ୍ରାହକମାନଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଁଚାଇବା ଏହି ଶିଖ୍ କର୍ମଚାରୀମାନଙ୍କ ସଂଖ୍ୟା ଏବେ ଆମ ଦେଶରେ ୮ନିୟୁତରେ ପହଁଚିଥିବା ବେଳେ ଖୁବଶୀଘ୍ର ଏହି ସଂଖ୍ୟା ବିସ୍ଫୋରକ ପର୍ଯ୍ୟାୟରେ ପହଁଚିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କର୍ମକ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ଦୂର ପାଇଁ କୋର୍ଡରେ ଯଥାର୍ଥ ନିୟମ ରହିଥିବାବେଳେ ସମାନ କାମ ପାଇଁ ସମାନ ପାରିଶ୍ରମିକ, ପ୍ରସବକାଳୀନ ସହାୟତା, ଶିଶୁଙ୍କ ପାଳନ ପାଇଁ କଠୋର ବ୍ୟବସ୍ଥା ରହିଛି । ଏହା ନିସନ୍ଦେହ ଯେ, ଏହି ନୂତନ କୋର୍ଡ ଦ୍ୱାରା ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ । ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୨ ନିୟୁତ ଯୁବକ ଯୁବତୀ କାର୍ଯ୍ୟକରିବାର ବୟସରେ ପାଦ ଥୋଇବା ନେଇ ଆକଳନ କରାଯାଏ। ଏହି ଧାରା ବହୁ ବର୍ଷ ପର୍ଯ୍ୟନ୍ତ ବଜାୟ ରହିବ। ୨୦୨୩–୨୪ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବାର୍ଷିକ ହାରାହରି ପ୍ରାୟ ୭୮.୫ ଲକ୍ଷ ଚାକିରି ବା ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି । ଅଣ–କୃଷି କ୍ଷେତ୍ରରେ ଆସନ୍ତା ୨୦୩୦ ପର୍ଯ୍ୟନ୍ତ ଶ୍ରମଶକ୍ତିର ନିଯୁକ୍ତି ବୃଦ୍ଧିର ସମ୍ଭାବନା ରହିଛ । ଏହି ଶ୍ରମ ଆଇନଗୁଡିକ ଯୁଗାନ୍ତକାରୀ ହୋଇଥିବା ସତ୍ତ୍ୱେ ବହୁ ଶ୍ରମିକ ୟୁନିୟନ ଏହା ସମସ୍ତ ସମସ୍ୟାର ସମାଧାନ କରିନପାରିବା ଆଶଙ୍କା ପ୍ରକାଶ କରିଛନ୍ତି । ବହୁ ଶ୍ରମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କର ବହୁ ଶ୍ରମିକ ସପକ୍ଷ ସୁପାରିଶକୁ ସରକାର ଉପେକ୍ଷା କରିଛନ୍ତି । ଏଥିପ୍ରତି ସରକାର ଧ୍ୟାନ ଦେବେ ବୋଲି ଆଶା କରିବା । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯୁଦ୍ଧ, ବାଣିଜ୍ୟ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ଏବେ ଶ୍ରମକ୍ଷେତ୍ରରେ ଅନିଶ୍ଚିତା ସୃଷ୍ଟି କରିଛି । ଏହାର ତ୍ୱରିତ ପ୍ରତିକାର ଏବଂ ଶ୍ରମକୋର୍ଡ ଗୁଡିକର ସୁସ୍ଥ ପରିଚାଳନା ନିଶ୍ଚିତ କରିବା ପାଇଁ ୪୭ତମ ଭାରତୀୟ ଶ୍ରମିକ ସମ୍ମିଳନୀ (ଆଇଏଲସି) ଅଧିବେଶନ ଡକାଯିବା ଜରୁରୀ। ଯେଉଁଥିରେ ସବୁକିଛି ଉପରେ ବ୍ୟାପକ ବିଚାର ବିମର୍ଷ ହୋଇପାରିବ। ସେହିପରି ରାଜ୍ୟଗୁଡିକ ଉଭୟ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହ ବିଚାରବିମର୍ଷ କରିବା ଉଚିତ, ଯାହାଦ୍ୱାରା ଆଇନର ଯଥାର୍ଥ କାର୍ଯ୍ୟକାରୀ ସମ୍ଭବ ହେବ।


*ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*
*ମୋ.–୭୯୭୮୬୬୬୪୦୩*


# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

■ **ଅକ୍ଷୟ କୁମାର ରାଉତ** ■

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ଚିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି ।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍‌ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜ୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ । ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ । ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ । ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷା କରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।



ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ । ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୁରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ । ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ । ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ–ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ । ଗଜପତି ରାଜା ମଧ୍ୟ ତାଙ୍କୁ ହରିଚନ୍ଦନ ମହାପାତ୍ର ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ।


*ପାରାଦ୍ୱୀପଗଡ଼*
*ମୋ: ୯୯୩୭୬୯୧୪୭୫*



# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର

ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି.......

ଡାଇରୀ
ସାଇତା
କବିତା



● ରମେଶ ମଙ୍ଗରାଜ

**୪୬୦**

ମଗୁଶୀର ଚାଲିଗଲା
ମାଣବସା ଗୀତ ଗାଇ ଗାଇ
ଶୀତ ମାଡ଼ି ଆସୁଅଛି
ଲକ୍ଷ୍ମୀ ପାଦ ଚିତା ଲିଭି ନାହିଁ ।୧।

ହେମାଳ ଜାଡ଼ ଭିତରେ
ଖୁଜୁବୁଜୁ ମନଟା ହେଉଛି
ଦେହ ସହିପାରୁନାହିଁ
ଶୀତ ଏବେ ଦାଉ ସାଧୁ ଅଛି ।୨।

ଶୀତ କି ବୁଝିବ ସତେ
ମୋ ଅକୁହା ମନତଳ କଥା
ଛାତିରେ ପଥର ନଦି
ସହିଛି ମୁଁ ନୀରବରେ ବ୍ୟଥା।୩।

**୪୬୧**

ପଉଷ୍ ପସନ୍ତି ଶୀତ
ଧୀରେଧୀରେ ପାରଦ ଖସିଛି
ଶୀତର ଗଜଲ ଗାଇ
ଝୁମିଝୁମି ପିୟା ମୋ ଆସିଛି।୧।

ପ୍ରିୟାର ପାଦ ନୂପୁର
ରୁଣ୍ଡୁଝୁଣ୍ଡୁ ଶବ୍ଦରୁ ଜାଣିଲି
ମୋ ଦୁଆରେ ଶୀତରତୁ
କବାଟକୁ ବାଡ଼ଉଛି ବୋଲି ।୨।

ଦେଖିଲି ଝରକା ଖୋଲି
ପ୍ରିୟା ମୋର ମୁରୁକି ହସୁଛି
କବାଟଟା ଖୋଲିଦିଅ
ଶୀତ ମୋତେ ଇଙ୍ଗିତ ଦେଉଛି ।୩।

**୪୬୧**

ଶୀତ ଆସିଛି ବୋଲି ତ
ମୀତ ପାଇଁ ଗୀତ ମୁଁ ଲେଖୁଛି
ଶୀତ ଆଉ ମୋ ଭିତରେ
ଅନେକଟା ସମ୍ପର୍କ ରହିଛି ।୧।

ଶୀତ ଓଟାରି ଆଣିଛି
ମନେଇକି ଅଝଟ ପ୍ରିୟାକୁ
ଶୀତ ଯୋଗୁଁ ପାଇଛି ମୁଁ
ହସ୍କୁରୀ ପ୍ରିୟାର ମୁହଁକୁ ।୨।


ପ୍ରିୟା ମୋର ଓଠ ଖୋଲି
ଶୀତ ପାଇଁ କରୁଛି ପ୍ରଶଂସା
ଶୀତ ତମେ ଭାରି ଭଲ
କେମିତିକା କରିବି ମୁଁ ଈର୍ଷା ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୧୬୨୮୦**

## ଶୀତର ସ୍ମୃତି ସବୁବେଳେ ଖୁବ୍ ଉଷ୍ମ

କଥା ଏତିକି

● ସୁନୀଲ ବୋଷ



**ଶୀ**ତ ଆସିଛି । ବୋଉର ଅଣ୍ଟା ଧରିଛି । ବାପାଙ୍କ ଧଇଁପେଲା କାଶ ଆରମ୍ଭ ହୋଇଛି । ଅଗଣା କୁଣ୍ଡରେ ରଜନୀଗନ୍ଧା ଫୁଟିଛି, ବାସୁଛି । ଫୁଟ୍‌ପାଥରେ କମ୍ବଳର ଥାକ ଶୀତ ସହ ଲଢ଼ିବାକୁ ତିଆର । ହୋର୍ଡିଂରେ ଅନ୍ତଃବସ୍ତ୍ରର ମଡେଲ୍‌ମାନେ ଶୀତ ପୋଷାକରେ ଦେହକୁ ଘୋଡ଼େଇ ନେଇ ହସିଲେଣି, ଶୀତ ସହ ଯୁଝିପାରୁଛନ୍ତି ବୋଲି । ସେମାନେ କହୁଛନ୍ତି– ଆପଣମାନେ ବି ପାରିବେ, ଆମ କମ୍ପାନୀର ସ୍ୱେଟର ପିନ୍ଧନ୍ତୁ !

ଚିନାବାଦାମ ଭଜାର ବାସ୍ନା ବାଜିଲାଣି ନାକରେ । ଫୁଟ୍‌ପାଥରେ ପ୍ରେମିକା ସହ ବାଦାମ ଖାଇଖାଇ ଅନେକ ଶୀତ ବିତେଇଥିବା ପ୍ରେମୀଥିବେ, ଯେଉଁମାନେ ବାଦାମର ମଜା ନେଉନେଉ ମନର କଥା କହିପାରି ନଥିବେ କେବେ । କୁହୁଡ଼ି ଘେରିଲାଣି କଅଁଳ ଭୋର୍‌କୁ । ଷ୍ଟ୍ରିଟ୍‌ଲାଇଟ୍ ଫିକାପଡ଼ିଲାଣି । ସକାଳ ମାନ୍ଦେଇଯାଉଛି ଶୀତର ଅନ୍ତରଙ୍ଗତାରେ ।

ହଁ, ସ୍କୁଲ୍‌ରେ ପଢ଼ିଲାବେଳେ ଶୀତ ଆସିବାର ଗୋଟେ ମଜାଥିଲା । ଧାନକଟା ଛୁଟିହୁଏ ଏ ସମୟରେ, ତେଣୁ ଶୀତ ବେଶି ଭଲଲାଗେ ।

କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଶୀତ ତା'ର ସ୍ଥିତି ଜମେଇ ନେଇଥାଏ । ଜେଜେମା' ଗାଧୋଇ ଆସି ଚଉରାରେ ପାଣି ଦେଲାବେଳେ ଥରିଯାଏ । କ'ଣ ଶ୍ଳୋକପଢ଼େ ଜଣାପଡ଼େନି । କେବେବି ମୁଁ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସେଇ ପାରିନି । ମୁଁ ଉଠିଲାବେଳକୁ ଅନ୍ୟମାନେ ଡଙ୍ଗା ଭସେଇ ଫେରୁଥାନ୍ତି । ସେତିକିବେଳେ ଶୀତକୁ ନିନ୍ଦିବାକୁ ମନଚାହେଁ ।

ଟିକେ ଉପର କ୍ଲାସ୍‌କୁ ଯିବା ପରେ ଶୀତଦିନ ଭଲଲାଗେ ଆଗଧାଡ଼ିର ଝିଅମାନଙ୍କ ପାଇଁ । ଶୀତ ଆସିଲେ ସେମାନେ କ'ଣ ସବୁ କ୍ରିମ୍ ଲଗାନ୍ତି କେଜାଣି ମୁହଁରେ, ଖୁବ୍ ବାସେ । ସେଇମାନଙ୍କ ଭିତରୁ ସବୁଠୁ ସୁନ୍ଦରୀ ଯିଏ, ତା' କଥା ସମସ୍ତେ ଭାବନ୍ତି ରେଜେଇ ଭିତରେ ଶୋଇଶୋଇ । ସିଏ କିନ୍ତୁ ଭାରି ଫୁଲେଇ । କାହା ସ୍ୱପ୍ନରେ ଆସେନି । ବିଜ୍ଞାନ ସାର୍ ତା' ଗାଲରେ ହାଲ୍‌କା ଚାପୁଡ଼ା ମାରନ୍ତି ସିଏ ଭୁଲ୍ ଉତ୍ତର ଦେଲେ ମଧ୍ୟ । ଠିକ୍ ଉତ୍ତର ଦେଲେ ଅନେକ ସମୟ ଯାଏ ପିଠି ଥାପୁଡାଉଥା'ନ୍ତି ତା'ର, ଯେଉଁଠି ତା'ର ଗୋରା ପିଠିଟା ଦିଶୁଥାଏ । ସେତେବେଳେ ଲାଗେ ସାର୍ ବୋଧେ ଦର୍ଜିକୁ କହି ପିଠିପଟ ବେଶି ଦିଶିଲା ଭଳି ଫ୍ରକ୍ କରେଇଛନ୍ତି ତା' ପାଇଁ । ରାଗହୁଏ ସାର୍‌ଙ୍କ ଉପରେ । ସେ ଝିଅ ଜଣେ ଇଞ୍ଜିନିୟରଙ୍କୁ ବାହା ହେଇଛି । ସାର୍‌ଙ୍କର କୁଆଡ଼େ ଇଚ୍ଛା ଥିଲା ତାକୁ ବାହା ହେବାକୁ ।

କଲେଜରେ ପଢ଼ିଲା ବେଳେ ଶୀତ ବେଶି ଭଲ ଲାଗୁଥିଲା କଲେଜ କୁଇନ୍ ପିକ୍‌ନିକ୍‌ରେ ମିଶିଲେ । ଯାହାକୁ ଦେଖିଲେ ଲାଗୁଥିଲା ସିଏ ମୋତେ ଚାହିଁ ହସେ । ସମସ୍ତେ ସେଇକଥା ଭାବନ୍ତି । ସିଏ ସ୍ୱେଟର ପିନ୍ଧିଲେ ସ୍ମାର୍ଟ ଲାଗେ । କାଶ୍ମୀରୀ ଶାଲ ଘୋଡ଼େଇ ହେଲେ ଶ୍ରୀମତୀ ଶ୍ରୀମତୀ ଲାଗେ । ଶୀତ ସାଜରେ ସିଏ ସବୁବେଳେ ଭଲଲାଗେ । ଆମେ କଲେଜ ଛାଡ଼ିବା ପରେ ଜାଣିଲୁ ସିଏ ସେଇ ଇଂରାଜୀ ଅଧ୍ୟାପକଙ୍କୁ ବାହା ହେଇଛି । ଯିଏ ତାକୁ ପ୍ରତିବର୍ଷ ପିକ୍‌ନିକ୍‌ରେ ଯିବାକୁ ବାଧ୍ୟ କରୁଥିଲେ । ଗୋଡ଼େ ଗୋଡ଼େ ଜଗୁଥିଲେ– ଅନ୍ୟ ପିଲାଙ୍କ ସହ ମିଶିଲା ବେଳେ । ସମସ୍ତେ କିନ୍ତୁ ଖୋଜୁଥିଲେ ସୁଯୋଗ ତା' ସହ ଗପ ଯୋଡ଼ିବାକୁ ।

ହଁ, ଯେତେବେଳେ ଶ୍ରୀମତୀଙ୍କ ଫଟା ଗୋଇଠି ରେଜେଇ ଭିତରେ କଷ୍ଟ ଦେଲା ତା'ପରଠୁ ଶୀତ ଆଉ ଭଲ ଲାଗିନି । ଶୀତକୁ ଡରି କେଶ ଡାଏ କରିହେଇନି, ତେଣୁ ଶ୍ରୀମତୀ ବେଶି ରାଗିଛନ୍ତି ତାଙ୍କ ବୟସ ଧରାପଡ଼ିଯିବା ଭୟରେ ।

ଏଇ ବୟସରୁ ହିଁ ଶୀତ ଡରେଇବା ଆରମ୍ଭ କରେ । ବୟସ୍କ ଲୋକଙ୍କୁ ଶୀତ ଖୁବ୍ ଦହଗଞ୍ଜ କରେ । ଅଣ୍ଟା ଧରେ, ଆଣ୍ଠୁର ଯନ୍ତ୍ରଣା ବଢ଼େ । ସେତେବେଳେ ଶୀତକୁ ନିନ୍ଦିବାକୁ ମନଚାହେଁ । ଅତୀତକୁ ମନେ ପକେଇଲେ କ'ଣ ଉପଶମ ମିଳେ? ବର୍ଷା ଭଳି ଶୀତ ସତେଜ କରେଇ ପାରେନା ମନକୁ । ଶୀତକୁ ଉପଭୋଗ କରିବା ପାଇଁ ବୟସ ଦର୍କାର ହୁଏ । ମନ ଚାହିଁଲେ କ'ଣ ଶୀତ ସାଥ୍ ଦିଏ? ତଥାପି କଲେଜର ବେଳ ପ୍ରେମିକାର ହାତବୁଣା ସ୍ୱେଟର ପିନ୍ଧି ଟ୍ରାଏ କରନ୍ତୁ, ଶୀତ ବେଶ୍ ଉପଭୋଗ୍ୟ ହେବ ବୋଲି ଭାବୁଛି !

## ଶୀତୁଆ ଆକାଶରେ ଗୁଡ଼ି

● କନିଷ୍କ



**'ଗୁ**ଡ଼ି ଉଡ଼ି ଉଡ଼ି ଗଲା ନଟେଇରୁ ସୂତା ଛିଡ଼ି,
ଚମ୍ପାକଢ଼ି ଆଙ୍ଗୁଠି କା' ସରାଗରେ ଦେଲା ଯୋଡି !'

ଗୀତଟି ସିନା ମୁଁ ଲେଖିଲି ଆଉ ଗାଇଲି, ହେଲେ ମୋ ଜୀବନରେ ସେମିତି କିଛି ମୋତେ ହେଇ ନଥିଲା । ତମ ଜୀବନରେ ହେଇଥିଲେ ହେଇଥିବ !

ଏମିତି ଟିକେ ହଉ ବୋଲି ମୁଁ କେତେ ଯେ' କଳକୌଶଳ ନ କରିଚି! ଫନ୍ଦି ଫିକର ନ କାଢ଼ିଚି ! ତମେ ଜାଣିଚ କି ନା ଜାଣେନା !

ଯଦି ଜାଣିନ ତେବେ ଶୁଣ:

କୋଉଠୁ କେଜାଣି ସେ ବର୍ଷ ମୋ ବାପା କୋଉ ବହି ମେଳାରୁ କିଣି ଆଣିଥିଲେ କୁହୁକ ଚକି । ଗୋଟାଏ ନୁହେଁ କି ଦି'ଟା ନୁହେଁ, ଚାରିଟା । ଭାରତ, ଓଡ଼ିଶା, ଉଦ୍‌ଭାବନ, ଆବିଷ୍କାର ।

ଗୋଟେ ଜରି ଲଗାଇ ପତଳା ଚାରିକଣିଆ କାର୍ଡବୋର୍ଡ ଉପରେ ଆଉଗୋଟେ ଗୋଲିଆ କାର୍ଡବୋର୍ଡର ଚକି ଲାଗିଥାଏ । ଚକିକୁ ଘୂରେଇ ତୀର ଚିହ୍ନକୁ ଚାରିକଣିଆ ବୋର୍ଡରେ ଲେଖା ହେଇଥିବା ଘରେ ଲଗେଇ ଦେଲେନା, ଚକିର କଟା ହେଇଥିବା ଘରବାଟେ କେତେ କେତେ କଥାସବୁ ବାହାରି ପଡେ ।

ହଁ ନାଇଁ, ହଁ ନାଇଁ ଭିତରେ ଦିନେ ମୁଁ ସେଇ କୁହୁକ ଚକିରୁ ଗୋଟେ ନେଇଗଲି । ତା ଚକିକୁ ଆସ୍ତେ କରି ଟାଣି ଛିଣ୍ଡେଇ ଦେଲି । ସେଥିରେ ଲାଗିଥିବା ବୋତାମକୁ ବାହାର କରିଦେଲି ।

ଏଥର ତା ଚାରିକଣିଆ ଜରିଲଗା ପତଳା କାର୍ଡବୋର୍ଡରେ ତିଆରି କଲି ଗୋଟେ ଗୁଡି, ବଢ଼ିଆ ଗୁଡି !

ଗୁଡିର ଲମ୍ବା ଲାଞ୍ଜରେ, ଏପଟେ ସେପଟେ କେତେକେତେ ଥର ଗୋଟେ କଥା ଲେଖିଦେଲି । ଖୁବ୍ ସୁନ୍ଦର ଅକ୍ଷରରେ, ନାଲି କଲମରେ । ଆଉ ସେଇ କଥା ଉପରେ ଚୁମା ଖାଲି ଚୁମା ଓଜାଡି ପକେଇଲି କେତେଥର ।

ଆଉ ତା'ପରେ ଠିକ୍ ସଂଜ ବୁଡୁବୁଡୁ ସେଇ ଗୁଡି ଓ ନଟେଇକୁ ମୁଁ ଆମ ଗୁହାଳ ସଙ୍ଗାରେ ଲୁଚେଇ ରଖିଦେଲି ।

ତଥାପି, ରାତିରେ କି ମତେ ଆଉ ନିଦ ହୁଏ ! କେଜାଣି କେତେକେତେ କଥା ମୋ ମୁଣ୍ଡରେ ଢୁକି ଯାଉଥାଏ । ଅନ୍ଧାର ଭିତରେ ବାଟ କଢ଼େଇ ନେଲାପରି ସତେକି ଚକ୍ ଚକ୍ ବିଜୁଳି ମାରି ଦଉଥାଏ ମୋ ଆଖି ସାମ୍ନାରେ ।

ପରଦିନ ମକର ସଂକ୍ରାନ୍ତି । ଆକାଶରେ ଉଡୁଥାଏ କେତେକେତେ ଗୁଡି । ମଝି ଗହିରରେ, ଭେଡା ଉପରେ ଠିଆହେଇ ମୋ ସାଙ୍ଗ ତନିଆଁ ଆଉ ରବିନା ଗୁଡି ଉଡଉଥାନ୍ତି । ମୁଁ କିନ୍ତୁ ସେମାନଙ୍କଠୁ ଅଳ୍ପ ଦୂରରେ ଆମ୍ବମୂଳ ଚୂଆ ବନ୍ଧରେ ଠିଆହେଇ ଉଡେଇଲି ।

ସେ ଦୁହିଁଙ୍କ ଗୁଡି ଧୀରେ ଧୀରେ ଆକାଶକୁ ଉଠୁଥାଏ, କେତେବେଳେ ପୁଣି ଟିକେ ତଳକୁ ଖସି ଆସୁଥାଏ । ମୁଁ କିନ୍ତୁ ମୋ ଗୁଡିକୁ ସେତେ ଉପରକୁ ଉଠଉ ନଥାଏ । ଅଳ୍ପ ଟିକେ ଉପରକୁ ଉଠେଇ ଦେଇ ପୁଣି ନଟେଇରେ ସୂତା ଗୁଡେଇ ପକଉଥାଏ ।

ସେ ଦୁହେଁ ମତେ ଡାକିଲେ, 'ହେ ମଣ୍ଟୁ..., ଆରେ ଏଇଠିକି ଆସୁନୁ । ଏଠି ନା ଗୁଡିକି ଭଲ ପବନ ଧରିବ ।'

ମୁଁ କହିଲି, 'ନାଇଁ ନାଇଁ ମୁଁ ମୋର ଏଇଠି ଉଡଉଚି । ତମେ ତମର ସେଇଠି ଉଡା ।'

ତହୁଁ ସେ ଦୁହେଁ ମୋ ଗୁଡିକି ଚାହିଁ ହେଁ... ହେଁ... ହେଇ ହସିଲେ । ମତେ ଥଟ୍ଟାକଲେ, 'କେଡେ ବୋକାଟା କିରେ !'

ମୁଁ ବି ସେମାନଙ୍କ ହସରେ ତାଳଦେଇ ହସିଲି । କାଇଁକିନା ମୁଁ ଜମ୍ମା ବୋକା ନଥିଲି । ବୋକା ଥିଲେ ସେ ଦୁହେଁ । ଜାଣି ନଥିଲେ କୋଉ ମଉକାକୁ ଏଠି ଟାକି ବସିଚି ମୁଁ ।

ଶେଷକୁ ସେଇ ମଉକାଟି ପାଖେଇ ଆସିଲା । ଗଡିଆ ତୁଠ ଆଡକୁ ଆଗେଇ ଆସୁଥିଲା ସିଏ ।

ତା' ଉପରେ ମୋ ନଜର ପଡ଼ିଚି ତ' ମୋ ଛାତି ଧଡ଼୍‌ଧଡ଼୍ ହେଇଗଲା କେଇ ଥର ! ସିଏ ପାଣିରେ ଗୋଡ ବୁଡେଇଚି ତ' ମୋ ହାତ ଚଞ୍ଚଳ ହେଇଗଲା ନଟେଇରେ । ମୁଁ ନଟେଇକୁ ଟାଉଟାଉ କରି ଘୂରେଇ ପକେଇଲି ଆଗକୁ ତ, ପୁଣି ଘୂରେଇ ପକେଇଲି ପଛକୁ ।

ଯେମିତି ସିଏ ପୋଖରୀର ଅଣ୍ଟାଏ ପାଣିକି ପଇଚି, ମୁଁ ଧୀରେ ଧୀରେ ଗଡିଆ ଉପରେ ଉଡୁଥିବା ମୋ ଗୁଡିକୁ ନେଇଗଲି ଠିକ୍ ତା' ମୁଣ୍ଡ ଉପରକୁ । ଆଉ ବାଉଁଆ ଡାଉଁଆ ଗୁଡିର ସୂତାକୁ ଆସ୍ତେ ଝଟ୍‌କା ଦେଇ ଗୁଡିକୁ ଖସେଇ । ଆଣିଲି ଆହୁରି ତଳକୁ । ଓ ପକେଇ ଦେଲି ଠିକ୍ ତା' ସାମ୍ନାରେ, ପାଣିରେ ।

ସେତେବେଳକୁ ସିଏ ଦେହ ମାଜୁଥାଏ ପାଣି ଭିତରେ । କି ଗୋରା ତକତକ ତା କାନ୍ଧ, ବେକ ଆଉ ଗହନ କଳା ତା ମୁଣ୍ଡ, ମୁଣ୍ଡର ଖୋସା ରହି ଯାଇଥାଏ ପାଣି ଉପରକୁ !

ତା' ପଛଆଡୁ ନଟେଇରେ ସୂତା ଗୁଡେଇ ଗୁଡେଇ କିଛି ନ ଜାଣିଲା ପରି ମୁଁ ଯାଇ ଅଟକି ଗଲି ତୁଠରେ । ମତେ ଦେଖି ଟିକେ ଲାଜରେ, ସିଏ ଆଖି ନଇଁନେଲା ତଳକୁ ।

ମୁଁ ନଟେଇରୁ ସୂତା ଛିଣ୍ଡେଇ ଅଲଗା କରିଦେଲି ଗୁଡିକୁ, ଗୁଡିରେ ଲାଗିଥିବା ସୂତା ମୁଣ୍ଡକୁ ଗୁଡେଇ ଦେଲି ବାଆଁ ହାତ ବିଶି ଆଙ୍ଗୁଠିରେ । ଗୁଡିଟି ଠିକ୍ ତା' ଆଗରେ ତା'ଠୁ ମୋଟେ ପନ୍ଦର କୋଡିଏ ହାତ ଦୂରରେ ଖସି ପଡ଼ିଥିଲା । ଭାସୁଥିଲା ପାଣିରେ । ଆଉ ତା ଲାଞ୍ଜଟି ସାପ ଚଢ଼ିଲା ପରି ରହିଯାଇଥିଲା ପାଣିରେ ଭାସୁଥିବା ଗୋଟେ ଅଚଞ୍ଚା ବାଉଁଶର କଣିରେ ।

ମୁଁ କହିଲି, 'ମୋ ଗୁଡିଟା ଟିକେ ଆଣି ଦେ ।'

ମୋ ଆଡକୁ ସିଏ ମୁହଁ ବୁଲେଇ ମୁରୁକି ହସି କହିଲା, 'କ'ଣ ଦେବି?'

ମୁଁ କହିଲି, 'ମୋ ଗୁଡି !'

ସିଏ କହିଲା, 'ମୁଁ ପହଁରା ଜାଣିନି । ତୁ ତୋ ଗୁଡି ଆଣୁନୁ ।'

'ଟିକେ ଆଣି ଦେ'ନା !' ମୁଁ ନେଉନ ହେଲି ।

'କହିଲି ପରା ପହଁରା ଜାଣିନି ।' ଏତକ କହୁ କହୁ ସିଏ ପାଣି ଭିତରୁ ତା ହାତକୁ କାଢ଼ିଆଣି ହସି ହସି ଦି' ପାପୁଲିରେ ଲୁଚେଇ ପକେଇଲା ମୁହଁକୁ ।

ମୁଁ ସୂତାକୁ ଝିଙ୍କି ଗୁଡିଟିକୁ ଟାଣି ଆଣି ପାରିଥାନ୍ତି । ହେଲେ ଗୁଡିର ଲାଞ୍ଜ ଛିଣ୍ଡି ରହି ଯାଇଥାନ୍ତା ସେଇଠି, ସେଇ ଅଚଞ୍ଚା ବାଉଁଶର କଣିରେ ।

ଅଗତ୍ୟା ଆଉ କିଛି ଚାରା ନଥିଲା ।

ତୁଠର ବାଆଁ ପଟେ ମରା ହେଇଥିବା କୁମ୍ଭି ଉପରକୁ ନୋଦାକୁ ଧରି ଧରି ମୁଁ ଚଢ଼ିଗଲି । କୁମ୍ଭିର ଗୋଟେ ଖୁଣ୍ଟ ବାଉଁଶକୁ ବାଆଁ ହାତରେ ଧରି ଡାହାଣ ହାତରେ ଗୁଡିର ସୂତାକୁ ଆସ୍ତେ ଆସ୍ତେ ଟାଣି ଖସେଇ ଆଣିବାକୁ ଚେଷ୍ଟା କଲି ଗୁଡିର ଲାଞ୍ଜକୁ ।

କିନ୍ତୁ ହଠାତ୍ ମୋ ବାଆଁ ହାତ ଖସିଗଲା କୁମ୍ଭି ବାଉଁଶରୁ । ମୁଁ ଭୁସ୍ କରି ଗଳି ପଡିଲି ପାଣିକୁ । ଗୋଟାଏ ଶିଙ୍ଗିବୁଡା ଖାଇ ଉଠି ଆସିଲି ପାଣି ଉପରକୁ । ମୋ ଭାଗ୍ୟ ଭଲ, ସେଠି ବାଉଁଶ କି ଆଉ କିଛି ଖେଞ୍ଚ ଫେଞ୍ଚ ପାଣି ଭିତରେ ନଥିଲା ।

ଏଥର ମୁଁ ଜମା ଅଳ୍ପ ଟିକିଏ ପହଁରି ତା'ରି ପାଖଦେଇ ନେଇ ଆସିଲି ମୋ ଗୁଡିକୁ । ହେଲେ ତୁଠରେ ପହଞ୍ଚି ଦେଖିଲି, ଗୁଡିର ଲାଞ୍ଜ ଅଧାରୁ ଛିଣ୍ଡି ଯାଇଚି, ଭାସୁଚି ପାଣିରେ ।

ସିଏ ମନ ଦୁଃଖ କରି କହିଲା, 'ତୁ କେଡେ ଜୋର୍‌ରେ ପଡ଼ିଗଲୁନା ! ଭଗବାନ ବଞ୍ଚେଇ ଦେଲେ, ସେଠି ଖେଞ୍ଚଫେଞ୍ଚ କିଛି ନଥିଲା ! ଥିଲେ ଏଇନେ କ'ଣ ନହେଇ ଥାଆନ୍ତା କହିଲୁ !' ଏତିକି କହି ଥମ୍ କରି ଅଟକିଗଲା ସିଏ ।

ମୁଁ କହିଲି, 'ତୁ' ତ ଦେଲୁନି । ପହଁରା ଜାଣିନୁ ବୋଲି ମିଛ କହିଲୁ !'

ସିଏ ଲାଜ ଲାଜ ହସି କହିଲା, 'ତୁ ବୁଦ୍ଧୁଟା କି ! କିଛି ଜାଣି ପାରୁନୁ !'

ଏଥର ମୁଁ କିଛି ବୁଝିଲି, ପୁଣି ଆଉ କିଛି ବୁଝି ପାରିଲିନି ।

ଦେଖିଲି ତୁଠର ଗୋଟେ କଡ଼କୁ ଥୁଆ ହେଇଚି ତା'ର ହଳେ ଶୁଖିଲା ଫ୍ରକ୍ ଆଉ ପ୍ୟାଣ୍ଟ । ତା' ପାଖରେ ଅଛି ଧୂଆ ହେଇ ଚିପୁଡା ହେଇଥିବା ଆଉ ଗୋଟେ ଓଦା ଫ୍ରକ୍ ।

ମୁଁ ମୋ ସାର୍ଟ ଖୋଲି ଚିପୁଡିଲି । ସେଇଥିରେ ମୁଣ୍ଡ, ଦେହ, ହାତ ଗୋଡ ପୋଛିପାଛି ହେଲି ।

ଏଥର ଓଦା ସରସର ଗୁଡିର ଅଧାଛିଣ୍ଡା ଲାଞ୍ଜକୁ ମୂଳରୁ ଛିଣ୍ଡେଇ ମୁଁ ଥୋଇଦେଲି ତୁଠରେ, ତା ଶୁଖିଲା ଜାମାପ୍ୟାଣ୍ଟ୍ ପାଖରେ ।

ସେଇ ଛିଣ୍ଡା ଲାଞ୍ଜ ଖଣ୍ଡକରେ ନାଲି କଲମରେ ଲେଖିଥିବା ଅସଲ କଥାଟି ସତେକି ମତେ ଆଖିମିଟିକା ମାରି ହସୁଥିଲା । ମୁଁ ଭିତରେ ଭିତରେ ଟିକେ ଖୁସିରେ ଉଛୁଳି ପଡ଼ିଲି । ତା' ଉପରେ ଦି'ଟା ବଡ଼ ବଡ଼ ଗୋଡି ଏମିତି ଥୋଇଦେଲି ଯେ, ଯେମିତି ସେ ଉଡି ଯିବ ନାଇଁ ଅଳ୍ପ ପବନରେ ।

ଆସିଲା ବେଳେ କହିଲି, 'ମୁଁ ଯାଉଚି । ମୋ ଗୁଡିର ଲାଞ୍ଜ ଏଇଠି ଅଛି ଦେଖିବୁ ।'

ସିଏ ସେଇ ବେଳେ ପାଣିରେ ଥାଇ 'ହଉ' ବୋଲି କହି ହସିଦେଲା ।

ସେଇଦିନ ସଞ୍ଜ ରତରତ ବେଳେ ଆମ ଦାଣ୍ଡରେ କିଏ ଗୋଟେ ଛୋଟ ଗୋଡିଟେ ମୋ ଉପରକୁ ଫିଙ୍ଗିଦେଲା ।

ପଛକୁ ବୁଲି ଚାହେଁ ତ' ହସି ହସି ଟିକେ ଛେପ ଢୋକି ସିଏ କହିଲା: 'ମୁଁ ଶୂନ୍ୟସ୍ଥାନ ପୂରଣ କରି ଦେଇଚି ।'

ସେଦିନ ସିଏ ଯୋଉ ଶୂନ୍ୟସ୍ଥାନଟି ପୂରଣ କରିଥିଲା, ସେଇ କଥାଟି ଲେଖାଥିଲା ଏମିତି:

''ଶୂନ୍ୟସ୍ଥାନ ପୂରଣ କର :
ମଣ୍ଟୁ ପ୍ଲସ୍ ଡ୍ୟାସ୍ (ଜୁଲି, ଜୁଲି, ଜୁଲି)''

ହେଲେ ସିଏ ଆଉ କିଏ କି?


ସିଏ ତ ଆଜି ମୋଠୁ କୋଉ ଦୂରରେ ଥିବା ସେଇ ।

କାଲି ଫୋନ୍‌ରେ ତା' ସହ କେଇପଦ କଥା ହେଲି, କହିଲା, ଗୁଡିର ସେଇ ଲାଞ୍ଜକୁ ସିଏ ଏଯାଏ ସାଇତି ରଖିଚି ସେମିତି ।

***ମଧୁସୂଦନ ନଗର, କଟକ***
***ମୋ. ୯୮୬୧୮୬୯୯୧୦***

## ସଂସାରରେ ଅଦିନ ଝଡ଼

● ଗୋପାଳ ଦେ



**ଓ**ଳିକ ପାଇଁ ନନ୍ଦିତା ଦେବୀ ବାପଘରକୁ ଗଲେ ବି ଝିଅର ଫୋନ୍ ଦଶଟା । ଏମିତିରେ ଦିନ ଦଶଟା ଭିତରେ ସ୍ୱାମୀ ଅଫିସ ଯିବା ଆଉ ଝିଅ କଲେଜ ଯିବା ପରେ ନନ୍ଦିତା ଦେବୀ ବାପଘରକୁ ଯାଉଥିଲେ ।

ବୋଉ ଚାଲିଗଲା ପରଠୁ ବାପା କଥା କଥାରେ ଶଯ୍ୟାଶାୟୀ ହୋଇପଡୁଥିଲେ : ଏବେ ଖାଇବା ପ୍ରାୟ ଛାଡ଼ି ଦେଲେଣି । ନନ୍ଦିତା ଦେବୀ ଏକମାତ୍ର ସନ୍ତାନ । ବାପା ପାଖକୁ ଯିବା ଜରୁରୀ । ସ୍ୱାମୀ ଆଉ ଝିଅଙ୍କ ନା କହିବାର ପ୍ରଶ୍ନ ଉଠୁନି । କିନ୍ତୁ ନନ୍ଦିତା ଦେବୀ ନଥିଲେ ସଂସାର ସମ୍ଭାଳିବା ଏଇ ଦୁଇଜଣଙ୍କ ପକ୍ଷରେ ଅସମ୍ଭବ । କାରଣ ବି ଅଛି । ନିଜର ଉପସ୍ଥିତିରେ ନନ୍ଦିତା ଦେବୀ କାହାକୁ ରୋଷେଇ ଘର ଭିତରେ ପଶିବାକୁ ଦେଉନଥିଲେ । ସ୍ୱାମୀ ସରୋଜବାବୁଙ୍କ ପଶିବାର ଇଚ୍ଛା ବି ନଥିଲା । ଝିଅ କମଳିକା କାମର ବୋଝ ହାଲୁକା କରିବାକୁ ଯାଇ ବଢ଼େଇ ଦେଉଥିଲା । ତା'ର ବି ପ୍ରବେଶ ନିଷେଧ ।

ଏବେ ନନ୍ଦିତା ଦେବୀଙ୍କ ଅନୁପସ୍ଥିତିରେ ରୋଷେଇ ଘର ଏଇ ଦୁଇଜଣଙ୍କ ପାଖରେ ନର୍ସିଂହୋମ୍‌ର ଅପରେସନ ଥିଏଟର । ବେଡ୍‌ରେ ରୋଗୀ, ଜଳନ୍ତା ଚୁଲି । ୱାର୍ଡବୟ ଛାଣୁ, ଡାକ୍ତର ଅନୁପସ୍ଥିତ, ନର୍ସ ଫୋନ୍ ଉପରେ ଫୋନ୍ କରି ଚାଲିଛି ।

'ବୋଉ, ଦୁଇ କପ୍ ଚା' ପାଇଁ କେତେ ପାଣି ଦେବି?'

'ଚିନିଡବା କେଉଁଠି ରଖିଚ?'

ଅଧ ଘଣ୍ଟା ବିତିଛି କି ନାହିଁ ପୁଣି ଫୋନ୍ ।

'ବୋଉ, ବାପା କହୁଛନ୍ତି ରୁଟି ବନେଇ ପାରିବେନି । ରାଉଣ୍ଡ ହେବନି । ରାଇସ୍ ମ୍ୟାନେଜ କରି ହେବ । ଦୁଇଜଣ ପାଇଁ କେତେ ମୁଠା ଚାଉଳ ନେବି?'

ନନ୍ଦିତା ଦେବୀ ବାପାଙ୍କୁ ଔଷଧ ଖୁଆଇ ପାଣି ପିଆଇବା ଭିତରେ ଫୋନ୍ । 'ବୋଉ ବାପା ପାଣି କମ୍ ଦେଇଥିଲେ, ପ୍ରେସରକୁକ୍‌ରର ତଳପଟ ଲାଗି ଯାଇଛି । ଟିକେ ପୋଡା ପୋଡା ବାସ୍ନା ହେଉଛି, ଚଳିବ । ମୁଗ ଡାଲି ନାହିଁ କି?'

ସବୁ ଶୁଣି ନନ୍ଦିତା ଦେବୀଙ୍କ ବାପା କହିଲେ 'ମୋ ଅବସ୍ଥାଠୁ ସେମାନଙ୍କ ଅବସ୍ଥା ଦୟନୀୟ । ମରିବା ଲୋକକୁ ଛାଡ । ଯେଉଁମାନେ ବଞ୍ଚିଛନ୍ତି ସେମାନଙ୍କ କଥା ଆଗ ବୁଝ ।'

ବାପାଙ୍କ କଥାରେ ନନ୍ଦିତା ଦେବୀ ମର୍ମାହତ ହେଲେ । ପରଦିନ ବଡ଼ିଭୋର ଘରକୁ ଫେରି ନନ୍ଦିତା ଦେବୀ ସ୍ୱାମୀ ଆଉ ଝିଅ, ଦୁଇଜଣଙ୍କୁ ଯାହା କହିବାର ଯାହା ନକହିବାର ସବୁ କହିଗଲେ ।

'ତୁମ ଦୁଇଜଣଙ୍କ ଦେଇ ଖଡ଼ା ଯଦି ନ ସିଝିଛି ହୋଟେଲରୁ ଆଣୁନ ? ତମେ ଖୁସିରେ ଖାଇବ ମୁଁ ଶାନ୍ତିରେ ରହିବି, ଖାଲି ଭାବିନେବ ମୁଁ ମରିଯାଇଛି ।

ଅତି ସମ୍ମାନବୋଧ ଥିବା ସାଧାରଣ ଲୋକଙ୍କ ପାଇଁ ବି ନନ୍ଦିତାଙ୍କ ଏହି ଶେଷ ବାକ୍ୟକୁ ସହଜ ଭାବରେ ନେବା ସମ୍ଭବପର ନୁହଁ ।

ନନ୍ଦିତା ଟିକେ ସ୍ୱାଭାବିକ ହେବା ପରେ ଭାବିଲେ ଏତେଟା କହିବାର ନଥିଲା । ଧନୁରୁ ଶର ବାହାରିଯିବା ପରେ ଆଉ ଫେରି ଆସେନା । କ୍ଷମା ମାଗିବାକୁ ବି ଆତ୍ମସମ୍ମାନକୁ ବାଧିଲା ।

ଛ' ଦିନ ପରେ, ବାପାଙ୍କ ଘରେ କାମ କରୁଥିବା ଝିଅର ଫୋନ୍ । 'ବାବୁ ଠିଆ ଠିଆ ଅବସ୍ଥାରେ ପଡ଼ିଗଲେ । ଛାତିରେ ଦରଜ ହେଉଛି କହୁଛନ୍ତି, ଆପଣ ତୁରନ୍ତ ଆସନ୍ତୁ ।' ରବିବାର ଦିନ, ସବୁ କାମ ରଖିଦେଇ ବାହାରି ଯିବାକୁ ଅସୁବିଧା ହେବାର ନୁହଁ । ତଥାପି ଝିଅକୁ ଡାକି ଫ୍ରିଜ୍ ଖୋଲି ଦେଖେଇ ଦେଇ କହିଲେ 'କ୍ଷୀର ଅଛି, ଗରମ କରି ଚା' ବନେଇବୁ, ଭଜାମାଛ ଦୁଇପିସ୍ ଅଛି, ଟିକେ ପାଣି ଦେଇ ଲୁଣ ପକେଇ ଫୁଟେଇ ନେବୁ, ଡାଲି ବି ଅଛି, ଭାତ ହାଣ୍ଡିରେ ବସେଇବୁ, ପାଣି ମାପ ଜାଣିପାରିବୁ । ହେଲା?'

ସ୍ୱାମୀଙ୍କ ପାଖକୁ ଯାଇ କାନ୍ଦ କାନ୍ଦ ହୋଇ କହିଲେ 'ବାପା ଏଥର ଯିବେ ।' ଆଖି ପୋଛି କହିଲେ 'ମୁଁ ଯାଉଛି ।' ବାପଘର ଯିବା ଭିତରେ ଡାକ୍ତର ବି ଆସିଯାଇଛନ୍ତି । ନନ୍ଦିତା ଫୋନ୍‌ରେ ଡାକି ଦେଇଥିଲେ । ଚେକ୍‌ଅପ୍ ପରେ କହିଲେ 'ଷ୍ଟ୍ରୋକ୍ ଥିଲା ।' ନିୟମିତ ବଟିକା ଜିଭ ତଳେ । ବାକି ହାତ ପାଖରେ ନିଜ ଲୋକ ଆଖି ସାମ୍ନାରେ ।

ଡାକ୍ତର ଚାଲିଗଲେ, ବାପା ତନ୍ଦ୍ରାଚ୍ଛନ୍ନ । କାମ କରୁଥିବା ଝିଅ ଘର କାମ କରୁଛି, ନନ୍ଦିତାଙ୍କ କିଛି କରିବାର ନାହିଁ । କାମ କରୁଥିବା ଝିଅ ଚା' ବନେଇ ଆଣି ଦେଲା । ନନ୍ଦିତା ଦେବୀଙ୍କ ମନ ଚାଲିଗଲା ନିଜ ଘରକୁ । ଏଇ ଦୁଇଜଣଙ୍କୁ ଚା' ବି ବନେଇ ଆସେନି ! ମୁଁ କ'ଣ କରିବି ! ମୁଁ ନଥିଲେ ଏମାନଙ୍କ ଦୁନିଆ ଅଚଳ । ସୂର୍ଯ୍ୟ ବି ଉଠିବନି, ପବନ ବି ବୋହିବନି । କାହିଁକି ଭଗବାନ ମୋ ଉପରେ ଏତେ ବୋଝ ଲଦିଦେଲେ ! ଏଇନା ଫୋନ୍ ଆସିବ 'ବୋଉ ଚିନି ଡବା କୋଉଠି ରଖିଛୁ?' ସ୍ୱାମୀ ତ ଚୁପ୍‌ସଇତାନ, ନିଜେ ଫୋନ୍ କରିବେନି, ଝିଅକୁ ଦେଇ ପଚାରିବେ, ଝିଅ ବି ସେମିତି ଜନକ ନନ୍ଦିନୀ ।

ସକାଳ ଗଡ଼ିଯାଇ ଦି'ପହର । ଏଯାଏଁ ଫୋନ୍ ଆସିନି ।

ମୋର ମନ୍ଦିରସମ ରୋଷେଇ ଘରେ ଦୁଇଜଣ ଆତଙ୍କବାଦୀ ପଶି ସବୁ ଛିନ୍‌ଭିନ୍ କରି ପକଉଛନ୍ତି । ଆଉ ବସିରହିଲେ ହେବନି । ଫୋନ୍ କଲେ ସବୁ ଜଣାପଡ଼ିବ । କିନ୍ତୁ ନନ୍ଦିତା ଦେବୀଙ୍କ ଅଭିମାନ ବାଧା ଦେଲା । ମନକୁ ସାନ୍ତ୍ୱନା ଦେଲେ । ଶିଖନ୍ତୁ ସେମାନେ ! ମୁଁ କ'ଣ ଠିକା ନେଇଛି କି? ଦୁହିତା ସଜେଇ ମତେ ଦହନ କରିବେ । ମୁଁ ନ ଥିଲେ କ'ଣ ପୃଥିବୀ ବୁଲିବନି ନା ପବନ ବୋହିବନି । ସବୁ ହେବ । ମୁଁ ନଥିଲେ ଏଇ ସ୍ୱାମୀ ଏଇ ଝିଅ ମୋ ଫଟୋକୁ ବି ଅନେଇବେନି ।

ଅପରାହ୍ଣ ପାକଳ ହେଉଥିଲା... ।

ନନ୍ଦିତା ଦେବୀ ନିଜକୁ ସମ୍ଭାଳି ପାରିଲେନି । ହାତମୁଠାରେ ଧରିଥିବା ଫୋନ୍‌ର ବୋତାମ ଚିପି ଝିଅକୁ ଫୋନ୍ କଲେ, ''କ'ଣ କିରେ ଦିନଯାକ ଫୋନ୍ ନାହିଁ । ମୁଁ କ'ଣ ମରିଯାଇଛି କି?''

ଆଉ କହିପାରିଲେନି କି କିଛି ଶୁଣିଲେନି ।

ବାପା ସବୁ ଶୁଣିଲେ, କିନ୍ତୁ ଝିଅର ଛଳଛଳ ଆଖି ଦେଖିବା ଡରରେ ଆଖି ଖୋଲିଲେ ନାହିଁ ।

***ମୋ. : ୯୮୬୧୦୮୬୧୮୪***

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଡିସେମ୍ବର ୨୦୨୫ । ଗୁରୁବାର

## ଟ୍ରାକ୍ଟରରୁ ପଡ଼ି ଯୁବକ ଗୁରୁତର

ଜଳେଶ୍ୱର,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଗୁଆଗଡିଆ ଗ୍ରାମରେ ଚୋରା ବାଲି ଚାଲାଣ ବେଳେ ଟ୍ରାକ୍ଟରରୁ ପଡ଼ି ଯୁବକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ସୋମବାର ରାତି ୭ଟା ସମୟରେ ସୃଷ୍ଟିଧର ଘୋଷଙ୍କ ପୁଅ ଅବନୀ ଘୋଷ (୩୬) ଟ୍ରାକ୍ଟର ଚଳାଇ ଯାଉଥିବା ବେଳେ ଇସ୍ତସ୍ତତ ହୋଇ ତଳକୁ ଖସି ପଡ଼ିଥିଲେ । ଫଳରେ ଟ୍ରାକ୍ଟର ଚାପାରେ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଗୁରୁତର ଭାବେ ତାଙ୍କୁ ଜଳେଶ୍ୱର ସ୍ଥିତ ଜିକେ ଭଟର ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳ, ବେଆଇନ୍ ଖଣିଜ ଉତ୍ତୋଳନ ଚାଲାଣ କାରୀଙ୍କ ନିର୍ଭୟ ଚୋରା ଭୂଇଁ ପାଲଟିଥିବା ବେଳେ, ବାଲି ବ୍ୟବସାୟ କୁଟୀର ଶିଳ୍ପରେ ପରିଣତ ହୋଇଛି ।

## ବିଭୁ ଚେତନାରେ ତରଙ୍ଗାୟିତ ସତ୍ୟବାଦୀ ସାହିତ୍ୟ



ଭୁବନେଶ୍ୱର,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପଣ୍ଡିତ ଗୋପବନ୍ଧୁ ତଥା ସତ୍ୟବାଦୀର ମନୀଷୀମାନଙ୍କ ରଚନା ସମୂହ ଈଶ୍ୱର ଚେତନାରେ ପରିପୁଷ୍ଟ ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଆୟୋଜିତ 'ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା'ରେ ମତ ପ୍ରକାଶ ପାଇଛି । ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜୟ ମହାନ୍ତି, ଆରତି କର, ମନୋଜ ଜେନା, ପର୍ଶୁରାମ ଦ୍ୱିବେଦୀ ଓ ସୁଷମା ଲେଙ୍କା ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମୁଖ୍ୟତ ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ଉପରେ ବିଶେଷ ଆଲୋକପାତ କରିଥିଲେ । ଏହି ଅବସରରେ ମୁରଲୀଧର ପଳାଇଙ୍କ ନେତୃତ୍ୱରେ ସାମୂହିକ ଶ୍ରୀଜଗନ୍ନାଥ ସହସ୍ରନାମ ପଠନ କରାଯାଇଥିଲା ଓ ଜଗନ୍ନାଥ ପ୍ରାଣ ଦିବଙ୍ଗତ କ୍ରିଷ୍ଣା ପଳାଇଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ନ୍ୟାସୀ ମଣ୍ଡଳର ଗୋପବନ୍ଧୁ ସଭା ଗୃହରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାମ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ କୈଳାଶ ଚନ୍ଦ୍ର ରଥ, ଜ୍ଞାନ ରଞ୍ଜନ ଦାସ, ବାସନ୍ତୀ ତ୍ରିପାଠୀ, ବିରଞ୍ଚି ଶତପଥୀ, ବଂଶୀଧର ସେଠୀ, ଶକ୍ତିମୟୀ ରଥ, ଗୋଲକ ବିହାରୀ ନାୟକ ଓ ଭାଷ୍ୟମ ମୁରଲୀଧର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ କର୍ମଶାଳା

ଭବାନୀପାଟଣା,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନର ପ୍ରକଳ୍ପ ଜାଗୃତି ଦ୍ୱାରା ଧର୍ମଗଡ ଏବଂ ମଦନପୁର ରାମପୁର ବ୍ଲକରେ ୫ରୁ ୬ଟି ଗ୍ରାମ ପଞ୍ଚାୟତର ଫ୍ରଣ୍ଟ ଲାଇନ ୱର୍କର 'ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ' ଉପରେ ଏକ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ କିଭଳି ଭାବରେ ସମସ୍ୟାର ସମାଧାନ ନେଇପାରିବେ, ବିଷୟରେ ଟ୍ରେନିଂ ମାଧ୍ୟମରେ ଶିଖି ପାରିଲେ ଯାହା କି ଅନେକ ଗୁଡ଼ିଏ ଏକ୍ଟିଭିଟୀ ଜରିଆରେ ତାଲିମ ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକରେ ୩୦ଜଣ ଆଶା କର୍ମୀମାନଙ୍କୁ ତାଲିମ ଦିଆଯାଇଥିବା ବେଳେ ମଦନପୁର ରାମପୁର ବ୍ଲକରେ ୩୫ଜଣ ଅଙ୍ଗୱାଡ଼ି କର୍ମୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇ ପ୍ରଶିକ୍ଷଣ କରାଯାଇଥିଲା । ଏହି ପ୍ରଶିକ୍ଷଣ ମମତା ସଂସ୍ଥାର ଟ୍ରେନର ମି. କପିଳ ପ୍ରଦାନ କରିଥିଲେ । ସେ ଉକ୍ତ କର୍ମୀମାନଙ୍କୁ ବୁଝାଇଥିଲେ ଯେ ଆଜିର ଦିନରେ ଆମେ କେମିତି ଭାବରେ ଆର୍ଥିକ ଓ ସମସ୍ୟା ଜଡ଼ିତ ପରିସ୍ଥିତିକୁ ସମାଧାନ କରିପାରିବେ ସେ ବିଷୟରେ ତାଲିମ ଦିଆଯାଇଥିଲା । କେମିତି କେଉଁ ପରିସ୍ଥିତିର ସାମ୍ନା କରି ସେହି ସମସ୍ୟାର ସମାଧାନ କରିପାରିବେ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରେ ଥିବା ବିଷୟବସ୍ତୁ ଗୁଡ଼ିକ ଥିଲା ଯୋଗାଯୋଗ, ଦଳଗତ କାର୍ଯ୍ୟ, ସମସ୍ୟା ସମାଧାନ, ଅନୁକୂଳନଶୀଳତା, ସମୟ ପରିଚାଳନା, ନେତୃତ୍ୱ, ସୃଜନଶୀଳତା ଏବଂ ଭାବପ୍ରବଣ ବୁଦ୍ଧିମତ୍ତା ଭଳି ଦକ୍ଷତା ପ୍ରଦାନ କରାଯାଇଥିଲା । ଯାହା ସେମାନଙ୍କୁ ଭବିଷ୍ୟତରେ ଏହି ଶିକ୍ଷା ତଥା ତାଲିମ କାର୍ଯ୍ୟକୁ ସାଧାରଣ ଜୀବନ ଯାପନରେ କାର୍ଯ୍ୟକାରୀ କରିପାରିବେ । ଏହି କାର୍ଯ୍ୟକ୍ରମରେ ମଦନପୁର ରାମପୁର ବ୍ଲକରେ ମୁଖ୍ୟଅତିଥି ଭାବରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଶ୍ରୀ ସିଂ, ସମନ୍ୱିତ ଶିଶୁ ବିକାଶ ସେବା ପର୍ଯ୍ୟବେକ୍ଷିକା ଶ୍ରୀମତୀ ବନ ଜ୍ୟୋସ୍ନା ସାହୁ, ସେକ୍ଟର ପର୍ଯ୍ୟବେକ୍ଷିକା ସ୍ୱର୍ଣ୍ଣଲତା ସାହୁ, ଶ୍ରୀମତୀ ଯାନୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ ଦେଇ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଞ୍ଚାରିତ କରିଥିଲେ । ଧର୍ମଗଡ ବ୍ଲକରେ ସରପଞ୍ଚ ମହାଶୟ ମୁକୁନ୍ଦ ଶବର ଯୋଗଦାନ ଦେଇଥିଲେ ଓ ପ୍ରଶଂସା କରି ତାଲିମ ପ୍ରାପ୍ତକାରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମମତାର ଜିଲ୍ଲା ସଂଯୋଜିକା ବର୍ଷାରାଣୀ ଦାସଙ୍କ ସହିତ ମମତାର ସମସ୍ତ କର୍ତ୍ତାମାନେ ମିଶିକି ସଫଳ ଭାବେ ପରିଚାଳିତ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



କଟକ,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମସ୍ଥିତ ଓଁ ମା ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାଜକିଶୋର ପଣ୍ଡା, କଟକ ଜିଲ୍ଲା ଓଷ୍ଟାର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ଜୁନିୟର ରେଡ୍ କ୍ରସର ରାଜ୍ୟ ପ୍ରଶିକ୍ଷକ ରଞ୍ଜନ କୁମାର ଲେଙ୍କା ଏବଂ ବହୁ ମାନ୍ୟଗଣ୍ୟ ଅତିଥିମାନେ ଶିଶୁ ବୈଜ୍ଞାନିକମାନଙ୍କୁ ଆଗାମୀ ଭବିଷ୍ୟତ ଗଢିତୋଳିବା ନିମନ୍ତେ ଉପଦେଶ ପ୍ରଦାନ କରିଥିଲେ ତଥା ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟା ସିଦ୍ଧିଦାତ୍ରୀ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ଉକ୍ତ ବିଜ୍ଞାନ ମେଳାରେ ସହଯୋଗ କରିବା ପୂର୍ବକ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଚଳିତ ବର୍ଷ ବିଜ୍ଞାନ ମେଳାରେ ସାହିତ୍ୟ, ବିଜ୍ଞାନ, ପରିବେଶ ବିଜ୍ଞାନ ଆଦି ବିଷୟକୁ କେନ୍ଦ୍ର କରି ମୋଟ ୩୫ଟି ପ୍ରକଳ୍ପ ଶିଶୁ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ବିଜ୍ଞାନ ମେଳାରେ କୃତୀ ଶିଶୁ ବୈଜ୍ଞାନିକମାନଙ୍କୁ ସମ୍ମାନନୀୟ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ ।

# ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କ ମଧ୍ୟରେ କାଦୁଅ ଫିଙ୍ଗା

ଖୋର୍ଦ୍ଧା,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍



କୃଷି ଓ କୃଷକର ଉନ୍ନତିକରଣ ନିମନ୍ତେ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରଣୟନ ହେଉଥିବା ବେଳେ କୃଷି କ୍ଷେତ୍ରରେ ମନ ବଳାଇବା ନିମନ୍ତେ ହେଉ କିମ୍ବା କୃଷି ପ୍ରଶିକ୍ଷଣ କେନ୍ଦ୍ରମାନଙ୍କରେ ଶିକ୍ଷା ପ୍ରଦାନକାରୀ ଓ କୃଷକ ସୃଷ୍ଟି କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାରେ ଏକ କୃଷି ପ୍ରଶିକ୍ଷଣ ବିଦ୍ୟାଳୟ ଗଠନ ହୋଇଥିଲା । ଏହି କୃଷି ପ୍ରଶିକ୍ଷଣ ବିଦ୍ୟାଳୟଟି ମଧ୍ୟ ଓଡ଼ିଶାରେ ପରିଚିତ ହୋଇ ଉଠିଥିଲା । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ୨୪ ବର୍ଷ ପୂର୍ବରୁ ଶହ ଶହ ଯୁବପିଢି କୃଷି ପ୍ରଶିକ୍ଷଣ ନେଉଥିବା ବେଳେ କୃଷି ପ୍ରସିକ୍ଷଣ କେନ୍ଦ୍ରଟି ରାଜ୍ୟରେ ଯଶ ଅର୍ଜନ କରି ଆସିଥିଲା । ତେବେ ଆଜିକୁ ପ୍ରାୟ ୨୪ ବର୍ଷରୁ ଅଧିକ ଦିନ ଧରି ଏହି କୃଷି ପ୍ରଶିକ୍ଷଣ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ନେବାକୁ ଛାତ୍ରଛାତ୍ରୀ ଆସୁନଥିବା ବେଳେ ଏକ ବର୍ଷର ପାଠପଢାକୁ ବନ୍ଦ କରି ୫ ଦିନିଆ ଶିକ୍ଷଣ ବ୍ୟବସ୍ଥା କରି କୃଷି ପ୍ରଶିକ୍ଷଣ କେନ୍ଦ୍ରକୁ ବଞ୍ଚାଇ ରଖାଯାଇଥିବା ଦେଖିବାକୁ ମିଳିଛି । ତେବେ ଏହାର ପୁନର ଉଦ୍ଧାର କରିବା ନିମନ୍ତେ ପୂର୍ବ ସରକାର ପାଖାପାଖି ୧୨ କୋଟି ଟଙ୍କା ବ୍ୟୟବରାଦ କରିଥିଲେ । ପୂର୍ବ ଭଳି କୃଷି ପ୍ରଶିକ୍ଷଣ କେନ୍ଦ୍ରକୁ ଜାକଜମକ କରିବା ସହିତ କୃଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ରାଜ୍ୟରେ କୃଷି କାର୍ଯ୍ୟରେ ଉନ୍ନତି ଆଣିବା ସରକାରଙ୍କ ଲକ୍ଷ୍ୟ ରହିଥିଲା । ତେବେ ଏହି ଅର୍ଥ ରାଶି ଆସିବାର ୮ ବର୍ଷ ବିତି ଯାଇଥିଲେ ମଧ୍ୟ କୃଷି ପ୍ରଶିକ୍ଷଣ କେନ୍ଦ୍ର ଉନ୍ନତିକରଣ କାର୍ଯ୍ୟରେ ବ୍ୟବହାର ହୋଇପାରିଲାନାହିଁ । ଏ ପ୍ରକଳ୍ପକୁ ହେରିଟେଜ୍ କହିବା କାରଣ ହେଉଛି, ଓଡ଼ିଶା ପ୍ରଥମ ଉଦ୍ୟାନ କୃଷି ପ୍ରଶିକ୍ଷଣ ବିଦ୍ୟାଳୟଟି ଯେଉଁଠି ଠିଆ ହୋଇଛି ତାହା ହେଉଛି ବ୍ରିଟିଶ ଅମଳର ବହୁ ପୁରାତନ କୋଠା । ଜଣେ ବ୍ରିଟିଶ ଅମଳର ଅଧିକାରୀ ଉଦ୍ୟାନ କୃଷି ବିଭାଗକୁ କୃଷିର ଉନ୍ନତିକରଣ ନିମନ୍ତେ ପ୍ରଦାନ କରିଥିଲେ । ତେବେ ଏହି କୋଠା ବହୁ ପୁରାତନ ହୋଇଥିବାରୁ ଭଗ୍ନ ଅବସ୍ଥାରେ ପଡ଼ିଥିବା ବେଳେ ଯାହାର ମରାମତି ସାଙ୍ଗକୁ ବାତ୍ୟାରେ ଭାଙ୍ଗି ଯାଇଥିବା ପାଚେରୀ ନିର୍ମାଣ ସହିତ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ୧୨ କୋଟି ଟଙ୍କା ମଞ୍ଜୁର କରିଥିଲେ । ତେବେ ଏହି ଅର୍ଥକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିବାରେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନଥିବା ବେଳେ ସରକାରୀ ଅର୍ଥ ବିଭାଗୀୟ ଆକାଉଣ୍ଟରେ ୮ ବର୍ଷରୁ ଅଧିକ ଦିନ ଧରି ପଡି ରହିଛି । ଯଦିଓ ଆସିଥିବା ଅର୍ଥରେ ପୁରାତନ କୋଠାର ମରାମତି ହୋଇଛି ଓ ମହିଳା ହଷ୍ଟେଲ କୋଠା ରାସ୍ତାରେ ଫ୍ଲେଭର ବ୍ଲକ ପକା ଯାଇଛି ଏବଂ ଅଳ୍ପ ପାଚେରୀ ନିର୍ମାଣରେ କିଛି ଅର୍ଥ ବିଭାଗ ଖର୍ଚ୍ଚ କରିଛି ତେବେ ପୁରାତନ ଛାତ୍ରାବାସ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ୫ ସହ ମିଟରରୁ ଉର୍ଦ୍ଧ୍ୱ ପାଚେରୀ ଆଜି ପର୍ଯ୍ୟନ୍ତ ଭାଙ୍ଗି ପଡ଼ି ରହିଛି । ଏହି କୋଠା ନିର୍ମାଣ ସାଙ୍ଗକୁ ଅଫିସରଙ୍କ କୋଠା ନଥିବାରୁ ଅଫିସରମାନେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କୋଠାରେ ରହୁଥିବା ବେଳେ ଏହାର କାର୍ଯ୍ୟ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ଆନ୍ତରିକତା ନରଖିବା ହେତୁ ଆଜି ସରକାରୀ ଅର୍ଥ ଫେରି ଯିବାକୁ ବସିଛି । ଅନ୍ୟପଟେ ଖୋର୍ଦ୍ଧା କୃଷି ପ୍ରଶିକ୍ଷଣ ନିର୍ଦ୍ଦେଶିକା ଉର୍ମିଳା ମହାପାତ୍ରଙ୍କୁ ଏ ସମ୍ବନ୍ଧରେ ପଚାରିବାରୁ ତାଙ୍କ ମୁଖରୁ ଶୁଣିବାକୁ ମିଳୁଛି ଯେ ଏହି ଅର୍ଥ ଆମେ ଖର୍ଚ୍ଚ କରିବାର ଅଧିକାର ଆମକୁ ପ୍ରଦାନ କରାଯାଇନାହିଁ । ଏହି ଅର୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶକ ଖର୍ଚ୍ଚ କରିବା ପାଇଁ ଟେଣ୍ଡର କରିବେ ଏବଂ ଠିକ ସଂସ୍ଥା ହାତରେ ପ୍ରଦାନ କରିବେ । ଆମ୍ଭେ କେବଳ ଉପରସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅର୍ଥ ପ୍ରଦାନ କରିବୁ ବୋଲି ପ୍ରକାଶ କରିଛନ୍ତି । ତେବେ କୃଷି ପ୍ରଶିକ୍ଷଣ କେନ୍ଦ୍ରରେ ପାଚେରୀ ନିର୍ମାଣରେ ପାଖାପାଖି ଦୁଇକୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହେବାକୁଥିବା ବେଳେ ପୁରାତନ ଛାତ୍ରାବାସ ମରାମତି ଓ ଅଫିସର କ୍ୱାର୍ଟସ ନିର୍ମାଣ କାର୍ଯ୍ୟ ଅଟକି ରହିଛି । ଏହାକୁ ଉପରସ୍ଥ ଅଧିକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏହା କାର୍ଯ୍ୟକାରୀ ହୋଇପାରିଥାନ୍ତା । କିନ୍ତୁ ଏହାକୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ଅର୍ଥ ଫେରସ୍ତ ନିମନ୍ତେ ଚିଠି ପ୍ରଦାନ କରିଛନ୍ତି । ତେଣୁ ଆମେ ବାଧ ହେବୁ ଏହି ଅର୍ଥକୁ ଫେରସ୍ତ କରିବା ନିମନ୍ତେ । ତେବେ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଚିଠି ଓ ଖୋର୍ଦ୍ଧା କୃଷି ପ୍ରଶିକ୍ଷଣ ଦାୟିତ୍ୱରେ ରହିଥିବା ଉପ-ନିର୍ଦ୍ଦେଶକ କଥାରେ ତାଳମେଳ ରହୁନଥିବାରୁ ଏଥିରୁ ଜଣାପଡୁଛି ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଫିଙ୍ଗି ହେଉଥିବା ବେଳେ ନେତା ଓ ପ୍ରଶାସକଙ୍କ ମଧ୍ୟରେ ତାଳମେଳ ଅଭାବ ହେତୁ ଆଜି ଖୋର୍ଦ୍ଧା ଜିଲ୍ଲାରେ ରହିଥିବା କୃଷି ପ୍ରଶିକ୍ଷଣ କେନ୍ଦ୍ରର ଅବସ୍ଥା ଦୟନୀୟ ଅବସ୍ଥାରେ ପଡି ରହିଛି । ସରକାର ପ୍ରଦାନ କରିଥିବା ଅର୍ଥ ଖର୍ଚ୍ଚ ନକରି ପାରିବାରୁ ଅର୍ଥ ଫେରସ୍ତ ନିମନ୍ତେ ଚିଠି ପ୍ରଦାନ କରିଥିବା ଜଣାପଡୁଛି ।

# ଜାଡ଼ରେ କମ୍ପୁଛି କଳିଙ୍ଗନଗର

କଳିଙ୍ଗନଗର,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣିପ୍ରଦେଶରେ ଶୀତ ଲହରୀ ଆରମ୍ଭ ହୋଇଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ସୁକିନ୍ଦା–କାଳିଆପାଣି ଖଣି ଅଞ୍ଚଳରେ ପାରଦ ଦ୍ରୁତ ଗତିରେ ଖସୁଛି । କିଛି ଅଞ୍ଚଳରେ ତାପମାତ୍ରା ୪–୫ ଡିଗ୍ରୀ ତଳକୁ ଆସିଛି । ରାତି ୮ଟା ପରେ ସଡକ ଗୁଡିକ ଜନଶୂନ୍ୟ ହେଉଛି । ଶୀତରେ କମ୍ପୁଥିବା ଲୋକେ ନିଆଁ ପୁଇଁ ଉଷୁମ ନେଉଥିବା ଦୃଶ୍ୟ ସବୁଠି ଦେଖାଯାଉଛି । ସକାଳୁ ସକାଳୁ ଚା ଦୋକାନ ପାଖରେ ଭିଡ ଜମୁଛି । ଶୀତରେ ପ୍ରଭାବିତ ହେଉଛନ୍ତି ବୃଦ୍ଧ, ଶିଶୁ ଓ ଦୈନିକ ଜୀବିକା ଶ୍ରମିକମାନେ । ଶୀତ ବଢିବା ସହିତ ସୁକିନ୍ଦା–କାଳିଆପାଣି ଜଙ୍ଗଲ ଅଞ୍ଚଳରେ ମଧ୍ୟ ବନ୍ୟପ୍ରାଣୀଙ୍କ ଚଳଚଳାହଟ୍‌ରେ ପରିବର୍ତ୍ତନ ଦେଖାଯାଉଛି । ଖାଦ୍ୟ ଓ ଉଷ୍ମା ଅଭାବରେ ଗେଞ୍ଜିହୋଇ ପଡୁଛନ୍ତି ପ୍ରାଣୀମାନେ । ଶିଳ୍ପ ଅଞ୍ଚଳର କର୍ମଚାରୀ ଔଏଡ, ଟାଟା, ଭିସା, ଜିନ୍ଦଲ ଷ୍ଟିଲ, ଇମ୍ଫା କେଜେ ଇସ୍ପାତ, ଇତ୍ୟାଦି କଂପାନୀକୁ ଯାଉଥିବା କର୍ମଚାରୀମାନେ ସକାଳ ବେଳେ ଏବଂ ରାତି ଉପରେ ଶୀତ (ଜାଡ଼)ର ଅଧିକ କଷ୍ଟ ଅନୁଭବ କରୁଛନ୍ତି । ଏ ସିଫ୍ଟ ଓ ନାଇଟ୍ ସିଫ୍ଟ ଯିବାଆସିବା ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ । ଆଗାମୀ କିଛି ଦିନ ଆଉ ବଢ଼ିବ ଶୀତ । ସୂଚନା ଅନୁସାରେ ଉପକୂଳ, ଆଭ୍ୟନ୍ତରୀଣ, ଶିଳ୍ପାଞ୍ଚଳ ଏବଂ ଖଣି ଅଞ୍ଚଳ ସବୁଠି ଆଗାମୀ ୨ରୁ ୩ ଦିନ ମଧ୍ୟ ଶୀତ ଲହରୀ ଆହୁରି ବଢିପାରେ । ସ୍ଥାନୀୟ ପ୍ରଶାସନ ଲୋକମାନଙ୍କୁ ଶୀତ ଆଘାତରୁ ରକ୍ଷା ପାଇବାକୁ ହେଲେ ଗରମ କପଡ଼ ପିନ୍ଧିବାକୁ, ସନ୍ଧ୍ୟା ପରେ ବାହାରକୁ ଅତ୍ୟାବଶ୍ୟକ କାମ ରହିଲେ ମାତ୍ର ଯିବାକୁ, ବୃଦ୍ଧ ଓ ଶିଶୁଙ୍କୁ ବିଶେଷ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ଯାଜପୁର,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ବ୍ଲକ ଅନ୍ତର୍ଗତ ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟ କାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଏକ ଦିବସିୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମୁଖ୍ୟବକ୍ତା ସହ ଉଦ୍ୟାନ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରକ୍ଷଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସମ୍ମାନୀତ ଅତିଥି ସହ କୃଷି ନିର୍ଦ୍ଦେଶକ ରମାକାନ୍ତ ମହାପାତ୍ର, ମୁଖ୍ୟଅତିଥି, ପରିବେଶ ଶିକ୍ଷା କେନ୍ଦ୍ର, ଓଡିଶା ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ ମୋହନ ଦାସ ପାକଶାଳ ବଗିଚା ତିଆରିର ଉପାଧ୍ୟକ୍ଷ ଓ କିପରି ଏହାର ତିଆରି ଇକୋ କ୍ଲବ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଆବାହକ ଡଃ ଶରତ କୁମାର ସାହୁ ପାକଶକ୍ଷଳା ବଗିଚା ନିର୍ମାଣ ସମ୍ପର୍କୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟ କ୍ରମର ଉଦ୍ଦେଶ୍ୟ, ନିୟମାବଳୀ ଓ ଉପାଦେୟତା ସମ୍ବନ୍ଧରେ ପ୍ରୋଜେକଟର ମାଧ୍ୟମରେ ବର୍ଣ୍ଣନା କରିଥିଲେ । ଉକ୍ତ ଉଚ୍ଚ ବିଦ୍ୟାଳରେ ଏକ ପକଶାଳକ୍ଷ ବଗିଚା ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ଏଥିରେ ବିଭିନ୍ନ ଶାଗ ଓ ପନିପରିବା ଚାରା ଲଗାଯାଇଥିଲା ଓ ମଞ୍ଜି ବୁଣା ଯାଇଥିଲା । ଏହା ସହିତ ସବୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଉଦ୍ୟାନ ପାଇଁ ବିଭିନ୍ନ ମଞ୍ଜି ଓ ଚାରା ବଣ୍ଟନ କରାଯାଇଥିଲା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନି ଗୋପାଳ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ, ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟ ବାଦ ଦେବା ସହିତ ବିଜୟ ମୋହନ ରାୟ ପାକ ଉଦ୍ୟାନ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ଇକୋ କ୍ଲବ ଛାତ୍ରୀମାନେ ଉଦଘାଟନୀ ସଂଗୀତ ଗାନ କରିଥିଲେ । ପ୍ରତେକ ଶିକ୍ଷକଙ୍କୁ ଶେଷରେ ପ୍ରଶିକ୍ଷଣ ସମ୍ବନ୍ଧୀୟ ପ୍ରମାଣ ପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ସାମ୍ମାନୀତ ଅତିଥି ଉଦ୍ୟାନ ସହ ନିରୀକ୍ଷକ ହରମୋହନ ମହାପାତ୍ର ପାକ ଉଦ୍ୟାନ ନିର୍ମାଣ ଓ ଉପାଦେୟତା ସମ୍ବନ୍ଧରେ ଆଲୋକପକ୍ଷତ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ସନ୍ତୋଷ କୁମାର ଦାସ ଓ ଅନ୍ୟ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## 'ସଂଘର୍ଷ ଜାରି ରହିଲେ ଫଳ ମିଠା ଲାଗେ'

ଢେଙ୍କାନାଳ,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀତାନୃତ୍ୟାଙ୍ଗନା ତରଫରୁ ୪ର୍ଥ ସଙ୍ଗମ ମହୋତ୍ସବ ତଥା ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବକୁ ମହାସମାରୋହରେ ପାଳନ କରିଯାଇଛି । ଏହି ଅବସରରେ ପ୍ରଥମ ଦିବସ ପ୍ରାତଃ ସମୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅନୁଷ୍ଠାନର ସଂପାଦକ ଗୁରୁ ଆଶିଷ କୁମାର ପାଲଙ୍କ ସହଯୋଗରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ ଏବଂ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ତଥା ମହୋତ୍ସବରେ ଯୋଗଦାନ କରିଥିବା ସମସ୍ତ କଳାକାରଙ୍କ ସହ ଦର୍ଶକମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପ୍ରଥମ ଦିବସରେ ମହେନ୍ଦୀ, ରଙ୍ଗଭରୋ, ସଙ୍ଗୀତ ସହ ଅଭିନୟ, କୌତୁକ ପୋଷାକ, ସ୍ୱର୍ଣ୍ଣଲକ୍ଷ୍ମୀ ଆଦି ପ୍ରତିଯୋଗିତା କରାଯାଇଥିଲା । ଏ ଅବସରରେ ଲଉଡିବାଡି, ମହିଳା ସଂକୀର୍ତ୍ତନ ମଣ୍ଡଳୀମାନେ ସେମାନଙ୍କର ସଂସ୍କୃତିକୁ ପରିବେଷଣ କରିଥିଲେ । ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଗୁରୁ ଜୟଶ୍ରୀ ବେହେରାଙ୍କ ନିର୍ଦ୍ଦେଶନାରେ ଯୋଗାସନ ମଧ୍ୟ କରାଯାଇଥିଲା । ସଂଧ୍ୟା କାର୍ଯ୍ୟକ୍ରମରେ ଢେଙ୍କାନାଳର ପୌରପାଳିକା ଜୟନ୍ତୀ ପାତ୍ର ଉପସ୍ଥିତ ରହି ସଂଘର୍ଷ ଜାରି ରହିଲେ ଫଳ ମିଠା ହେବ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିଶ୍ୱରଞ୍ଜନ ସାହୁ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ସଂପାଦକ ନୃତ୍ୟଗୁରୁ ଆଶିଷ କୁମାର ପାଲ୍ ଉପସ୍ଥିତ ରହି ଅନୁଷ୍ଠାନ ସଂପର୍କରେ ବକ୍ତବ୍ୟ ରଖିବା ସହ ଉନ୍ନତି କାମନା କରିଥିଲେ ଏବଂ ୪ର୍ଥ ସଙ୍ଗମ ମହୋତ୍ସବର ପରିକଳ୍ପନାକୁ ପ୍ରଶଂସା କରିଥିଲେ । ଦ୍ୱିତୀୟ ଦିବସ ଅବସରରେ ଅତିଥି ଭାବରେ ଦନ୍ତ ବିଭାଗର ବରିଷ୍ଠ ଡାକ୍ତର ରାଇ ମୋହନ ମିଶ୍ର, ଓଡିଶାର ସଂଗୀତ ଜଗତର ବାଦ୍‌ଶାହା ଏ ମାଟିର ଗର୍ବ ଶକ୍ତି ମିଶ୍ର ପ୍ରଭୃତି ବକ୍ତବ୍ୟ ପ୍ରଦାନ କରିବା ସହ ପିଲାମାନଙ୍କୁ ପୁରସ୍କୃତ କରିଥିଲେ । ଉପଦେଷ୍ଟା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇଆଇଆଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଆଇଆଇଆଇଟି ଭୁବନେଶ୍ୱର ଚଳିତ ଡିସେମ୍ବର ମାସରେ ଦୁଇଟି ପ୍ରମୁଖ ଆନ୍ତର୍ଜାତୀୟ ଏକାଡେମିକ୍ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଅଛି । ଯେଉଁଥିରେ ରିମୋଟ ସେନିଂ, ଲିଓସାଇନ୍ସ, କ୍ରିପ୍ଟୋଲୋଜି ଏବଂ ସାଇବର୍ ସିକ୍ୟୁରିଟି ଉପରେ ଯୁଗାନ୍ତକାରୀ ଆଲୋଚନା ପାଇଁ ବିଶ୍ୱସ୍ତରୀୟ ଗବେଷକ, ଶିଳ୍ପପତି ଏବଂ ଉଦ୍ଭାବକମାନେ ଓଡ଼ିଶାକୁ ଆସିବେ ।

୧୦-୧୪ ଡିସେମ୍ବର, ୨୦୨୫ ପର୍ଯ୍ୟନ୍ତ, ଆଇଆଇଆଇଟି ଭୁବନେଶ୍ୱର ଆନ୍ତର୍ଜାତୀୟ ଭୂବିଜ୍ଞାନ ଏବଂ ରିମୋଟ ସେଟିଂ ଆଲୋଚନାଚକ୍ରରେ ପ୍ରତିନିଧୀମାନଙ୍କୁ ସ୍ୱାଗତ କରିବ, ଯାହା ଭୂବିଜ୍ଞାନ ଏବଂ ରିମୋଟ ସେନିଂ ଟେକ୍ନୋଲୋଜିର ସର୍ବଶେଷ ଅଗ୍ରଗତିକୁ ଆଲୋକିତ କରୁଥିବା ଏକ ବିଶ୍ୱବ୍ୟାପୀ ପ୍ରତୀକ୍ଷିତ ଇଭେଣ୍ଟ । ଓଡ଼ିଶାର ରାଜ୍ୟପାଳ ତଥା ଆଇଆଇଆଇଟି ଭୁବନେଶ୍ୱରର କୁଳାପତି ଡ.ହରିବାବୁ କମ୍ଭମପତି ୧୧ ଡିସେମ୍ବର, ୨୦୨୫ରେ ଏହି ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷତା କରିବେ ବୋଲି ଅନୁଷ୍ଠାନ ଗର୍ବର ସହିତ ଘୋଷଣା କରୁଛି ଚଳିତ ବର୍ଷ, ଇନଗାର୍ସକୁ ୫୦୦ରୁ ଅଧିକ ପେପର ଦାଖଲ ସହିତ ସକାରାତ୍ମକ ପ୍ରତିକ୍ରିୟା ପ୍ରାପ୍ତ ହୋଇଛି, ଯେଉଁଥିରୁ ୨୪୧ଜଣ ଲେଖକଙ୍କୁ ଉପସ୍ଥାପନ କରିବାକୁ ମନୋନୀତ କରାଯାଇଛି । ଏହି ସମ୍ମିଳନୀରେ ୧୫୧ଟି ପୋଷ୍ଟର ଉପସ୍ଥାପନା, ୯୦ଟି ମୌଖ ଉପସ୍ଥାପନା ଏବଂ ଏକ ରୋମାଞ୍ଚକର ଛାତ୍ର ଗବେଷଣା ସନ୍ଦର୍ଭ ପ୍ରତିଯୋଗିତା ରହିବ - ୫୭ଟି ଦାଖଲରୁ ୧୮ ଜଣ ଚୂଡ଼ାନ୍ତ ପ୍ରତିଯୋଗୀ ମନୋନୀତ ହେବେ । ଅଂଶଗ୍ରହଣକାରୀମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପରିଚାଳିତ ରିମୋଟ ସେନିଂ, ଏସଏଆର ଇମେଜିଂ, ଜଳବାୟୁ ବିଶ୍ଳେଷଣ, ବିପର୍ଯ୍ୟୟ ସହନଶୀଳତା ଏବଂ ପରିବେଶ ସ୍ଥିରତା ଉପରେ ଆଲୋଚନାରେ ନିୟୋଜିତ ହେବେ, ଯାହା ସାମାଜିକ ମଙ୍ଗଳ ହେତୁ ଉନ୍ନତ ସେନିଂ ଜ୍ଞାନକୌଶଳର ଲାଭ ଉଠାଇବା ପାଇଁ ବିଶ୍ୱସ୍ତରୀୟ ଆବଶ୍ୟକ ତାକୁ ପ୍ରତିଫଳିତ କରିବ ।

## ବଡ଼ଦିନ ଲାଗି ଶାନ୍ତି କମିଟି

ଫୁଲବାଣୀ,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍



କନ୍ଧମାଳ ଜିଲ୍ଲାରେ ଆଗକୁ ନୂଆବର୍ଷ ସହିତ ବଡ଼ଦିନ ପର୍ବର ଆଗମନ ସମୟ ହେଉଥିବାରୁ ଜିଲ୍ଲା ପ୍ରଶାସନ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା, ଉକ୍ତ ଶାନ୍ତି କମିଟି ବୈଠକରେ ଜିଲ୍ଲାପାଳ ବେଦଭୂଷଣ ଅଧକ୍ଷତା କରିଥିବା ବେଳେସନମାନୀତ ଅତିଥିଭାବେ ଏସପି ହରିଶ ବିଶି, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଭିକାରି ଚରଣ ସାହୁ, ବାଲିଗୁଡା ଉପଜିଲ୍ଲାପାଳ ସୁଶ୍ରୀ ପ୍ରଣିତା ଦାସ, (ଆଇଏଏସ) ବାଲିଗୁଡା ପୋଲିସ ଉପଖଣ୍ଡ ଅଧିକାରୀ (ଆଇପିଏସ୍) ଗଦାଧର ପାତ୍ର ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ, କୃପାସିନ୍ଧୁ ବେହେରା ବାଲିଗୁଡା ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ସମେତ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ବିଭିନ୍ନ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଆସିଥିବା ସଂଗଠନର ମୁଖିଆମାନେ ଉପସ୍ଥିତ ଥିଲେ । ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହିତ ଖ୍ରୀଷ୍ଟୀୟ ଧର୍ମର ଜନସାଧାରଣ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହିତ ବଡ଼ଦିନ ପର୍ବକୁ ପାଳନ କରିବେ ସେଇଥିପାଇଁ ପ୍ରଶାସନ ଜିଲ୍ଲା ବାସୀଙ୍କର ସହଯୋଗ କାମନା କରିଥିଲେ । ଉପସ୍ଥିତ ଥିବା ସମସ୍ତ ଜାତି ଧର୍ମର ମୁରବିମାନେ ଉତ୍ତମ ସହଯୋଗ କରିବା ପାଇଁ ସହମତି ପ୍ରଦାନ କରିଥିଲେ । ବଡ଼ ଦିନ ପାଳନ ସମୟରେ ଜିଲ୍ଲାରେ ମଦ ବିକ୍ରି କରିବା ଓ ମଦ୍ୟପାନ କରି ଆଇନ ଶୃଙ୍ଖଳା ସୃଷ୍ଟି କରୁଥିବା ଆସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପୋଲିସ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତେ ଅନୁରୋଧ କରିଥିଲେ ଏବଂ ଜିଲ୍ଲାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳାର ସହିତ ବଡ଼ଦିନ ପର୍ବ ପାଳନ କରିବା ପାଇଁ ସବୁ ପ୍ରକାର ଆଇନକାନୁନ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ବେଦ ଭୂଷଣ ଓ ଏସପି ହରିଶ ବିଶି ବୈଠକରେ ସୂଚନା ଦେଇଥିଲେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ମିଥ୍ୟା ଖବର, ଗୁଜବ ଉପରେ ବିଶ୍ୱାସ ନ କରିବା ଓ ସେମିତି ଖବର ଉପରେ ଭୟଭୀତ ନ ହେବାପାଇଁ ପରାମର୍ଶ ଦେଇଥିଲେ । ବିଶୃଙ୍ଖଳା କାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ହରିଶ ବିଶି ବୈଠକରେ ପ୍ରକାଶ କରିଥିଲେ । ଶେଷରେ ଉପସ୍ଥିତ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ ବିଭିର୍ଣ୍ଣ ଜାତି ଧର୍ମ ସଂଗଠନର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରି ଶାନ୍ତି ଶୃଙ୍ଖଳାର ସହିତ ଶାନ୍ତି କମିଟି ବୈଠକର ପରି ସମାପ୍ତି ଘୋଷଣ କରିଥିଲେ ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନର ଆକର୍ଷଣୀୟ ସଫଳତା

କଟକ,୧୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍



- ୧୨ ରାଜ୍ୟରୁ ଯୋଗଦେଲେ ୧୨୦ ପ୍ରତିଯୋଗୀ, ୨୨ ମେଣ୍ଟର
- ଦୀର୍ଘ ୩୬ ଘଣ୍ଟା ଧରି ଲଗାତାର ଚାଲିଲା ଏସ୍‌ଆଇଏଚ୍‌-୨୦୨୫
- ୪ ବିଜେତା ଗ୍ରୁପକୁ ମିଳିଲା ୬ ଲକ୍ଷ ଟଙ୍କା ପୁରସ୍କାର ରାଶି
- ନିକଟ ଭବିଷ୍ୟତରେ ଷ୍ଟାର୍ଟ ଅପ୍ ହବ୍ ପାଲଟିବ ଓଡ଼ିଶା

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସଫଳତାର ସହ 'ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ୍ - ସଫ୍ଟୱେର୍ ସଂସ୍କରଣ' ଫାଇନାଲର ପରିସମାପ୍ତି ଘଟିଛି । ଏହା ସୋମବାର ସକାଳ ୮ଟାରୁ ଆରମ୍ଭ ହୋଇ ମଙ୍ଗଳବାର ରାତି ୮ଟା ପର୍ଯ୍ୟନ୍ତ ଲଗାତାର ୩୬ ଘଣ୍ଟା ଧରି ଚାଲିବା ସାଙ୍ଗକୁ ବାସ୍ତବରେ ନିଜର 'ହ୍ୟାକାଥନ୍' ନାମକୁ ସାର୍ଥକ କରିଥିଲା । ବିପିୟୁଟି ଓ ଭିଏସଏସୟୁଟି ସହ ଏସଏସୟୁକୁ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ୍ ପାଇଁ ଓଡ଼ିଶାର ସମୁଦାୟ ତିନିଟି ନୋଡାଲ ସେଣ୍ଟର ମଧ୍ୟରୁ ଗୋଟିଏ ଭାବରେ ବଛାଯାଇଥିଲା । ତେଣୁ ଜୋନାଲ୍‌ସ୍ତରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଥିଲା ଏକମାତ୍ର ନୋଡାଲ୍ କେନ୍ଦ୍ର । ଭାରତ ସରକାର ଏବଂ ଏଆଇସିଟିଇର ମିଳିତ ଉଦ୍ୟମ ଏହି ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନରେ ବିଦ୍ୟାର୍ଥୀମାନେ ନିଜର ସୃଜନଶୀଳତା, ବୈଷୟିକ କ୍ଷମତା ଏବଂ ଶିଳ୍ପ ସମ୍ପର୍କିତ ସମସ୍ୟାର ଉପଯୋଗୀ ସମାଧାନ ପ୍ରସ୍ତୁତ କରିଥିଲେ । ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ବିଭିନ୍ନ ଶିଳ୍ପସଂସ୍ଥା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ ପାଇଁ ପ୍ରଭାବଶାଳୀ ସଫ୍ଟୱେର୍ ସମାଧାନ ଖୋଜିବା ଥିଲା ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନର ଲକ୍ଷ୍ୟ । ଏହା ସର୍ବଭାରତୀୟସ୍ତରରେ ଆୟୋଜିତ ହେଉଥିବାରୁ ଭାରତର ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣକାରୀ ଏହି ହ୍ୟାକାଥନ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଚଳିତ ବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପଞ୍ଜାବ, ଗୁଜରାଟ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ଭଳି ୧୨ଟି ରାଜ୍ୟରୁ ୧୨୦ ଜଣ ପ୍ରତିଯୋଗୀ ଓ ୨୨ ଜଣ ମେଣ୍ଟର ଯୋଗ ଦେଇଥିଲେ । ଏଥିସହ ଏଆଇସିଟିଇର ୨ ଜଣ ଅଧିକାରୀ, ରାଜ୍ୟ ସରକାରଙ୍କ ୨ଜଣ ପ୍ରତିନିଧି ଏବଂ ସ୍ଥାନୀୟ ଶିଳ୍ପସଂସ୍ଥାଗୁଡ଼ିକରୁ ୮ଜଣ ବିଶେଷଜ୍ଞ ବିଚାରକ ଭାବରେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ୪ଟି 'ପ୍ରୋବ୍‌ଲେମ୍ ଷ୍ଟେଟମେଣ୍ଟ' ଥିବାବେଳେ ପ୍ରତି ପ୍ରୋବ୍‌ଲେମ୍ ଷ୍ଟେଟମେଣ୍ଟରେ ୫ଟି ଲେଖାଏଁ ଗ୍ରୁପ୍ ଥିଲା । ଦୀର୍ଘ ୩୬ ଘଣ୍ଟା ଧରି ବସି ରହିବାକୁ ଥିବାରୁ ରିଲାକ୍‌ସେସନ୍ ପାଇଁ ସୋମବାର ରାତିରେ ପ୍ରତିଯୋଗୀମାନେ ବୋନ୍ ଫାୟାର ଏବଂ ମଙ୍ଗଳବାର ସକାଳେ ଜୁମ୍ବା ନୃତ୍ୟରେ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ଭାରତ ସରକାରଙ୍କ ପକ୍ଷରୁ ଚାରି ପ୍ରୋବ୍ଲେମ୍ ଷ୍ଟେଟମେଣ୍ଟର ବିଜେତା ହ୍ୟାକ୍ ଲର୍ଡ୍ସ, ଇନୋଷ୍ଟିୟର୍ସ, ହାର୍ଟ-ଟୁ-ଓ ଏବଂ ସ୍ୱାସ୍ଥ୍ୟ ସହାୟକ ଗ୍ରୁପକୁ ଦେଢ଼ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଏହି ରାଷ୍ଟ୍ରୀୟ ସ୍ତରର ପ୍ରତିଯୋଗିତାର ସଫଳ ଆୟୋଜନ ନିମନ୍ତେ ପ୍ରସନ୍ନତା ପ୍ରକଟ କରି କହିଥିଲେ, 'ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ୍-୨୦୨୫ ଆୟୋଜନ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ପ୍ରମାଣିତ ହୋଇଛି । ତେଣୁ ଏଭଳି ଏକ କାର୍ଯ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସଶକ୍ତ କରିବା ସହ ଓଡ଼ିଶାକୁ ବୈଷୟିକ ଜ୍ଞାନକୌଶଳ ଏବଂ ଷ୍ଟାର୍ଟ ଅପର ଏକ ହବ୍ ଭାବରେ ପରିଚୟ ପ୍ରଦାନ କରିବ ।'

## 'ନିଶାକୁ ନା'

ସାକ୍ଷୀଗୋପାଳ,୧୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଶୁକଳ, ତୃତିୟାଦେବ ବିଦ୍ୟାନିକେତନରେ, ପୁରୀ ଜିଲ୍ଲା ନିଶାକୁ ନା ସଂଗଠନ ତରଫରୁ ଏକ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ସଂଗଠନର ମୁଖ୍ୟ ମାର୍ଗ ଦର୍ଶକ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ୨ ଘଣ୍ଟିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଶା କିପରି ସମାଜର ବ୍ୟାଧି ହୋଇଛି ଓ ସାମାଜିକ ବ୍ୟବସ୍ଥାକୁ ନଷ୍ଟ କରୁଛି, ତାହାରି ଉପରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ଯୁବ ଗୋଷ୍ଠି କିପରି, କୁନିଶାର ଶିକାର ହେଉଛନ୍ତି ଓ ତାହାର ପ୍ରତିକାର କିପରି କରାଯାଇ ପାରିବ, ତାହା ପିଲାମାନଙ୍କୁ ବୁଝାଇ ଦିଆଯାଇଥିଲା । ମୁଖ୍ୟତଃ ପାନ, ବିଡି, ସିଗାରେଟ, ଗୁଟଖା, ମଦ ଆଦି ସେବନ ନ କରିବା ଓ ମୋବାଇଲ ଫୋନର ଅପବ୍ୟବହାର ଉପରେ ସଚେତନ କରାଯାଇଥିଲା । କୁନିଶା ଗ୍ରହଣ ନକରି, କିପରି ସମାଜରେ ମଧ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି, ତାହାର ଉଦାହରଣ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ, କୁନିଶା ଗ୍ରହଣ ନକରିବାକୁ ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୩ ଜଣ ସୁଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ତିନିହଜାର ଟଙ୍କା ନିଜ ହାତରୁ ପ୍ରଦାନ କରିଥିଲେ, ସମାଜ ସେବୀ ସମର କେଶରୀ ପ୍ରଧାନ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଚିତରୁପା ଷଡ଼ଙ୍ଗୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାସ, ବିଜୟ କୁମାର ପରିଡ଼ା, ନବଘନ ଶତପଥୀ, ମନୋରଞ୍ଜନ ମିଶ୍ର, ହରପ୍ରିୟା କର ଓ ସଭାପତି ଗଜେନ୍ଦ୍ର ମହାନ୍ତି ପିଲାମାନଙ୍କୁ ସଚେତନ କରାଇଥିଲେ । ପ୍ରଧାନ ଶିକ୍ଷକ ଅରବିନ୍ଦ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-LHS-KUR-524, ତା.03.12.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନରେ ଲେଭେଲ କ୍ରସିଂ ସଂ. 357 (ବରୁଭା-ମନ୍ଦସା ରୋଡ଼), JD-1 (ବୈତାରୀ-ଟମକା), CT-29 (ରାଜଆଠଗଡ଼ ୟାର୍ଡ), CT-65 (ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ), JB-12 (ଘଣ୍ଟିଖାଲ ନିଧିପୁର-ନରାଜ ମାର୍ଥାପୁର), CT-42 (ଢେଙ୍କାନାଳ-ସଦାଶିବପୁର), CP-8 (ମଉଗଜପୁର-କନ୍ଦରପୁର) ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ଏବଂ କେରେଜାଙ୍ଗ-ଜରପଡ଼ା, କନ୍ଦରପୁର-ରଘୁନାଥପୁର, ଜଖପୁରା-ଜେନାପୁର ମଧ୍ୟରେ ଅନଧିକାର ପ୍ରବେଶ ସ୍ଥାନରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ବ୍ୟବସ୍ଥା ନିମନ୍ତେ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ :** ₹ 4,18,28,827.94, EMD : ₹ 3,59,200/-

ବିଡ୍ ଆରମ୍ଭ ହେବା ତାରିଖ : ତା.12.12.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.12.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-884/Q/25-26

## ହେରୋଇନ୍ ଜବତ: ଜଣେ ଗିରଫ



**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ପୌରାଞ୍ଚଳସ୍ଥିତ ଲକପଡା ଅଞ୍ଚଳରେ ଚ଼ଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୨୭ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚ଼ନାଯୋଗ୍ୟ ଯେ ଲକପଡାର ଅମଜାତ୍ ଖାନ୍ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚ଼ନା ପରେ ପାରାଦୀପ ଅବକାରୀ ଥାନାର ଉପନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚ଼ାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ଲକପଡାର କାଦର ମହମ୍ମଦ ଖାନଙ୍କ ପୁଅ ଅମଜାତ୍ ଖାନ(୩୪)। ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୭୦,୦୦୦ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚ଼ାର ବିଭାଗୀୟ ହାଜତ୍‌କୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ


**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଆଜି ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡ ନଂ ୧୫ କୁଳିଆତୁଟା ଗ୍ରାମର ମାଧବ ନାଏକଙ୍କ ପୁଅ ମାନସ ନାଏକ(୩୦) ନିଜ ଗ୍ରାମରୁ ଆଜି ସନ୍ଧ୍ୟା ୫ଘଣ୍ଟା ସମୟରେ କୌଣସି କାର୍ଯ୍ୟରେ ଟାଉନ ଆଡକୁ ଏକ ବାଇକ ଯୋଗେ ଆସୁଥିବାବେଳେ ଜାଣି ନପାରି ଆଲୁସିଂଗ୍ରାମ ମୁଖ୍ୟରାସ୍ତାରେ ବିପଦଜନକ ଅବସ୍ଥାରେ ଥିବା ଖୋଲାକୂଅ ଚାନ୍ଦିନୀରେ ବାଇକସହ ପିଟି ହୋଇ ଗୁରତର ଆହତ ହୋଇଥିଲେ। ତେବେ ଆମ୍ବୁଲାନ୍ସ ସେବା ପାଇନପାରି ମାନସଙ୍କୁ ଗ୍ରାମବାସୀ ହିନ୍ଦୋଳ ଡାକ୍ତରଖାନା ଆଣିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନଥିବାରୁ ପୋଲିସ ପହଂଚି ନଥିଲା ଏବଂ କୌଣସି ପ୍ରଶାସନିକ ଅଧିକାରୀ ମଧ ପହଂଚି ନଥିଲେ। ତେବେ ଅଭିଯୋଗ ହେଲାପରେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବବୋଲି ଜଣା ପଡିଛି। ତେବେ ମାନସ ଜିଲ୍ଲା ବାହାରେ ହୋଟେଲରେ କାର୍ଯ୍ୟ କରୁଥିବାବେଳେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଓ ତାଙ୍କ ପତ୍ନୀ ଓ ତିନି ପୁଅ ଅଛନ୍ତି। ମାନସଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଂଚଳବାସି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଜନ୍ମବେଦୀରେ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି କେରଡ଼ାଗଡ଼ରେ ୧୨୮ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ତଥା କଳିଯୁଗର ମହାମନ୍ତ୍ର ନାମକୁ ଭାରତର ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାର କରି କାଳଜୟୀ ହୋଇପାରିଥିବା ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ସମାରୋହ ଶ୍ରୀଶ୍ରୀକଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ସେବାସଂଘ ଓ ଜନ୍ମପୀଠ ଶାଖାରେ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପରେ ସୁସଜ୍ଜିତ କରାଯିବା ସହିତ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୯ଟାରେ ଶ୍ରୀମଦ୍ ବାବାଙ୍କୁ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଥିଲା। ଜନ୍ମମାଟି ଶାଖାର କାର୍ଯ୍ୟକାରୀ



ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ସମ୍ପାଦକ କପିଳଚନ୍ଦ୍ର ଦାସ ପ୍ରମୁଖ ଗୁରୁ ଭାଇମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାଜନଗର ବ୍ଲକ୍ ମହିଁଷାସୁର ବାୟାବାବାଙ୍କ ସେବାଶ୍ରମ ଓ ଗୁଲୁଦିଆ ସେବାଶ୍ରମରେ ଆନନ୍ଦ ଉଲ୍ଲାସରେ ଶ୍ରୀମଦ ବାୟାବାବାଙ୍କ ଜନ୍ମ ମହୋତ୍ସବ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଗତକାଲି ଶ୍ରୀମଦ୍ ବାୟାବାବାଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ରାଜନଗର, ସାନବଡ଼ଗୋପାଳପୁର, ମହିଁଷାସୁର, ଗୁଲୁଦିଆ, ଚଣ୍ଡିଆପଲ୍ଲୀ ଗାଁ ପରିକ୍ରମା କରାଯାଇ ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ମଧ୍ୟସ୍ଥଳୀ ନିକଟରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରିୟ ଭଜନ ଚତୁର୍ଥ ପ୍ରହର ନାମ ସଙ୍କୀର୍ତ୍ତନ ମାଧ୍ୟମରେ ଶ୍ରଦ୍ଧାଳୁମାନେ ଗାୟନ କରିଥିଲେ। ଆଜି ପୂର୍ବାହ୍ନ ୯ଟାରେ ବାବାଙ୍କ ମହାଭିଷେକ, ପୂର୍ବାହ୍ନ ୧୧ଟାରେ ଗୋପାଳ ସହସ୍ରନାମ, ପାରାୟଣ, ଶ୍ରୀ ଶାସ୍ତ୍ର ପାରାୟଣ, ପ୍ରସାଦ ସେବନ, ସନ୍ଧ୍ୟା ୬ଟାରେ ନାମଯଜ୍ଞ ସମାପନ ଓ ନଗର କୀର୍ତ୍ତନ, ସନ୍ଧ୍ୟା ୭ଟାରେ ସତ୍ୟନାରାୟଣ ପୋଥି ପାଲା, ଭଜନ, ଗୁରୁ ବନ୍ଦନା ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘର ସମ୍ପାଦକ ସନାତନ ନାୟିକ, ସର୍ବେଶ୍ୱର ବିଶ୍ୱାଳ,ବ୍ରହ୍ମାନନ୍ଦ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଚିତ୍ତରଞ୍ଜନ ସାହୁ, ମହେଶ୍ୱର ବାରିକ, ସରୋଜ ବିଶ୍ୱାଳ, ଜ୍ୟୋତିବ୍ରତ ନାୟକ, ଅକ୍ଷୟ କୁମାର ନାୟକ, ଅମର କୁମାର ଜେନା, ମହେନ୍ଦ୍ର କୁମାର ନାୟକ, ଦିବ୍ୟରଞ୍ଜନ ସାହୁ, ରଞ୍ଜନ କୁମାର ପ୍ରଧାନ, ଅଲେଖ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୮ରେ ସୋଆରେ ଓଡ଼ିଶା ଏଆଇ ସମ୍ମିଳନୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କୃତ୍ରିମ ବୁଦ୍ଧିମତା ଅର୍ଥାତ ଏଆଇର ଦୃଶ୍ୟପଟ୍ଟ ସହ ତାଳ ଦେଇ ଓ ଓଡ଼ିଶାରେ ଏହାକୁ ଦୃଢ଼ୀଭୂତ କରାଇବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ୟୁନିଭର୍ସିଟି, ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସା) ଏବଂ ଆଇଆଇଟି ଭୁବନେଶ୍ୱରର ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଂଟରର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୧୮ ତାରିଖରେ ଓଡ଼ିଶା ଏଆଇ ସିମ୍ପୋସିୟମ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ୨୦୨୬ରେ ଆୟୋଜିତ ହେବାକୁ ଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟର ଏହା ହେଉଛି ସରକାରୀ ସ୍ତରର ଏକ ପୂର୍ବ ପ୍ରସ୍ତୁତି। କେନ୍ଦ୍ର ସରକାରଙ୍କ ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ଇଣ୍ଡିଆନ୍ ଏଆଇ ମିଶନ୍ ସହ ସୋଆ ମଧ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗୀ ରହିବ। ପୂର୍ବ ଭାରତର ପ୍ରମୁଖ ବୃତିଗତ ଶିକ୍ଷା କେନ୍ଦ୍ର ସୋଆ କ୍ରମାଗତ ଭାବେ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗସ୍‌ରେ ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜକୁ ସ୍ଥାନୀତ କରି ରଖିଛି। ୨୦୨୫ ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍‌ରେ ଦେଶର ୧୫ ତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସୋଆ ସ୍ଥାନୀତ ହୋଇଛି। ନାକ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ୨୦୨୨ ମସିହାରେ ସର୍ବାଧିକ 'ଏ ପ୍ଲସପ୍ଲସ୍' ଗ୍ରେଡ ହାସଲ କରି ପୁନଃ ସ୍ୱୀକୃତି ପାଇଛି। ସେହିପରି କ୍ୟୁଏସ୍ ଏବଂ ଟିଏଚ୍‌ଇ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ବିଶ୍ୱ ସ୍ତରୀୟ ମାନ୍ୟତା ପାଇଛି ସୋଆ।

ଦ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସା) ହେଉଛି ସର୍ବପୁରାତନ ଏବଂ ପ୍ରଭାବ ସମ୍ପନ୍ନ ବିଶ୍ୱସ୍ତରୀୟ ଅନୁଷ୍ଠାନ ଯାହାକି ସାରା ବିଶ୍ୱର ଓଡ଼ିଆମାନଙ୍କର ପ୍ରତିନିଧିତ୍ୱ କରେ। ଏହି ସମ୍ମିଳନୀରେ ଓସାର ସହଭାଗିତା ବିଶ୍ୱ ଦରବାରରେ ଓଡ଼ିଶାର ସ୍ଥାନକୁ ଆହୁରି ସୁଦୃଢ଼ କରିବ। ସେହିପରି ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଂଟର (ଏଏଚ୍‌ଆରସି) ଆଇଆଇଟି ଭୁବନେଶ୍ୱରର ଏକ ଗବେଷଣା କେନ୍ଦ୍ର ଯାହା ମେ ୨୦୨୩ ରେ ପ୍ରତିଷ୍ଠିତ ହୋଇଛି। ଏହି ସିମ୍ପୋସିୟମ୍‌ରେ ବିଶିଷ୍ଟ ନୀତି ନିର୍ଦ୍ଧାରକ, ଶିଳ୍ପ କ୍ଷେତ୍ରର ନେତୃତ୍ୱ, ଉଦ୍‌ଭାବକ, ଉଦ୍ୟୋଗୀ ଓ ନିବେଶକ ଗୋଟିଏ ପ୍ଲାଟଫର୍ମରେ ଏକାଠି ହେବେ। ଜାତୀୟ ଏବଂ ଆଂର୍ଜାତିକ ସ୍ତରର ଏଆଇ ବିଶେଷଜ୍ଞ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେବେ।

ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ, ଷ୍ଟାର୍ଟ-ଅପ୍, ଇନୋଭେଟର୍ସ, କର୍ପୋରେଟ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ବିଶ୍ୱ ଦରବାରରେ କୃତ୍ରିମ ବୁଦ୍ଧିମତାର ଉତ୍କର୍ଷ କେନ୍ଦ୍ର ଭାବେ ଓଡ଼ିଶାକୁ ସ୍ଥାନୀତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ସମ୍ମିଳନୀରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ https://odishaaisummit.explarax.com/event/symposium. ଆଇଡି ମାଧ୍ୟମରେ ଯୋଗାଯୋଗ କରିବାକୁ ଅନୁରୋଧ।

## ବିଦ୍ୟାର୍ଥୀଙ୍କୁ ମର୍ଯ୍ୟାଦାର ସହ ଯାତ୍ରା କରିବାକୁ ରେଳବାଇର ନିବେଦନ

**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଟ୍ରେନ୍ ଯାତ୍ରା ସମୟରେ ମର୍ଯ୍ୟାଦା, ଆତ୍ମସମ୍ମାନ ଓ ଦାୟିତ୍ୱପୂର୍ଣ୍ଣ ଆଚରଣ ବଜାୟ ରଖିବାକୁ ନିବେଦନ କରିଛି। କଲେଜ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଟିକେଟ ସହିତ ଯାତ୍ରା କରିବାକୁ ପ୍ରେରଣା ଏବଂ ମାର୍ଗଦର୍ଶନ କରନ୍ତୁ, କାରଣ ଏହା ଯଥାର୍ଥତା ଓ ଶୃଙ୍ଖଳାକୁ ପ୍ରତିଫଳିତ କରିବା ସହ ଦେଶ ନିର୍ମାଣରେ ଯୋଗଦାନ ଦେଇଥାଏ। ବୈଧ ଟିକେଟ୍ ବିନା ଯାତ୍ରା କରିବା କେବଳ ରେଳ ଆଇନ ଅନୁଯାୟୀ ଏକ ଅପରାଧ ନୁହେଁ ବରଂ ଏକ ସାମାଜିକ ଅପରାଧ ଯାହା ନାଗରିକ ଦାୟିତ୍ୱକୁ ମଧ୍ୟ କ୍ଷୁଣ୍ଣ କରେ। ସଚେତନତାକୁ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଅଭିଯାନ ଚଳାଉଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ପୁରୀର ମହିଳା ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଠାରେ ବିନା ଟିକେଟ୍ ଯାତ୍ରା, ପ୍ରକୃତ ମାସିକ ସିଜନ୍ ଟିକେଟ୍ (ଏମଏସଟି) ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ରିହାତି ଯାତ୍ରା ଲାଭ ଉପରେ ଆଲୋଚନା କରାଯାଇଥିଲା। ଏହି ଅଧିବେଶନରେ ବାଣିଜ୍ୟିକ ଅଧିକାରୀଙ୍କ ସହ ଅନ୍ୟ ରେଳବାଇ ଅଧିକାରୀ, ପୁରୀର ଷ୍ଟେସନ ନିର୍ଦ୍ଦେଶକ; ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ଏବଂ ଟିକେଟ୍ ଯାଞ୍ଚ କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅଧିକାରୀମାନେ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସସିଏସ) କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଭେଟିଥିଲେ। ପ୍ରଧାନଶିକ୍ଷକ ଆଶ୍ୱାସନା ଦେଇ କହିଥିଲେ ଯେ ବୈଧ ଟିକେଟ୍ କିଣିବାର ଗୁରୁତ୍ୱ ବିଷୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯିବ। ନିର୍ଦ୍ଦିଷ୍ଟ ଭାବରେ, କଲେଜ ଅଧ୍ୟକ୍ଷ ଏକ ଆନୁଷ୍ଠାନିକ ପରାମର୍ଶ ଜାରି କରିଛନ୍ତି ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଯୋଗ ଟ୍ରେନରେ ଯାତ୍ରା କରିବା ପୂର୍ବରୁ ଉପଯୁକ୍ତ ଟିକେଟ୍ ନେବାକୁ ଅନୁରୋଧ କରାଯାଇଛି। ଟିକେଟ୍ ଯାଞ୍ଚ କର୍ମଚାରୀଙ୍କୁ ବିନା ଟିକେଟ୍ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସମୟରେ ସଚେତନତା ପାଇଁ ଏହି ନୋଟିସ୍‌ର ଏକ କପି ରଖିବାକୁ ମଧ୍ୟ ଉପଦେଶ ଦିଆଯାଇଛି।

## କିଟ୍‌କୁ ମର୍ଯ୍ୟାଦାଜନକ ସିଆଇଆଇ ପୁରସ୍କାର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ବର୍ଷର ଶ୍ରେଷ୍ଠ ସ୍ପୋର୍ଟ୍ସ ଷ୍ଟାଡିୟମ୍/ଏରେନା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ତୃତୀୟ ସିଆଇଆଇ ସ୍ପୋର୍ଟ୍ସ ବିଜନେସ୍ ଆୱାର୍ଡସ୍ ୨୦୨୫ରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶରେ କିଟ୍‌ର ଉଲ୍ଲେଖନୀୟ ଅବଦାନ ଏବଂ ଭାରତରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଦିଗରେ କିଟ୍‌ର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରେ।

୧୦ମ ସିଆଇଆଇ ସ୍କୋରକାର୍ଡ ୨୦୨୫ ସମାପ୍ତ ହୋଇଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କିଟ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସରକାରୀ ପଦାଧିକାରୀ, କର୍ପୋରେଟ୍ ନେତା ଏବଂ ଦେଶବ୍ୟାପୀ କ୍ରୀଡ଼ା ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

କିଟ୍‌ର ଅନୁକରଣୀୟ କାର୍ଯ୍ୟ ଏବଂ ଭାରତୀୟ କ୍ରୀଡ଼ା ଇକୋସିଷ୍ଟମ ଉପରେ ପରିବର୍ତ୍ତନକାରୀ ପ୍ରଭାବକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହା ସହ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଖେଳାଳିମାନଙ୍କ ପାଇଁ ମାନଦଣ୍ଡ ସୁବିଧା ସୃଷ୍ଟି କରିବାରେ ପ୍ରତିଷ୍ଠାନର ନିରନ୍ତର ପ୍ରୟାସ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



କ୍ରୀଡ଼ା କ୍ଷେତ୍ରରେ ନିରନ୍ତର ଉତ୍କର୍ଷତା ପାଇଁ କିଟ୍ ବହୁ ପ୍ରତିଷ୍ଠିତ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଓ ସ୍ୱୀକୃତି ହାସଲ କରିଛି। ବିଶ୍ୱବିଦ୍ୟାଳୟକୁ ୨୦୨୨ ଓ ୨୦୨୫ ଉଭୟରେ ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାରରେ 'କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ' ଭାବରେ ବିବେଚିତ କରାଯାଇଥିଲା। ସେହିପରି କ୍ରୀଡ଼ା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍‌କୁ ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଥିଲା। ଏହା ବ୍ୟତୀତ କିଟ୍‌କୁ ସିଆଇଆଇ କ୍ରୀଡ଼ା ବିଜନେସ୍ ଆୱାର୍ଡ ୨୦୨୩ରେ 'ଶ୍ରେଷ୍ଠ କ୍ରୀଡା ସୁବିଧା' ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୨୨ରେ କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଶ୍ୱ ମାନବିକ ଅଧିକାର ଦିବସ




**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ, ଭଦ୍ରକଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ବାହାରି ସଚେତନତା ନିମିତ୍ତ ଛାତ୍ରଛାତ୍ରୀ ମାନେ ସୂଚନା ଫଳକଧରି ସ୍ଲୋଗାନ ଦେଇ ଆଗେଇ ନେଇଥିଲେ। ତତ୍‌ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ପୁଣ୍ୟଶ୍ଳୋକ ରଥ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ତଥା ସଚେତନଶୀଳ ନାଗରିକ ହେବା ପାଇଁ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକାରୀ, ସମ୍ବିତ ମାଝି ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ବୟସରେ ସମୟର ସତ୍ ଉପଯୋଗ କରିବା ପାଇଁ ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଟୁନଟୁନ ସାହା, ଯୋଗଦେଇଥିଲେ। ଶିକ୍ଷୟିତ୍ରି କାଦମ୍ବିନୀ କର ଶର୍ମା ଏହି କାର୍ଯ୍ୟକ୍ରମଟିର, ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଲ.ଏ.ଡିସ. ଏସ. ସହାୟକ ତଥା ନ୍ୟାୟ ରକ୍ଷକ ବହ୍ନିଶିଖା ବିଶ୍ୱାଳ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଜିର ଏହି ବିଶ୍ୱ ମାନବିକ ଅଧିକାର ଦିବସ ସଂପର୍କରେ ସମ୍ୟକ ଆଲୋଚନା କରି ପିଲାମାନଙ୍କୁ କହିଥିଲେ ଯେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ନିଜକୁ ଭଲ ରୂପେ ଗଢ଼ି ତୋଳିବା ଆବଶ୍ୟକ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ ରୂପେ ଆଗେଇ ନେଇଥିଲେ।

## ମାନବିକ ଅଧିକାର ଦିବସ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପକ୍ଷରୁ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବିରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମାନବିକ ଅଧିକାର ଦିବସ ପାଳନ ସହିତ ଆଇନ ସଚେତନତା ସଭା ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଓ ଅତିଥି ଆଲୋଚକ ଭାବେ ଯଥାକ୍ରମେ ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଜେଏମ୍ଏଫ୍ ସି ବିଶାଖା ଦାଶ, ସରକାରୀ କିଲ୍ଲୁପାଳ ବାସୁଦେବ ନାୟକ, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କର୍ମୀ ଡ଼ ବୃନ୍ଦାବନ ଭୂୟାଁ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାୟ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ଚଳିତ ୨୦୨୫ ମସିହାର ଅନୁଚ୍ଛିତ ପ୍ରତିଦିନ ମାନବିକ ଅଧିକାର ଅପରିହାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାୟ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ଚଳିତ ୨୦୨୫ ମସିହା କୋର୍ଟ ନିୟମ ଓ ଏଡିଆର ନିୟମ ୨୦୦୭ ସମ୍ପର୍କରେ ଆଲୋଚନା କରିବା ସହିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭିଡିକ୍ ଅନୁଚ୍ଛେଦ ସମ୍ପୃକ୍ତ ମାଧ୍ୟମରେ ଉଲ୍ଲେଖନୀୟ ରାୟ ଓ ଆମମାନଙ୍କ ଅବଗତ କରାଇଥିଲେ। ଅନ୍ୟମାନେ ଏଥିରେ, କୃତ୍ରିମ ବୁଦ୍ଧିମତା ଉପଯୋଗ ଓ ତାହା ଅପପ୍ରୟୋଗ ଉପରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଜନ୍ମିତ ଦାନିଥିବା କାଗଜପତ୍ର କିପରି ବିଭିନ୍ନ ଆଞ୍ଚଳିକ ଭାଷାରେ ଜନ୍ମିତ ହୋଇଛି ତାହା ଅବଗତ କରାଇଥିଲେ। ମାନବିକ ଅଧିକାର ସୁରକ୍ଷା ସହ ନାଗରିକ ପରିଚୟ ବିଷୟରେ ବର୍ଣ୍ଣନା କରିଥିଲେ। ଅଧ୍ୟକ୍ଷ ଗୌରୀ ସୁନ୍ଦର ଦାସ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅଧ୍ୟାପକ ଦେ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀ ରେ ମାଦକ ଦ୍ରବ୍ୟ ସେବନ ଓ ତା'ର କୁପରିଣତି ଶିର୍ଷକ ବକ୍ତୃତା ପ୍ରତିଯୋଗିତା ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଲିଖାରାଣୀ ଦାସ, ନିଶାରାଣୀ ବିଶ୍ୱାଳ ଓ ମନୋସ୍ମିତା ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟର ଅଧ୍ୟାପିକାମାନେ ସହଯୋଗ କରିଥିଲେ।

## କୃଷି ଯନ୍ତ୍ରପାତି ମେଳା

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ହିନ୍ଦୋଳ ମିନିଷ୍ଟାଡିୟମ ପରିସରରେ ଉଦଘାଟିତ ହୋଇଯାଇଛି। ଏହି କୃଷି ମେଳା ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା କୃଷି ଅଧିକାରୀଙ୍କ ସୂଚନା। ଏହି ଉଦଘାଟନ ଉତ୍ସବରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ହିନ୍ଦୋଳ ତହସିଲଦାର ଦିଲ୍ଲିପ କୁମାର ସେଠୀ, ଢେଙ୍କାନାଳ ଜିଲ୍ଲା କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ, ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲ୍ଲାକୃଷି ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜନ



ହେଉଥିବାବେଳେ କୃଷି ଅଧିକାରୀ ଜ୍ଞାନେନ୍ଦ୍ର ଦଳେଇ ସାମ୍ପ୍ରତିକ ସ୍ଥିତିରେ କୃଷିର ଉନ୍ନତି ପାଇଁ ଉନ୍ନତମାନର ଯନ୍ତ୍ରପାତି ବ୍ୟବହାର କରିଲେ କୃଷିର ଉନ୍ନତିରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ମହିସାପାଟ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରୋଜାଲିନ ମହନ୍ତ କୃଷକ କିଭଳି ଭାବରେ ଶସକ୍ତ ହୋଇପାରିବ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ମେଳାରେ ବ୍ଲକ କୃଷି ଅଧିକାରୀ ତୁଷାର କାନ୍ତ ସାହୁ, ଆତ୍ମା ଅଧକ୍ଷ ପ୍ରଦୀପ କୁମାର ସାହୁ, ଅତିରିକ୍ତ କୃଷି ଅଧିକାରୀ ରାମେଶ୍ୱର ଜେନା, ଟିକେଶ୍ୱର ଭୋଇ, ସଦର ବ୍ଲକ କୃଷି ଅଧିକାରୀ ଗାୟତ୍ରୀ ସାହୁ, ସୂର୍ଯ୍ୟମଣୀ ପ୍ରଧାନ, ସମୀର ପଟନାୟକ, ଦେବରାଜ ଖୁଣ୍ଟିଆ, କୃଷି ଓଭରସିଅର ଜୟନ୍ତି ଦାସ, ପ୍ରଶାନ୍ତ ବେହେରା, ପ୍ରମିଳା ବେହେରା ପ୍ରମୁଖ ସହାୟତା କରିଥିଲେ। ଚାଷୀମାନଙ୍କ ପାଇଁ ବିଭିନ୍ନ ଯନ୍ତ୍ରପାତୀ ପ୍ରଦର୍ଶନୀ ପାଇଁ ସରକାରୀ ଭାବେ ୧୪ଟି ବେସରକାରୀ ଭାବେ ୨୪ଟି କୃଷିଯନ୍ତ୍ରପାତିର ଷ୍ଟଲ ନିର୍ମାଣ କରାଯାଇଛି।

## ଶ୍ରୀମଦ୍ ଭଗବତ ଗୀତା ଓ ଭାଗବତ ପଠନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଜଗତପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ନିକଟସ୍ଥ ବଡ଼ଭୀମରାଜପୁର ଗ୍ରାମର ଶ୍ରୀ ରାଧାମୋହନଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଦାସ ପ୍ରକାଶ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏକ ଦିବସୀୟ ଶ୍ରୀମଦ୍ ଭଗବତ୍ ଗୀତା ଓ ଭାଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁନି ଝିଅ ଦିବ୍ୟାଂଶୀ ଗୀତା ପଠନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା' ଲତିକା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀମଦ୍ ଭଗବତ ଗୀତାର ସାରମର୍ମ ବୁଝାଇଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ସ୍ୱାଇଁ, ଜୟପ୍ରକାଶ ସ୍ୱାଇଁ, ଗୌତମ ସ୍ୱାଇଁ, ବିବେକ ସ୍ୱାଇଁ, ବାସୁଦେବ ବାରିକ, ପ୍ରଭାତ ସ୍ୱାଇଁ, ପ୍ରଦ୍ୟୁମ୍ନ ସ୍ୱାଇଁ, ନଗେନ୍ଦ୍ର ସ୍ୱାଇଁ, କ୍ଷେତ୍ରମୋହନ ପରିଜା ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିରର ପୂଜକ ମୁନିଆ ନନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକମ୍ପିତ ରାଜଧାନୀର ରାଜରାସ୍ତା: ହକ୍ ମାଗିଲେ ଶିକ୍ଷକ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଆଜି ୨୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ବିଦ୍ୟାଳୟ ଛାଡ଼ି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଏକ ବିରାଟ ପଟୁଆରରେ ବିଧାନସଭା ଅଭିମୁଖେ ଅଗ୍ରସର ହୋଇ ଲୋୟର ପି.ଏମ୍.ଜି. ର ଗାନ୍ଧିମାର୍ଗରେ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ରାଜ୍ୟ ସରକାର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ଦେଇନାହାଁନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କ୍ଷୋଭର ସହିତ କହିଛନ୍ତି।

ପ୍ରକାଶଥାଉକି, ଗତ ଆନ୍ଦୋଳନ ସମୟରୁ ଅନେକ ଥର ଶିକ୍ଷକ ନେତୃତ୍ୱ ଓ ସରକାରଙ୍କ ମଧ୍ୟରେ ସମସ୍ୟା ସମାଧାନ ନିମନ୍ତେ ଆଲୋଚନା ହୋଇଛି। ମାତ୍ର ସରକାର ବାରମ୍ୱାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନହୋଇ ଶୀତଳଭଣ୍ଡାରରେ ପଡ଼ିରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅଦ୍ୟାବଧି ସରକାର ସମସ୍ୟା ସମାଧାନ କରିବା ପାଇଁ ତିନୋଟି କମିଟି ଯଥା- ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରିସାରିଛନ୍ତି। ତିନି ତିନୋଟି କମିଟି ଥାଇ ମଧ୍ୟ ସରକାର ସମସ୍ୟା ସମାଧାନକୁ ବିଳମ୍ବ କରିବା ଲକ୍ଷ୍ୟରେ ପୁଣି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଛଅ ମାସ ଭିତରେ ସମସ୍ୟା ସମାଧାନ କରିବେ ବୋଲି ବିଧାନସଭାରେ ଘୋଷଣା କରିଛନ୍ତି। ଏହି କମିଟି ଛଅମାସ କାକରରେ ଦିନରାତି ରାଜରାସ୍ତାରେ ପଡ଼ି ରହିବେ। ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବୀମଧ୍ୟରେ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର




ପରିବର୍ତ୍ତେ ଯଥାଶୀଘ୍ର ସମସ୍ତ ବର୍ଗର ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି।

ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେବାରୁ ଶୀତ କାକରକୁ ଖାତିର ନକରି ନିଜର ହକ୍ ହାସଲ ପାଇଁ ସମଗ୍ର ଓଡ଼ିଶାରୁ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ସେମାନଙ୍କର ଦାବି ହାସଲ ନହେବା ଯାଏଁ ସେମାନେ ଏମିତି ଶୀତ ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେରେ ଥିବା ଅସଙ୍ଗତି ଦୂରୀକରଣ ଏବଂ ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ପ୍ରଚଳିତ ସମାନ ସୁବିଧା ସୁଯୋଗ ଯଥା- ଶିକ୍ଷାଉପକରଣ, ପୋଷାକ ଓ ସାଇକେଲ ଯୋଗାଇ ଦେବା ଇତ୍ୟାଦି ରହିଛି।

ଆନ୍ଦୋଳନ ସ୍ଥଳକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ଡ. ଦେବାଶିଷ ଭୂୟାଁ, ସି.ପି.ଆଇ.ର ରାଜ୍ୟ ସମ୍ପାଦକ ସଭ୍ୟ କମ୍ରେଡ଼ ରମଣୀ ରଞ୍ଜନ ରାଉତରାୟ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରାକ୍ତନ ସଂଗଠନ ସଂପାଦକ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ଏଆଇଡିଏସ୍‌ଓର କାର୍ଯ୍ୟାଳୟ ସମ୍ପାଦକ ନସିମ୍ ସରକାର, ସିଆଇଟିୟୁର ରାଜ୍ୟ ସମ୍ପାଦକ ସଦସ୍ୟ ପ୍ରଦୀପ୍ତ ନାୟକ, ଓଡ଼ିଶା ଅଭିଭାବକ ସଂଘର ସଭାପତି ବାସୁଦେବ ଭଟ୍ଟ, ଓଷ୍ଟାର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ନିଖିଳ ଉତ୍କଳ ଛାତ୍ର ସଂଗଠନ (ଏଆଇଏସ୍‌ଏଫ୍)ର ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ପପୁ ରାଉତ ଉଦ୍‌ବୋଧନ ଦେବା ସହିତ ତାଙ୍କର ଦଳ ଓ ସଂଗଠନର ସମର୍ଥନ ଏହି ଆନ୍ଦୋଳନ ପ୍ରତି ରହିଛି ବୋଲି ମତବ୍ୟକ୍ତ କରିଥିଲେ।

ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ଖୁବ୍ ଶୀଘ୍ର ବାହାର କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥି, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲାରେ ଅତିରିକ୍ତ ୪୭୩ ମତଦାନ କେନ୍ଦ୍ର


**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସାବ୍ୟସ୍ତ କେନ୍ଦ୍ର ତଥା ଭୋଟ ଦାନ କେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥା କରଣ କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଜୁ ଜନତା ଦଳ, ଜିଲ୍ଲା ଉପସଭାପତି ଉମାକାନ୍ତ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସ ଜିଲ୍ଲା ଉପସଭାପତି ସୌମ୍ୟ ପଟ୍ଟନାୟକ, ସିପିଆଇ (ଏମ)ର କର୍ମକର୍ତ୍ତା ଅନନ୍ତ ମଙ୍ଗରାଜ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାସ, ଆମ ଆଦମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ବିଜେଡିର ସୂର୍ଯ୍ୟକାନ୍ତ ବେହେରା, ଡେପୁଟି କଲେକ୍ଟର ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟାଳୟ ବରିଷ୍ଠ ସହାୟିକା ସାଗରିକା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଅଧ୍ୟକ୍ଷତା କରି କହିଲେ ଯେ ନୂତନ ଭାବେ କରାଯାଇଥିବା ଭୋଟ କେନ୍ଦ୍ର ଓ ସ୍ଥାନାନ୍ତର ହୋଇଥିବା ଭୋଟ କେନ୍ଦ୍ରଗୁଡ଼ିକ ଲୋକମାନେ ଜାଣିବା ପାଇଁ ସମସ୍ତ ରାଜନୈତିକ ଦଳ ସେମାନେ ତାଙ୍କର ପ୍ରତିନିଧି ପଠାଇ ବୁଥସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ପୂର୍ବ ସାଧାରଣ ନିର୍ବାଚନ ସମୟରେ ୧୯୬୧ ମତଦାନ କେନ୍ଦ୍ର ଥିବାବେଳେ ଭାରତର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସମ୍ପ୍ରସାରଣ ହୋଇ ୨୦୨୫ ମସିହାରେ ୨୪୩୪ ମତଦାନ କେନ୍ଦ୍ର ସ୍ଥିରିକରଣ କରାଯାଇଛି। ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବ ମତଦାନ କେନ୍ଦ୍ର ୨୩୬ ଥିବାବେଳେ ନୂତନ ଭାବେ ୧୫ଟି ମତଦାନ କେନ୍ଦ୍ର କରାଯାଇ ମୋଟ ୨୫୧ ମତଦାନ କେନ୍ଦ୍ର ହୋଇଛି। ସେହିପରି ଭୁବନେଶ୍ୱର ମଧ୍ୟ ପୂର୍ବରୁ ୨୦୨ ଥିବାବେଳେ ନୂତନ ଭାବେ ୧୭ ଗୋଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୨୧୯, ଭୁବନେଶ୍ୱର ଉତ୍ତର ୨୬୯ ଥିବାବେଳେ ୩ ଗୋଟି ସ୍ଥାନାନ୍ତର ଓ ୮୭ ଗୋଟି ନୂତନ ମତଦାନ କେନ୍ଦ୍ରକୁ ନେଇ ମୋଟ ୩୫୬ ଗୋଟି, ଏକାମ୍ର ଭୁବନେଶ୍ୱର ପୂର୍ବରୁ ୨୪୮ ଥିବା ବେଳେ ୨୮ ବୃଦ୍ଧି ହୋଇ ୨୭୬ ଗୋଟି, ଜଟଣୀ ପୂର୍ବରୁ ୨୬୨ ଥିବାବେଳେ ୮୪ ଗୋଟି ବୃଦ୍ଧି କରାଯାଇ ୨୪୬ ଗୋଟି, ବେଗୁନିଆ ପୂର୍ବରୁ ୨୩୯ ଥିବାବେଳେ ୪ ଗୋଟି ସ୍ଥାନାନ୍ତର କେନ୍ଦ୍ରକୁ ଓ ୬୭ ବୃଦ୍ଧି କେନ୍ଦ୍ରକୁ ନେଇ ମୋଟ ୩୦୭ ମତଦାନ କେନ୍ଦ୍ର, ଖୋର୍ଦ୍ଧା ପୂର୍ବରୁ ୨୪୮ କେନ୍ଦ୍ର ଥିବାବେଳେ ୧୧ ଗୋଟି ସ୍ଥାନାନ୍ତର ଓ ୯୧ ଗୋଟି ନୂତନ କେନ୍ଦ୍ରକୁ ନେଇ ମୋଟ ୩୪୮ ଏବଂ ଚିଲିକା ପୂର୍ବରୁ ୨୪୮ ଥିବାବେଳେ ୧ ଗୋଟି ସ୍ଥାନାନ୍ତର ଓ ୮୪ ଗୋଟି ନୂତନ କେନ୍ଦ୍ରକୁ ନେଇ ମୋଟ ୩୩୨ ଗୋଟି ମତଦାନ କେନ୍ଦ୍ର କରାଯାଇଛି। ବିସ୍ତୃତ ଭାବେ ସୂଚନା ମୁତାବକ ପୂର୍ବରୁ ଜିଲ୍ଲାରେ ୧୯୬୧ ଗୋଟି ବୁଥ ଥିବାବେଳେ ସ୍ଥାନାନ୍ତର ମତଦାନ କେନ୍ଦ୍ର ୧୯ ଓ ନୂତନ ମତଦାନ କେନ୍ଦ୍ର ୪୭୩ ଗୋଟିଏ ନେଇ ମୋଟ ୨୦୨୫ ମସିହାରେ ଜିଲ୍ଲାରେ ୨୪୩୪ ଗୋଟି ମତଦାନ କେନ୍ଦ୍ର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସ୍ଥିରୀକୃତ ହୋଇଛି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 11th December, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ହେଲ୍ଥ ଟନିକ୍



### ଭବିଷ୍ୟତର ଯୋଜନା

ସେଦିନ କ୍ଲାସରେ ପଶିବା ମାତ୍ରେ ସାର୍ ପିଲାମାନଙ୍କୁ ପଚାରିଲେ- ତୁମେମାନେ ବଡ଼ ହେଲେ କ'ଣ ହେବାକୁ ଚାହଁ?

ଏହି କ୍ରମରେ ସାର୍ ପପୁ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ସେ ଠିଆ ହୋଇ କହିଲା- ସାର୍, ବଡ଼ ହୋଇ ମୁଁ ଏମ୍‌ବିଏ କରିବା ହେବା ପରେ ଅନେକଗୁଡ଼ିଏ ବିଜିନେସ ଆରମ୍ଭ କରିବି। ଫଳରେ ମୋର ପ୍ରଚୁର ଆୟ ହେବ। ସେଥିରେ ମୁଁ ଅନେକଗୁଡ଼ିଏ ଦାମୀ ବିଦେଶୀ କାର୍ କିଣିବି। ମୋ ଘରେ କାମ କରିବା ପାଇଁ ଅନେକ ଲୋକଙ୍କୁ ନିଯୁକ୍ତି ଦେବି। ଫଳରେ ମୋ ଘରେ ମାଳମାଳ ଚାକର ପୂଜାରୀ ଥିବେ। ସବୁ ବଡ଼ବଡ଼ ବ୍ୟାଙ୍କରେ ମୋର ଆକାଉଣ୍ଟ ଥିବ।

ଏବେ ସାର୍ ଦଖଲ ଦେଇ କହିଲେ- ଆରେ ବାବୁ, ଏତେସବୁ କହିବା ଦରକାର ନାହିଁ। ତୋ କଥା ତୁ ରଖ। ଗୋଟିଏ ବାକ୍ୟରେ କହିବା କଥା ଏତେସବୁ କ'ଣ ଗପୁଛୁ? ସାର ପପୁକୁ ବସିବା ପାଇଁ କହି ଏବେ ସିପ୍ରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ସେ ଠିଆ ହେଲା।

ସାର୍ ଏବେ ତାକୁ ପଚାରିଲେ- ବଡ଼ ହୋଇ ତୁ କ'ଣ ହେବାକୁ ଚାହୁଁ।

ସିପ୍ରା ଗୋଟିଏ ବାକ୍ୟରେ କହିଲା- ସାର୍, ମୁଁ ବଡ଼ ହୋଇ ପପୁର ସ୍ତ୍ରୀ ହେବାକୁ ମୁଁ ଚାହେଁ।

## ମହିଳା ଡିଏସପିଙ୍କ ବିରୋଧରେ ପ୍ରେମ, ଧୋକା ଓ ବ୍ଲାକମେଲିଂ ଅଭିଯୋଗ

**ରାୟପୁର,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡର ମହିଳା ପୋଲିସ ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ 'ପ୍ରେମ ଓ ଅର୍ଥ' ବିବାଦ ସଂପ୍ରତି ଚର୍ଚ୍ଚାର ବିଷୟ ପାଲଟିଛି। ଉଦ୍ୟୋଗପତିଙ୍କୁ ପ୍ରେମ ଜାଲରେ ଫସାଇ କୋଟି କୋଟି ଟଙ୍କା ନେଇଥିବାର ସଙ୍ଗୀନ ଅଭିଯୋଗ ଡିଏସପିଙ୍କ ନାଁରେ ଆସିଛି। ଡିଏସପି-ବିଜନେସମ୍ୟାନ ଲଭ ଷ୍ଟୋରୀ ପୂରା ଛତିଶଗଡରେ ରୋଚକ ଖବର ପାଲଟିଛି। ମାମଲା ଏବେ ଥାନାରେ ପହଞ୍ଚିଛି ରାୟପୁରର ଉଦ୍ୟୋଗପତି ଦୀପକ ଟଣ୍ଡନ ଡିଏସପି କଳ୍ପନା ବର୍ମାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରେମ ଜାଲରେ ଫସାଇ କୋଟି କୋଟି ଟଙ୍କା, ନଗଦ, ସଂପତ୍ତି ପାଇଁ ପତ୍ନୀଙ୍କୁ ଛାଡପତ୍ର ଦେବାକୁ ଚାପ ପକାଉଥିଲେ। ଉଦ୍ୟୋଗପତି ଓ ତାଙ୍କ ପତ୍ନୀ ଏବେ ଡିଏସପି କଳ୍ପନାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ପୋଲିସ ଏ ପର୍ଯ୍ୟନ୍ତ ଏଫଆଇଆର ରୁଜୁ କରି ନ ଥିବା ଦମ୍ପତି କହିଛନ୍ତି। ଅନ୍ୟପଟେ ଡିଏସପି ନିଜ ଉପରେ ହୋଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଡିଏସପି କଳ୍ପନା ସଂପ୍ରତି ଛତିଶଗଡର ଦାନ୍ତେୱାଡାରେ ମୁତୟନ। ରାଜ୍ୟର ଜଣେ ସଙ୍କୋଟ ଏବଂ ଫାୟରବ୍ରାଣ୍ଡ ମହିଳା ପୋଲିସ ଅଧିକାରୀ ଭାବେ ସେ ପରିଚିତ। ଅନେକ ମିଡିଆରେ ଦେଇଥିବା ସାକ୍ଷାତକାରରେ ଦୀପକ ଟଣ୍ଡନ କହିଛନ୍ତି, ଡିଏସପି କଳ୍ପନାଙ୍କ ସହ ତାଙ୍କର ସାକ୍ଷାତ ୨୦୨୧ରେ ଜଣେ ସାଙ୍ଗଙ୍କ ଜରିଆରେ ହୋଇଥିଲା। ଏହା ପରେ ଦୁହେଁ ପରସ୍ପର ନିକଟତର ହୋଇ ଚାଲିଲେ। କଥା ଏ ପର୍ଯ୍ୟନ୍ତ ବଢିଗଲା ଯେ, ଦୁହିଁଙ୍କ ମଧ୍ୟରେ ମହଙ୍ଗା ଉପହାର ପର୍ଯ୍ୟନ୍ତ ଆଦାନ-ପ୍ରଦାନ ହେବାରେ ଲାଗିଲା।



ଦୀପକ ଟଣ୍ଡନ ନିଜ ଅଭିଯୋଗରେ କହିଛନ୍ତି ଡିଏସପି ତାଙ୍କଠୁ ଗତ କିଛି ବର୍ଷରେ ୨ କୋଟିରୁ ଅଧିକ ଟଙ୍କା ନେଇଛନ୍ତି। ମହଙ୍ଗା ଗାଡି, ଗହଣା ଓ ଉପହାର ବି ନେଇଛନ୍ତି। ଏପରିକି ଗୋଟିଏ ହୋଟେଲ୍ ନିଜ ଭାଇ ନାଁରେ ବି କରାଇ ନେଇଛି। ଦୀପକଙ୍କ ଅଭିଯୋଗ ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ପ୍ରାୟ ଚାରି ବର୍ଷରୁ ପ୍ରେମ ସଂପର୍କ ଥିଲା। ଟଣ୍ଡନ କହିଛନ୍ତି ଦୁହେଁ ଘଣ୍ଟା ଘଣ୍ଟା ଧରି କଥା ହେଉଥିଲୁ। ସେ କିଛି ଚାଟ୍ସ ବି ସାର୍ବଜନୀନ କରିଛନ୍ତି। ପତ୍ନୀଙ୍କୁ ଛାଡପତ୍ର ଦେଇ ତାଙ୍କ ସହ ରହିବା ପାଇଁ ଡିଏସପି କଳ୍ପନା ଚାପ ପକାଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଦୀପକ ଟଣ୍ଡନ ଏହା ମଧ୍ୟ କହିଛନ୍ତି, କଳ୍ପନା ୨ କୋଟି ଟଙ୍କା ନେବା ସହ ଏକ ଲକ୍ଷ ଟଙ୍କାର ବ୍ରେସଲେଟ, ୫ ଲକ୍ଷ ଟଙ୍କାର ସୁନାର ଚେନ ଓ ୧୨ ଲକ୍ଷ ଟଙ୍କାର ହୀରାର ମୁଦି ନେଇଛନ୍ତି। ଡିଏସପି ରାୟପୁରର ଭିଆଇପି ରୋଡରେ ଥିବା ହୋଟେଲକୁ ମଧ୍ୟ ନିଜ ଭାଇ ନାଁରେ କରାଇ ନେଇଛି। ପରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଡିଏସପି ହୋଟେଲ୍ ସଂପତ୍ତିକୁ ନିଜ ନାମରେ ଟ୍ରାନ୍ସଫର କରାଇଥିବା ଦୀପକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି।

ଅନ୍ୟପଟେ ଚର୍ଚ୍ଚା ଜୋର ଧରିଛି ଯେ, ଦୀପକ ଟଣ୍ଡନ ବିବାହିତ ହୋଇଥିବା ସତ୍ତ୍ୱେ ଜାଣିଶୁଣି ଡିଏସପି କଳ୍ପନାଙ୍କ ସହ ବନ୍ଧୁତା ବଢାଇଥିଲା ଏବଂ ନିଜ ଇଚ୍ଛାରେ ଉପହାର ଦେଉଥିଲା। ମାତ୍ର ଉଭୟଙ୍କ ସଂପର୍କ ତେବେ ବିଗିଡିଲା ଯେତେବେଳେ ଦୀପକଙ୍କ ପତ୍ନୀ ବରଖା ଉଭୟଙ୍କ ସଂପର୍କ ବିଷୟରେ ଜାଣିଲେ। ବରଖା ଦୀପକ ଓ କଳ୍ପନାଙ୍କ ମଧ୍ୟରେ ମୋବାଇଲରେ ହୋଇଥିବା କଥାବାର୍ତ୍ତା ଓ ଚାଟ୍ ଦେଖି ନେଇଥିଲେ। ଏହା ପରେ ଦୀପକ ଦୂରେଇ ରହି ଡିଏସପି ପ୍ରେମ ଜାଲରେ ଫସାଇ ତାଙ୍କୁ ବ୍ଲାକମେଲିଂ କରୁଥିବା ଅଭିଯୋଗ କରିଥିବା ଚର୍ଚ୍ଚା ହେଉଛି।

ଦୀପକ ଖାମରଡିହ ପୋଲିସରେ ଅଭିଯୋଗ କରିବା ସହ ହ୍ୱାଟ୍ସଆପ୍ ଚାଟ୍, ସିସିଟିଭି ଚ୍ୟାଟ୍, ସିସିଟିଭି ଫୁଟେଜ୍ ଓ ଅନ୍ୟ ପ୍ରମାଣ ଦେଇଛନ୍ତି। ଅନ୍ୟପଟେ ନିଜ ଉପରେ ହୋଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଡିଏସପି କଳ୍ପନା। ତାଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର ରଚା ଯାଇଥିବା ସେ କହିଛନ୍ତି। ତେବେ କିଏ କହୁଛି ସତ ତଦନ୍ତ ପରେ ପ୍ରକୃତ କଥା ଜଣା ପଡିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

## ଜାତୀୟ ଦଳରେ ଚୟନ ନ ହେବାରୁ କୋଚଙ୍କୁ ଆକ୍ରମଣ

**ପୁଡୁଚେରୀ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କ୍ରିକେଟ ଆସୋସିଏସନ ଅଫ ପୁଡୁଚେରୀ(ସିଏପି) ପଡିଆରେ ଭୟଙ୍କର ଘଟଣା। ପଡିଆରେ ପଶି ପୁଡୁଚେରୀର ଜଣେ ଅଣ୍ଡର ୧୯ କ୍ରିକେଟ କୋଚ୍‌ଙ୍କୁ ଭୟଙ୍କର ଢଙ୍ଗରେ ମାଡ ମାରିଛନ୍ତି ୩ ଜଣ ସ୍ଥାନୀୟ କ୍ରିକେଟର। ଜାତୀୟ ଦଳ ଅର୍ଥାତ ପୁଡୁଚେରୀ ଟିମରେ ୩ ଖେଳାଳିଙ୍କ ଚୟନ ନ ହେବାରୁ ସେମାନେ ଅଣ୍ଡର ୧୯ କୋଚଙ୍କ ଉପରେ ରାଗ ଶୁଝାଇଛନ୍ତି।

ଏହି ୩ ଖେଳାଳି ପୁଡୁଚେରୀ ପାଇଁ ହାଇଦ୍ରାବାଦରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିବେ ବୋଲି ଆଶା ରଖିଥିଲେ। କିନ୍ତୁ ଦଳରେ ସେମାନଙ୍କ ଚୟନ ନ ହେବାରୁ ସେମାନେ କୋଚଙ୍କୁ ପିଟି ଲହୁ ଲୁହାଣ କରିଛନ୍ତି। ଘଟଣା ପରେ ପୁଲିସ୍ ଫେରାର ଥିବା ୩ କ୍ରିକେଟରଙ୍କୁ ଖୋଜିବାରେ ଲାଗିଛି। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ସେହିପରି ଆକ୍ରମଣରେ ଗୁରୁତର ହୋଇଥିବା କୋଚ ଜଣଙ୍କ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ପୁଲିସ୍ର କହିବା କଥା ଯେ କ୍ରିକେଟ କୋଚ ଭେଙ୍କଟରମଣ ସୋମବାର ଅପରାହ୍ନ ସମୟରେ ସିଏପି ପଡିଆରେ ନେଟ୍ସ ସେସନ୍‌ର ତଦାରଖ କରୁଥିଲେ। ଏହି ସମୟରେ କାର୍ତ୍ତିକେୟନ, ଅରବିନ୍ଦରାଜ ଓ ସନ୍ତୋଷ କୁମାରନ ନାମକ ୩ ଜଣ କ୍ରିକେଟର ସେଠାରେ ପହଞ୍ଚିଥିଲେ। ପୁଡୁଚେରୀ ଟିମରୁ ସେମାନଙ୍କ ନାଁ କାହିଁକି ବାଦ ପଡିଲା ବୋଲି ସେମାନେ ଭେଙ୍କଟରମଣଙ୍କୁ ଧମକ ଦେଇ ପଚାରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗି ଯାଇ ୩ ଜଣ ଯାକ ବ୍ୟାଟ, ଓ୍ୱିକେଟ ଓ ହାତରେ କୋଚ ଭେଙ୍କଟରମଣଙ୍କୁ ପ୍ରବଳ ପିଟିଥିଲେ। ଭେଙ୍କଟରମଣ ରକ୍ତାକ୍ତ ଅବସ୍ଥାରେ ତଳେ ପଡି ଯିବାରୁ ୩ ଜଣ ଯାକ ସେଠାରୁ ଫେରାର ହୋଇ ଯାଇଥିଲେ। ଆକ୍ରମଣ ଯୋଗୁ କୋଚ ଭେଙ୍କଟରମଣଙ୍କ କାନ୍ଧ ଓ ପଞ୍ଜିର ହାଡ ଭାଙ୍ଗି ଯାଇଛି। କପାଳରେ ଗୋଟିଏ ବିରାଟ କ୍ଷତଚିହ୍ନ ଥିବାରୁ ୨୦ଟି ଷ୍ଟିଚ ପଡିଛି। ଏବେ ବି ତାଙ୍କ ଅବସ୍ଥା ଗୁରୁତର ଥିବାରୁ ହସ୍ପିଟାଲରେ ଚିକିତ୍ସା ଚାଲିଛି। ପୁଲିସ୍ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରୁଥିଲେ ହେଁ ଏଯାଏ ଫେରାର ଥିବା କ୍ରିକେଟରଙ୍କ ପତ୍ତା ମିଳିନାହିଁ।

## ଭକ୍ତଙ୍କ ନେତୃତ୍ୱକୁ ମୋକିମଙ୍କ ଖୋଲା ଚାଲେଞ୍ଜ: ସୋନିଆଙ୍କୁ ଲେଖିଲେ ଚିଠି

**କଟକ,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି କଂଗ୍ରେସର ବାହାରିଲା ପୁରୁଣା ରୋଗ। ପିସିସି ସଭାପତିଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଲେ କଂଗ୍ରେସର ବରିଷ୍ଠ ନେତା ମହମ୍ମଦ ମୋକିମ। ଏ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷାଙ୍କୁ ଚିଠି ଲେଖି ମୋକିମ ଅବଗତ କରାଇଛନ୍ତି। ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱକୁ ନେଇ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇଛନ୍ତି। ୩ଥର ଲୋକସଭା ନିର୍ବାଚନ ହାରିଥିବା ଭକ୍ତଙ୍କୁ ୨୦୨୫ରେ ନେତୃତ୍ୱ ମିଳିଛି। ତାଙ୍କର ବ୍ୟକ୍ତିଗତ ବିଚାରଧାରା ଆମଠାରୁ ପୂରା ଅଲଗା ବୋଲି ମୋକିମ କହିଛନ୍ତି। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ଭକ୍ତ ଦାସ ଗାନ୍ଧୀ ପରିବାରଙ୍କୁ ସମାଲୋଚନା କରିଥିଲେ। ସେ ଓ ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତା ଜନକ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ତାଙ୍କ ନେତୃତ୍ୱରେ ୮୩ହଜାର ଭୋଟରେ ହାରିଛି। ନୂଆପଡ଼ା ତାଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି, ପ୍ରଦର୍ଶନ ନିରାଶଜନକ ହୋଇଛି। ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, କର୍ମୀ ବିଶ୍ୱାସ ନ କରିବା ସ୍ୱାଭାବିକ। ମୋକିମ ଆହୁରି ମଧ କହିଛନ୍ତି ଯେ, ଭକ୍ତ ଦାସ ଓଡ଼ିଶାରେ କଂଗ୍ରେସକୁ ନେତୃତ୍ୱ ଦେବା ଅସମ୍ଭବ ବ୍ୟାପାର। ପୂର୍ବ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଦକ୍ଷତାକୁ ନେଇ ମଧ ମୋକିମ ପ୍ରଶ୍ନ ଉଠାଇଛନ୍ତି। ଶରତଙ୍କ ନେତୃତ୍ୱରେ ୨୦୨୪ରେ କଂଗ୍ରେସ ସର୍ବନିମ୍ନ ୧୩ ପ୍ରତିଶତ ଭୋଟ ପାଇଥିଲା। ନିଜେ ଶରତ ପଟ୍ଟନାୟକ ନିର୍ବାଚନରେ ଅମାନତ ହରାଇଥିଲେ। ଆଜିକା ଦିନରେ କଂଗ୍ରେସକୁ ପୁର୍ନଜୀବିତ କରିବାର ଆବଶ୍ୟକତା ରହିଛି ବୋଲି ମୋକିମ କହିଛନ୍ତି। ଏହା ସହିତ ପାରଦର୍ଶିତା ଓ ଯୋଗ୍ୟତା ଆଧାରରେ ନିଯୁକ୍ତି ସହ ଯୁବନେତୃତ୍ୱ ଦରକାର କହି ସୋନିଆଙ୍କୁ ଚିଠି ଲେଖି ମହମ୍ମଦ ମୋକିମ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୩ ବର୍ଷ ହେଲାଣି ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ ସୁଯୋଗ ଦିଆଯାଉନି। ଏହା କର୍ମୀଙ୍କୁ ନିରୁତ୍ସାହିତ କରୁଛି ବୋଲି ମୋକିମ କହିଛନ୍ତି। ମୋକିମଙ୍କ ମନ୍ତବ୍ୟ ଉପରେ ପିସିସି ସଭାପତି ଭକ୍ତ ଦାସ ଏବଂ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ରସିକିଆ ଅଧ୍ୟକ୍ଷ ଗିରଫ

**ବୋଲଗଡ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ରସିକିଆ ପ୍ରିନ୍ସିପାଲ ପ୍ରଦୀପ୍ତ କୁମାର ଦାଶଙ୍କୁ ବୋଲଗଡ ଥାନା ପୋଲିସ ମଙ୍ଗଳବାର ଭୁବନେଶ୍ୱରସ୍ଥ ନଖରା ଘରେ ଲୁଚିଥିବା ବେଳେ ଚଢାଉ କରି ବୋଲଗଡ ଥାନାରେ ଆଣି ଅଟକ ରଖିଥିଲେ। ତଦନ୍ତରେ ସଠିକ୍ ଭାବେ ଉପନୀତ ହେବା ପରେ ବୁଧବାର ଗିରଫ କରି ଖୋର୍ଦ୍ଧା କୋର୍ଟକୁ ଚାଲାଣ କରାଯାଇଛି। ଅଧ୍ୟାପିକାଙ୍କୁ ଅଶାଳୀନ ମେସେଜ, ଚାଟିଙ୍ଗ ଓ ଅଡିଓ କଲ କରି ପ୍ରେମ ନିବେଦନ କରି ସାରା ରାଜ୍ୟରେ ଭାଇରାଲ ହୋଇଥିଲେ। ଏ ସମ୍ପର୍କରେ ପୀଡିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରି ସମସ୍ତ ଚାଟିଙ୍ଗ ଏବଂ



ଅଡିଓ ଜମା କରିବାପରେ ବୋଲଗଡ ଆଇଆଇସି ସ୍ନିଗ୍ଧାମୟୀ ବରାଳ ତ୍ୱରିତ ପଦକ୍ଷେପ ନେଇ ତଦନ୍ତ ଜୋରଦାର କରିଥିଲେ। ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରାଯାଇଥିବାରୁ ଜନସାଧାରଣ ପୁଲିସକୁ ପ୍ରଶଂସା କରିଛନ୍ତି। ତେବେ ଏ ସମ୍ପର୍କରେ ରସିକିଆ ଅଧ୍ୟକ୍ଷ ଶ୍ରୀ ଦାଶ ଅଭିଯୋଗ ଭିତ୍ତିହୀନ ଏବଂ ଏକ ବିରାଟ ଚକ୍ରାନ୍ତ ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ୭୩ହଜାର ୧୮୧ ବୋତଲ କଫସିରପ ଜବତ: ୧୮୧ ଗିରଫ

**କଟକ,୧୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ କଫସିରପ ଚୋରା ଚାଲାଣ ଓ ବ୍ୟବସାୟ ରୋକିବା ପାଇଁ ଓଡ଼ିଶା ପୋଲିସ କଠୋର ପଦକ୍ଷେପ ଗ୍ରହଣ କରୁଛି। ବିଗତ କିଛିଦିନ ମଧ୍ୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିପୁଳ ପରିମାଣର କଫସିରପ ଜବତ କରିବା ସହିତ ଚୋରା ଚାଲାଣରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମୋଟ ୬୧ଟି ମାମଲା ରୁଜୁ କରାଯିବା ସହ ମୋଟ ୭୩ହଜାର ୧୮୧ ବୋତଲ ନିଶା ଦ୍ରବ୍ୟ ମିଶ୍ରିତ କଫସିରପ ଜବତ କରାଯାଇଛି। ଏହି କାରବାରରେ ୧୮୧ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର ଏସଟିଏଫ ସର୍ବାଧିକ ୨୬ହଜାର ୬୫୮ବୋତଲ କଫସିରପ ଜବତ କରି ଏହି ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୧୩ଟି ମାମଲା ରୁଜୁ କରାଯାଇଥିବାବେଳେ ୧୯ହଜାର ୯୦୮ବୋତଲ କଫସିରପ ଜବତ କରାଯାଇଛି। ବରଗଡ଼ ଜିଲ୍ଲାପୋଲିସ



୧୭ଟି ମାମଲା ଓ ୧୨ହଜାର ୮୫୬ବୋତଲ, ବଲାଙ୍ଗୀର ୧୨ଟି ମାମଲା ଓ ୫ହଜାର୪୬୮ ବୋତଲ, ସୁବର୍ଣ୍ଣପୁର ଜିଲ୍ଲାରେ ୬ଟି ମାମଲା ଓ ୪୫୧ବୋତଲ, ବୌଦ୍ଧ ଜିଲ୍ଲାରେ ୪ଟି ମାମଲା ସହିତ ୧୮୬ ବୋତଲ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୩ଟି ମାମଲା ସହିତ ୫୯୫ବୋତଲ କଫସିରପ ଜବତ କରାଯାଇଛି। ଏହାଛଡ଼ା ସମ୍ବଲପୁର ଜିଲ୍ଲା ପୋଲିସ ୬୬ଜଣଙ୍କୁ ଗିରଫ କରିଥିବାବେଳେ, ବରଗଡ଼ ପୋଲିସ ୬୪, ବଲାଙ୍ଗୀର ପୋଲିସ ୨୩, ସୁବର୍ଣ୍ଣପୁର ପୋଲିସ ୭, ସୁନ୍ଦରଗଡ଼ ପୋଲିସ ୬ ଜଣ ଏବଂ କେଉଁଝର ଜିଲ୍ଲାରେ ୬ ଜଣଙ୍କୁ ଗିରଫ କରାଯାଇଛି, ଯାହା ନିଶା କାରବାର ନେଟୱାର୍କକୁ ଭାଙ୍ଗିବାରେ ପୋଲିସର ତତ୍ପରତାକୁ ଦର୍ଶାଉଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମସ୍ତ ଜିଲ୍ଲା ଏବଂ ସ୍ୱତନ୍ତ୍ର ଟାକ୍ସ ଫୋର୍ସର ଏହି ସଫଳତାକୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏପରି ଅଭିଯାନ ଜାରି ରହିବା ସହ ନିଶା ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

## ହୃଦୟ ହ୍ୟାକ୍ କରନ୍ତି ମୋଦୀ

**ନୂଆଦିଲ୍ଲୀ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସଂସଦର ଶୀତକାଳୀନ ଅଧିବେଶନ ସମୟରେ, ବିଜେପି ସାଂସଦ କଙ୍ଗନା ରଣାଓ୍ୱତ କଂଗ୍ରେସ ଦ୍ୱାରା ଇଭିଏମ୍ ହ୍ୟାକିଂ ଅଭିଯୋଗ ସମ୍ପର୍କରେ ଏକ ବଡ଼



ଅଭିଯୋଗ ଆଣିଛନ୍ତି। କଙ୍ଗନା କହିଛନ୍ତି କଂଗ୍ରେସ ଲୋକମାନେ ବୁଝିପାରୁ ନାହାଁନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଭିଏମ୍ ହ୍ୟାକ କରନ୍ତି ନାହିଁ, ସେ ହୃଦୟ ହ୍ୟାକ କରନ୍ତି। ଲୋକସଭାରେ ଏସ୍ଆଇଆର୍ ଉପରେ ଆଲୋଚନା ହେବା ସମୟରେ କଙ୍ଗନା ଏଭଳି କହିଥିଲେ।

ସେ ଆହୁରି ମଧ କହିଛନ୍ତି ଯେ ବିରୋଧୀ ଦଳ ଗୃହକୁ ସୁରୁଖୁରୁରେ ଚାଲିବାକୁ ନଦେଇ ସମସ୍ତ ପ୍ରକାରର ଚାଲ ଖେଳିଥିଲେ। ସଂସଦର ଶୀତକାଳୀନ ଅଧିବେଶନ ସମୟରେ ବିରୋଧୀ ଦଳ ଏସ୍ଆଇଆର୍, ଭୋଟ ଚୋରି ଏବଂ ବନ୍ଦେ ମାତରମ୍ ପ୍ରସଙ୍ଗକୁ ନେଇ ସରକାରଙ୍କ ବିରୋଧରେ ଏକ ମୋର୍ଚ୍ଚା ଆରମ୍ଭ କରିଛନ୍ତି। ଏହାର ଜବାବରେ ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ ବିଜେପି ଉପରେ ଏକ କଠୋର ବ୍ୟଙ୍ଗ କରିଥିଲେ। ଏହା ପୂର୍ବରୁ, ହିମାଚଳ ପ୍ରଦେଶର ମଣ୍ଡିର ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ ରାହୁଲ ଗାନ୍ଧୀଙ୍କ ଜର୍ମାନୀ ଗସ୍ତ ସମ୍ପର୍କରେ ଏକ ବଡ଼ ବୟାନ ଦେଇଥିଲେ। ସେ କହିଥିଲେ, "ମୁଁ ରାହୁଲଙ୍କ ଗସ୍ତର ହିସାବ ରଖେ ନାହିଁ। କିମ୍ବା ତାଙ୍କ ବିଷୟରେ କୌଣସି ଖବର ପଢେନାହିଁ। ତାଙ୍କ ଖବର ସର୍ବଦା ବେକାର।" ସେ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଚରିତ୍ରରେ କୌଣସି ଶକ୍ତି ନାହିଁ, ତେଣୁ ମୋର କିଛି କହିବାର ନାହିଁ।

## ପ୍ରଥମ ପୃଷ୍ଠାରୁ...

### ବିଷଧର ଜନ୍ତୁ...

ଯେ ଶିକ୍ଷକମାନେ ପୂର୍ବରୁ ପାଠପଢ଼ା, ପରୀକ୍ଷା, ପ୍ରଶାସନିକ କାର୍ଯ୍ୟ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ବୋଝରେ ଭାରାକ୍ରାନ୍ତ ହୋଇପଡିଛନ୍ତି। ଏଭଳି ସମୟରେ ପୁଣି ବିଷଧର ଜନ୍ତୁଙ୍କ ସାମ୍ନା କରିବା ନିର୍ଦ୍ଦେଶ ଆଦୌ ଗ୍ରହଣୀୟ ନୁହେଁ। ଶିକ୍ଷକ ସଂଘ ଏହି ନୂତନ ନିର୍ଦ୍ଦେଶ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ସଂଘ କହିଛି ଯେ ସାପ, ବିଛା କିମ୍ବା କୌଣସି ବିଷାକ୍ତ ପ୍ରାଣୀଙ୍କ ସାମ୍ନା କରିବା ଦ୍ୱାରା ଶିକ୍ଷକମାନେ ନିଜ ଜୀବନକୁ ବିପଦରେ ପକାଇବା ସହିତ ସମାନ। ପିଲାମାନଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ଏହା ଠିକ, କିନ୍ତୁ ଶିକ୍ଷକମାନଙ୍କ ଜୀବନର କ'ଣ ମୂଲ୍ୟନାହିଁ?'

### ଗୁଜରାଟରେ ନିର୍ଭୟା...

ଚିତ୍କାର କରିବାରୁ ଅଭିଯୁକ୍ତ ଜଣକ ଦୁଷ୍କର୍ମ ଉଦ୍ୟମରେ ବିଫଳ ହୋଇଥିଲା। ଏଥିରେ ରାଗି ଯାଇ ସେ ନାବାଳିକାଙ୍କ ଗୁପ୍ତାଙ୍ଗରେ ଲୁହା ରଡ ଭର୍ତ୍ତି କରି ଦେଇ ସେଠାରୁ ଫେରାର ହୋଇ ଯାଇଥିଲା। ଅତ୍ୟନ୍ତ ରକ୍ତସ୍ରାବ ଯୋଗୁ ନାବାଳିକା ଜଣଙ୍କ ସେହି ସ୍ଥାନରେ ହିଁ ଅଚେତ ହୋଇ ଯାଇଥିଲେ।

କିଛି ସମୟ ପରେ ଝିଅକୁ ନ ପାଇ ପରିବାର ଲୋକ ଖୋଜାଖୋଜି କରିବାରୁ ତାଙ୍କୁ ନିକଟସ୍ଥ ଗୋଟିଏ ପରତ୍ୟକ୍ତ ସ୍ଥାନରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ରାଜକୋଟର ଜାନ୍ନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଜରୁରୀ ଚିକିତ୍ସା ଯୋଗୁ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

ଅନ୍ୟପକ୍ଷରେ ଘଟଣାକୁ ଗୁରୁତର ସହ ନେଇଥିଲା ରାଜକୋଟ ଗ୍ରାମାଞ୍ଚଳ ପୁଲିସ୍। ୧୦ଟି ଟିମ ଗଠନ କରି ପୁଲିସ୍ ପ୍ରାୟ ୧୦୦ ଜଣ ସନ୍ଦିଗ୍ଧଙ୍କୁ ପଚରା ଉଚରା କରିଥିଲା। ବିଭିନ୍ନ ସ୍ଥାନରେ ପୁଲିସ୍ ରେଡ କରି ସନ୍ଦିଗ୍ଧଙ୍କୁ ଉଠାଇଥିଲା। ଶେଷରେ ୧୦୦ ଜଣଙ୍କ ମଧ୍ୟରୁ ୧୦ ଜଣ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କ ଆଗରେ ହାଜର କରାଯାଇଥିଲା।

ନାବାଳିକା ଜଣଙ୍କ ସେମାନଙ୍କ ମଧ୍ୟରୁ ତାଙ୍କ ସହ ଭୟଙ୍କର କାଣ୍ଡ ଘଟାଇଥିବା ରାକ୍ଷାସକୁ ଚିହ୍ନଟ କରିଥିଲେ। ନାବାଳିକାଙ୍କ ଚିହ୍ନଟ ପରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲା ରାମସିଂହ ତେରସିଂହ ଡାଡଓ୍ୱେଜାର। ସେ ଜଣେ ଦିନ ମୁଜୁରିଆ। ମଧ୍ୟପ୍ରଦେଶର ଅଲୀରାଜପୁର ଜିଲ୍ଲାରୁ ଆସି ସେ ରାଜକୋଟରେ କାମ କରୁଥିଲା। ମଧ୍ୟପ୍ରଦେଶରେ ରାମସିଂହର ପତ୍ନୀ ଓ ୩ ଜଣ ପିଲା ମଧ ରହିଛନ୍ତି।

ପୁଲିସର କହିବା କଥା ଯେ ରାମସିଂହ ବ୍ୟତୀତ ଘଟଣାରେ ଆଉ କାହାର ସଂପୃକ୍ତି ନାହିଁ। ନାବାଳିକାଙ୍କ ବାପା ମା' କାମ କରୁଥିବା କ୍ଷେତକୁ ଲାଗିଥିବା ଗୋଟିଏ ଜମିରୁ ହିଁ ରାମସିଂହକୁ ଗିରଫ କରାଯାଇଥିଲା।

### ତହସିଲଦାରଙ୍କ...

ଅଧିଗ୍ରହଣ କରିଥିଲେ ରାଜ୍ୟ ସରକାର। କ୍ଷତିପୂରଣ ବାବଦକୁ ତାଙ୍କୁ ୬ ଲକ୍ଷ ୭୪ ହଜାର ୬୨୪ ଟଙ୍କା ଦିଆଯିବା କଥା। ମାତ୍ର ଏହି ଟଙ୍କା ତାଙ୍କୁ ମିଳିନଥିଲା। ଯାହାକୁ ନେଇ ୨୦୧୩ ତାଙ୍କ ପୁଅ ଢେଙ୍କାନାଳ ସିଭିଲ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ରେ କ୍ଷତିଗ୍ରସ୍ତଙ୍କୁ ମୂଳ ସହ ସୁଧ ବାବଦକୁ ୧୨ଲକ୍ଷ ୧୫ହଜାର ୭୦୪ ଟଙ୍କା ପ୍ରଦାନ କରିବାକୁ ଲ୍ୟାଣ୍ଡ ଆକ୍ୟୁଜିସନ କମ୍ ତହସିଲଦାର ଢେଙ୍କାନାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୂଳ ଟଙ୍କା ୬ଲକ୍ଷ ୭୪ହଜାର ୭୨୪ଟଙ୍କା ଦେଇ ଚୁପ ବସିପିଡ଼ିଲେ ତହସିଲଦାର। କ୍ଷତିଗ୍ରସ୍ତ ଜମିହରା ପରିବାର ପୁଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟଙ୍କ କଡା ନିର୍ଦ୍ଦେଶ ଢେଙ୍କାନାଳ ତହସିଲଦାରଙ୍କୁ ଅଡୁଆରେ ପକାଇ ଦେଇଛି।

ଢେଙ୍କାନାଳ ତହସିଲଦାରଙ୍କ କାର୍ଯ୍ୟାଳୟର ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କୋର୍ଟଙ୍କ ଏପରି କଡା ଆଭିମୁଖ୍ୟ ସବୁ ଅମାନିଆ ସରକାରୀ ବାବୁଙ୍କ ପାଇଁ ଏକ ଚେତାବନୀ ସଦୃଶ ହୋଇଛି।

### ୭ ଜିଲାକୁ ଶୀତ...

ମହାନ୍ତି କହିଛନ୍ତି ରାଜ୍ୟରେ ଗତ ୨୪ଘଣ୍ଟାରେ ହେଲା ପାଗ ଶୁଖିଲା ରହିଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ଯାଏ ଶୀତ ଲହରୀ ଜାରି ରହିବ। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବାବେଳେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ଏଭଳି ପ୍ରଭାବ ରହିବ। ଆସନ୍ତା ୨୪ଘଣ୍ଟା ପାଇଁ ସୁନ୍ଦରଗଡ଼, କନ୍ଧମାଳ ଏବଂ ଝାରସୁଗୁଡାରେ ଘନ କୁହୁଡି ଦୃଶ୍ୟମାନ ହେବା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବାବେଳେ ସିମିଳିଗୁଡାରେ ୬.୨ଡିଗ୍ରୀ, ଫୁଲବାଣୀରେ ୬.୮ଡିଗ୍ରୀ, ଚିପିଲିମାରେ ୭.୩ଡିଗ୍ରୀ, ରାଉରକେଲାରେ ୭.୬ଡିଗ୍ରୀ, ଦାରିଙ୍ଗିବାଡି ଏବଂ ଝାରସୁଗୁଡାରେ ୮ଡିଗ୍ରୀ, ଅନୁଗୁଳ ଏବଂ ଭବାନୀପାଟଣାରେ ୯ଡିଗ୍ରୀ ଏବଂ କିରେଇରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୧୩.୭ଡିଗ୍ରୀ ଏବଂ କଟକରେ ୧୨.୬ଡିଗ୍ରୀ ତାପମାତ୍ରା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମୁଁ ମୋ ଭାଷଣର...

ନୁହେଁ, ବରଂ ଏକ ଏକର ପୈତୃକ ଜମିରେ ନିର୍ମିତ ଅନେକ ପରିବାରର ମିଳିତ ବାସସ୍ଥାନ। ତଥାପି, ପ୍ରତ୍ୟେକ ପରିବାରକୁ ପୃଥକ ଘର ନମ୍ବର ଦିଆଯାଇ ନଥିଲା, ତେଣୁ ସେମାନଙ୍କର ଘର ନମ୍ବର କେବଳ ୨୬୫। ଗୋଟିଏ ପରିବାରର ତିନି ପିଢ଼ି ଏକାଠି ରହୁଛନ୍ତି। ହରିୟାଣାରେ କଂଗ୍ରେସ ସରକାର ନିର୍ବାଚିତ ହେବା ପରଠାରୁ ଏହି ସଂଖ୍ୟା ସମାନ ରହିଛି। ଏହା ନକଲି ଘର ନୁହେଁ କିମ୍ବା ନକଲି ଭୋଟ ନୁହେଁ।'

ଅମିତ ଶାହ କହିଥିଲେ ଯେ ଏସ୍ଆଇଆର୍ ହେଉଛି ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ଏକ ପ୍ରକ୍ରିୟା। ସେ ଆହୁରି ମଧ କହିଥିଲେ ଯେ ଯଦି ଗଣତନ୍ତ୍ରରେ ନିର୍ବାଚନ ପରିଚାଳନାର ଆଧାର ଥିବା ଭୋଟର ତାଲିକା ଦୂଷିତ ହୁଏ, ତେବେ ନିର୍ବାଚନ କିପରି ସ୍ୱଚ୍ଛ ହୋଇପାରିବ? ଅମିତ ଶାହ କହିଥିଲେ ଯେ ସମୟ ସମୟରେ ଭୋଟର ତାଲିକାର ସମ୍ପୂର୍ଣ୍ଣ ସଂଶୋଧନ ଆବଶ୍ୟକ, ତେଣୁ ନିର୍ବାଚନ କମିଶନ ୨୦୨୫ରେ ଏସ୍ଆଇଆର୍ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ମହିଳାଙ୍କ ବିଷୟରେ...

ମିଡିଆରେ ଏହାର ବ୍ୟାପକ ସମାଲୋଚନା ହୋଇଥିଲା। ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଆଗ୍ରା ଜିଲା ସଭାପତି ମୀରା ରାଠୋର ଏହି ମାମଲା ରୁଜୁ କରିଛନ୍ତି। ସେ କହିଛନ୍ତି ଯେ ଏପରି ମନ୍ତବ୍ୟ ଧାର୍ମିକ ବ୍ୟକ୍ତିଙ୍କ ପାଇଁ ଶୋଭାପାଏ ନାହିଁ। ମୀରା ରାଠୋର ପ୍ରଥମେ ବୃନ୍ଦାବନ ପୋଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ, କିନ୍ତୁ କୌଣସି ଏଫ୍ଆଇଆର୍ ରୁଜୁ ହୋଇ ନ ଥିଲା। ଏହା ପରେ ସେ ସିଜେଏମ କୋର୍ଟରେ ଅଭିଯୋଗ କରିଥିଲେ, ଯାହାକୁ କୋର୍ଟ ଗ୍ରହଣ କରିଛନ୍ତି। ଆସନ୍ତା ଜାନୁଆରୀ ୧ ତାରିଖରେ କୋର୍ଟ ମୀରା ରାଠୋରଙ୍କ ବୟାନ ରେକର୍ଡ କରିବେ। ବିବାଦ ବଢ଼ିବା ପରେ ଅନିରୁଦ୍ଧାଚାର୍ଯ୍ୟ ଏକ ସ୍ପଷ୍ଟୀକରଣ ଜାରି କରିଥିଲେ। ସେ କହିଥିଲେ ଯେ ତାଙ୍କ କଥାକୁ ଖଣ୍ଡିତ କରି ପ୍ରକାଶ କରାଯାଇଛି ଏବଂ ପୁରୁଷ ଓ ମହିଳା ଉଭୟଙ୍କ ବିଷୟରେ ସେ ମନ୍ତବ୍ୟ ଦେଇଥିଲେ, କାହାକୁ ଅପମାନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା।

### ଦିଲ୍ଲୀରେ ଅଳିଆ...

ସାଜିଛି। ସହରାଞ୍ଚଳର ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଏହି ନିୟମକୁ ତୁରନ୍ତ ଏବଂ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ଦିଲ୍ଲୀବାସୀଙ୍କୁ ପ୍ରଦୂଷଣରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିପାରିବ।

## ମହାନଦୀ ପାଇଁ ଟ୍ରିବ୍ୟୁନାଲ ଯିବା ଭୁଲ ଥିଲା: ଜୟନାରାୟଣ

**ଭୁବନେଶ୍ୱର,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କମିଟି ସଦସ୍ୟ ଜୟନାରାୟଣ ମିଶ୍ର ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ଟ୍ରିବ୍ୟୁନାଲ ଯିବା ଭୁଲ ନିଷ୍ପତ୍ତି ଥିଲା, ରାଜନୈତିକ ସମାଧାନ ଆବଶ୍ୟକ। ନୀତିନ ଗଡକରୀ ସମାଧାନ ପାଇଁ ଡାକିଥିଲେ, ସମାଧାନ କଲେନି। ସେତେବେଳେ ରାଜନୈତିକ ସମାଧାନ ନକରି କାହିଁକି ଟ୍ରିବ୍ୟୁନାଲ ଗଲେ ଜାଣିନି। ଟ୍ରିବ୍ୟୁନାଲକୁ ଯିବା ଦ୍ୱାରା ବିବାଦର ସମାଧାନର ପ୍ରକ୍ରିୟା ବିଳମ୍ବ ହୋଇଛି। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତ ଯୋଗ୍ୟ। ଜୟନାରାୟଣ କହିଛନ୍ତି ଆମେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବୁ ସମାଧାନ ପାଇଁ। ଛତିଶଗଡ ଯେମିତି ବ୍ୟାରେଜ କରିଲା, ଓଡିଶା ସରକାର ସେମିତି କରିବାର ଥିଲା। ହୀରାକୁଦ ବନ୍ଧର ତଳମୁଣ୍ଡରେ ଆହୁରି ବ୍ୟାରେଜ ନିର୍ମାଣ କରିବା କଥା। ରାଜନୈତିକ ସମାଧାନ ହୋଇଗଲେ ମହାନଦୀ ଜଳ ବିବାଦ ତୁଟିବ।

## ଓଡ଼ିଶାରେ ୪୭ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ

**ନୂଆଦିଲ୍ଲୀ,୧୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମଞ୍ଜୁରି ମିଳିଛି। ଏଥିମଧ୍ୟରୁ ୪୭ଟି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇସାରିଥିବା ବେଳେ ୬୪ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଛି। କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଆଜି ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣରେ ବିଳମ୍ବର ମୁଖ୍ୟ କାରଣ ହେଉଛି ଉପଯୁକ୍ତ ଜମି ଉପଲବ୍ଧ ନହେବା, ସଠିକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାନଯିବା ଏବଂ ଭୌଗଳିକ ସମସ୍ୟା। ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସମିତି (ଏନଇଟିଏସ) ସର୍ବଭାରତୀୟ ସ୍ତରରେ ଏକଲବ୍ୟ ବିଦ୍ୟାଳୟ କର୍ମଚାରୀ ଚୟନ ପରୀକ୍ଷା (ଇଏସଏସଇ)-୨୦୨୩ ମାଧ୍ୟମରେ ୧୦,୩୯୧ ପଦବିରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଥମ ଅଭିଯାନ କାର୍ଯ୍ୟକାରୀ କରୁଛି। ଏହା ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ମନୋନୀତ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ୭,୨୬୭ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବି ପୂରଣ ପାଇଁ ଇଏସଏସଇ-୨୦୨୫ର ବିଜ୍ଞପ୍ତି ମଧ ଜାରି କରାଯାଇଛି। ଏହାସହିତ କର୍ମଚାରୀମାନଙ୍କୁ ଡେପୁଟେସନରେ ଏବଂ ଆଉଟସୋର୍ସିଂ ଆଧାରରେ ନିୟୋଜିତ କରିବା ଲାଗି ରାଜ୍ୟ ସରକାରଙ୍କୁ ମଧ ପରାମର୍ଶ ଦିଆଯାଇଛି, ଯାହାଦ୍ୱାରା ଶୈକ୍ଷିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବ ନାହିଁ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପାଠାଗାର, ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗଶାଳା, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ଆବାସିକ ସୁବିଧା, କ୍ରୀଡା, କଳା ଏବଂ ସଙ୍ଗୀତ ଭଳି କାର୍ଯ୍ୟକଳାପ ନିମନ୍ତେ ସୁବିଧା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୃତ୍ତିଗତ ତାଲିମ ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଛି। ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ତାଲିମ କାର୍ଯ୍ୟକ୍ରମ ଏବଂ କର୍ମଶାଳା ମଧ ଆୟୋଜିତ କରାଯାଉଛି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ